# CLASS-XI
# COMMERCE



# Work Book Cum Question Bank with Answers

# M.I.L. (ODIA)

SCHEDULED CASTES & SCHEDULED TRIBES
RESEARCH & TRAINING INSTITUTE (SCSTRTI)
ST & SC DEVELOPMENT DEPARTMENT
BHUBANESWAR

# WORK BOOK CUM
# QUESTION BANK WITH ANSWERS

# M.I.L. (ODIA)

## CLASS - XI


*Compiled by :*

**Dr. Nishamani Swain,** M.A., Ph.D.
Retired Principal
D. R. College, Nayapalli, Bhubaneswar



**SCHEDULED TRIBE & SCHEDULED CASTE
DEVELOPMENT DEPARTMENT**
**GOVERNMENT OF ODISHA**

***Prepared by***

**SCHEDULED CASTES & SCHEDULED TRIBES
RESEARCH AND TRAINING INSTITUTE**
**BHUBANESWAR – 751OO3**

**2020**

# ସୂଚୀପତ୍ର


| ବିଷୟ | ପୃଷ୍ଠା ସଂଖ୍ୟା |
|---|---|
| • M.I.L. (Odia) (1st Year) Syllabus | ୧ – ୨ |
| • ଆଧୁନିକ ଭାରତୀୟ ଭାଷା ଏବଂ ଓଡ଼ିଆ | ୩–୬ |
| • ପ୍ରଥମ ଏକକ : ପ୍ରବନ୍ଧ ବିଭାଗ | ୭–୧୪ |
| • ପ୍ରଥମ ଏକକ : ପ୍ରବନ୍ଧ ବିଭାଗ (ଉତ୍ତର) | ୧୫–୨୨ |
| • ଦ୍ୱିତୀୟ ଏକକ : କବିତା ବିଭାଗ | ୨୩–୩୦ |
| • ଦ୍ୱିତୀୟ ଏକକ : କବିତା ବିଭାଗ (ଉତ୍ତର) | ୩୧–୩୮ |
| • ତୃତୀୟ ଏକକ : ଏକାଙ୍କିକା ବିଭାଗ | ୩୯–୪୬ |
| • ତୃତୀୟ ଏକକ : ଏକାଙ୍କିକା ବିଭାଗ (ଉତ୍ତର) | ୪୭–୫୪ |
| • ଚତୁର୍ଥ ଏକକ : ବୋଧଜ୍ଞାନ ପରୀକ୍ଷଣ | ୫୫ |
|   • ଗଦ୍ୟ ବିଭାଗ | ୫୫–୬୧ |
|   • ପଦ୍ୟ ବିଭାଗ | ୬୨–୬୬ |
|   • ସମ୍ବାଦ ଲିଖନ | ୬୭–୬୯ |
|   • ପ୍ରବନ୍ଧ | ୭୦–୭୨ |
|   • ପ୍ରତଲିଖନ | ୭୩–୭୬ |
|   • ବ୍ୟାକରଣ | ୭୭–୮୨ |


***

# M.I.L. (Odia) (1st Year) Syllabus

## ପ୍ରଥମ ଏକକ - ଗଦ୍ୟ (୧୬ ପିରିଅଡ୍)

୧. 'ଶରଣ୍ଣୁ ପଦର' - ଗୋପୀନାଥ ମହାନ୍ତି

୨. ଝେଲମ୍ ନଦୀରେ ସଂଧ୍ୟା - କୁଞ୍ଜବିହାରୀ ଦାଶ

୩. ମଧୁବାବୁ - ଚିନ୍ତାମଣି ଆଚାର୍ଯ୍ୟ

୪. ଗାଁ ମଜଲିସ୍ - ହରେକୃଷ୍ଣ ମହତାବ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ ।
  ଏହାର ମୂଲ୍ୟ ୧ x ୫ = ୫ ନମ୍ବର ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୧ x ୩ = ୩ ନମ୍ବର ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୨ x ୨ = ୪ ନମ୍ବର ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୩ x ୧ = ୩ ନମ୍ବର ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ ।
  ଏହାର ମୂଲ୍ୟ ୫ ନମ୍ବର ।

## ଦ୍ୱିତୀୟ ଏକକ - ପଦ୍ୟ (୧୬ ପିରିଅଡ୍)

୧. ସାହାଡ଼ା ବୃକ୍ଷ - ସାରଳା ଦାସ

୨. ଶାପ ମୋଚନ - ଜଗନ୍ନାଥ ଦାସ

୩. ହିମକାଳ - ଦୀନକୃଷ୍ଣ ଦାସ

୪. ମିତ୍ରତା - ଉପେନ୍ଦ୍ର ଭଞ୍ଜ

୫. ପଯରେ ପଶୁଛି ଶରଣ - ଭୀମଭୋଇ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ ।
  ଏହାର ମୂଲ୍ୟ ୧ x ୫ = ୫ ନମ୍ବର ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୧ x ୩ = ୩ ନମ୍ବର ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୨ x ୨ = ୪ ନମ୍ବର ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୩ x ୧ = ୩ ନମ୍ବର ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ ।
  ଏହାର ମୂଲ୍ୟ ୫ ନମ୍ବର ।

## ତୃତୀୟ ଏକକ - ଗଦ୍ୟ (୧୬ ପିରିଅଡ୍)

୧. ଅତ୍ୟାଚାରିତ - ପ୍ରାଣବନ୍ଧୁ କର

୨. ଭାଲୁ ଉପଦ୍ରବ - ବିଜୟ ମିଶ୍ର

୩. ସୀମିତ ସମ୍ପର୍କ - କାର୍ତ୍ତିକ ଚନ୍ଦ୍ର ରଥ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥି ମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ ।
  ଏହାର ମୂଲ୍ୟ ୧ x ୫ = ୫ ନମ୍ବର ।
- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ ।
  ଏହାର ମୂଲ୍ୟ ୧ x ୩ = ୩ ନମ୍ବର ।

- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୨ x ୨=୪ ନମ୍ବର।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୩ x ୧ = ୩ ନମ୍ବର।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।
  ଏହାର ମୂଲ୍ୟ ୫ ନମ୍ବର।

## ଚତୁର୍ଥ ଏକକ - ବୋଧଜ୍ଞାନ (୧୬ ପିରିଅଡ଼)

୧. ଅବବୋଧ ପରୀକ୍ଷଣ

(କ) ଗଦ୍ୟାଂଶ

(ଖ) ପଦ୍ୟାଂଶ

୨. ସମ୍ବାଦ ଲିଖନ

(କ) ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। ସେଥିରୁ ପ୍ରଥମ ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
ଏହାର ମୂଲ୍ୟ ୧ x ୪ = ୪ ନମ୍ବର।

ପୁନଶ୍ଚ

ସେଥିରୁ ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
ଏହାର ମୂଲ୍ୟ ୨ x ୩ = ୬ ନମ୍ବର।

(ଖ) ଗୋଟିଏ ଅଜ୍ଞାତ କବିତା ଦିଆଯିବ। ସେଥିରୁ ୫ଟି ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

ଏହାର ମୂଲ୍ୟ ୧ x ୫ = ୫ନମ୍ବର।

(ଗ) ସାଂପ୍ରତିକ ଘଟଣାକ୍ରମକୁ ଆଧାର କରି ସମ୍ବାଦ ପ୍ରସ୍ତୁତ କରାଯିବ। ଦୁଇଟି ପ୍ରଶ୍ନ ମଧ୍ୟରୁ ଗୋଟିକର ଉତ୍ତର ଦେବାକୁ ହେବ ୧୫୦ ଶବ୍ଦ ମଧ୍ୟରେ।
ଏହାର ମୂଲ୍ୟ ୫ x ୧ = ୫ ନମ୍ବର।

## ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ (୧୬ ପିରିଅଡ଼)

(କ) ପ୍ରବନ୍ଧ

(ଖ) ପତ୍ର ଲିଖନ

(ଗ) ବ୍ୟାକରଣ

ପଦ ପ୍ରକରଣ - ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା

- ପ୍ରବନ୍ଧରୁ ତିନୋଟି ପ୍ରଶ୍ନ ଦିଆଯିବ। ସେଥରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୫୦ ରୁ ୨୦୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ x ୧ = ୫ ନମ୍ବର।
- ପତ୍ର ଲିଖନରୁ ଦୁଇଟି ପ୍ରଶ୍ନ ଦିଆଯିବ। ସେଥିରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ହେବ।

  ଏହାର ମୂଲ୍ୟ ୫ x ୧ = ୫ ନମ୍ବର
- ପଦ ପ୍ରକରଣରୁ ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟାରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ।

  ଏହାର ମୂଲ୍ୟ ୧ x ୨ = ୨, ୧ x ୨ = ୨, ୧ x ୨= ୨, ୧ x ୨ = ୨, ୧ x ୨ = ୨ = ୧୦ ନମ୍ବର।

# ଆଧୁନିକ ଭାରତୀୟ ଭାଷା ଏବଂ ଓଡ଼ିଆ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପ୍ରଚଳିତ ପାଠ୍ୟକ୍ରମର ପ୍ରତ୍ୟେକ ଶାଖାରେ ଦୁଇଟି ଲେଖାଏଁ ବାଧ୍ୟତାମୂଳକ ବିଷୟ ଅନ୍ତର୍ଭୁକ୍ତ । ସେଥିମଧ୍ୟରୁ ଏମ୍.ଆଇ.ଏଲ୍. (M.I.L. - Modern Indian Language) ଆଧୁନିକ ଭାରତୀୟ ଭାଷା ଗୋଟିଏ । ଭାରତ ବର୍ଷରେ ଯେକୌଣସି ପ୍ରଦେଶରେ ପ୍ରଚଳିତ ଯେ କୌଣସି ଆଧୁନିକ ଭାଷା ଯାହା ଓଡ଼ିଶା ମାଧ୍ୟମିକ ପରିଷଦଦ୍ୱାରା ସ୍ୱୀକୃତ ହୋଇଥିବ – ତା'କୁ ଗୋଟିଏ ବିଷୟ ଭାବରେ ପରିକ୍ଷାର୍ଥୀମାନେ ଗ୍ରହଣ କରିପାରିବେ ।

ଆମେ ଓଡ଼ିଶାରେ ଓଡ଼ିଆ ଭାଷାକୁ ଏମ୍.ଆଇ.ଏଲ୍. ବିଷୟ ଭାବରେ ଗ୍ରହଣ କରିଥିବାର ଦେଖାଯାଏ । ଅବଶ୍ୟ ଏହା ସହିତ ଅନ୍ୟାନ୍ୟ କେତେକ ଭାଷାକୁ ଏହି ବିଷୟ ଭାବରେ ଗ୍ରହଣ କରାଯାଉଛି । ତେବେ ଓଡ଼ିଶାରେ ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରି ଏହାକୁ ଅଧିକାଂଶ ଛାତ୍ରଛାତ୍ରୀ ଗ୍ରହଣ କରିଥା'ନ୍ତି । ଏଥିପାଇଁ କେତୋଟି କାରଣ ପରିଲକ୍ଷିତ ହୁଏ ।

ଓଡ଼ିଆ ଭାଷା ଓଡ଼ିଶା ପ୍ରଦେଶର ରାଜ୍ୟଭାଷା । ସରକାରୀ ସ୍ତରରେ ସମସ୍ତ କାର୍ଯ୍ୟାଳୟର ବ୍ୟବହୃତ ଭାଷା ଭାବେ ଏହାକୁ ପ୍ରାଧାନ୍ୟ ଦିଆଯାଇଛି । ଏପରିକି ଅନ୍ୟ ପ୍ରଦେଶରୁ ଅନ୍ୟ ଭାଷାଭାଷୀ ବ୍ୟକ୍ତି ଓଡ଼ିଶାରେ ସରକାରୀ ଚାକିରୀ କରିବାକୁ ହେଲେ ସେମାନଙ୍କୁ ସପ୍ତମ ଶ୍ରେଣୀ ମାନକର ଓଡ଼ିଆ ଶିକ୍ଷାର ଏକ ପ୍ରମାଣପତ୍ର ମଧ୍ୟ ଦେବାକୁ ହୋଇଥାଏ ।

ଏହି କ୍ରମରେ ମାଧ୍ୟମିକ, ଉଚ୍ଚମାଧ୍ୟମିକ ଏପରି ବିଶ୍ୱବିଦ୍ୟାଳୟ ସ୍ତରରେ କିମ୍ବା ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷାରେ ଏହି ଭାଷାରେ ମଧ୍ୟ ପରୀକ୍ଷା ଦେବାର ବନ୍ଦୋବସ୍ତ ଅଛି ।

ପୁନଶ୍ଚ ଏହା ଓଡ଼ିଶା ପ୍ରଦେଶରେ ବାସକରୁଥିବା ପ୍ରତ୍ୟେକ ବ୍ୟକ୍ତିର ମାତୃଭାଷା ।

ଏବଂ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ସମଗ୍ର ଭାରତ ବର୍ଷରେ ପ୍ରଚଳିତ ଭାଷା ଭିତ୍ତିରେ ପ୍ରଦେଶ ଗଠନର ଶ୍ରେୟ ସର୍ବପ୍ରଥମେ ଓଡ଼ିଶାକୁ ହିଁ ଯାଏ ।

ରାଜନୈତିକ ଦୃଷ୍ଟିକୋଣରୁ, ସ୍ୱାଭିମାନତା ବଜାୟ ରଖି ଏହି ଓଡ଼ିଆ ଭାଷାକୁ ଆଧୁନିକ ଭାରତୀୟ ଭାଷା ଭାବେ ଗ୍ରହଣ କରି ନିଜର ଉଚ୍ଚ ମାତୃଭାଷା ଓ ଜନ୍ମଭୂମି ପ୍ରତି ଶ୍ରଦ୍ଧା ପ୍ରକଟନ କରିବା କମ୍ ଶ୍ଳାଘ୍ୟ ନୁହେଁ । ପୁଣି ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା ।

ପ୍ରକୃତରେ ଭାଷା ହେଉଛି ଏକ ସଙ୍କେତ । ମନର ଭାବ ପ୍ରକାଶ ପାଇଁ କିଛି ଅକୁହା ସଙ୍କେତ ବ୍ୟବହାର କରାଯାଏ । ଆଉ କିଛି ଧ୍ୱନି ମାଧ୍ୟମରେ କରାଯାଏ । ମଣିଷର ଫୁସ୍‌ଫୁସ୍‌ରୁ ବାହାରକୁ ଆସୁଥିବା ବାୟୁ ପ୍ରବାହ ଗଳା, କଣ୍ଠ, ତାଲୁ, ମୂର୍ଦ୍ଧା, ଦାନ୍ତ, ଜିଭ ଇତ୍ୟାଦି ସାହାଯ୍ୟ ନେଇ ଯେଉଁ ସବୁଧ୍ୱନି ସୃଷ୍ଟି କରନ୍ତି ସେଗୁଡ଼ିକର ସମନ୍ୱୟରେ ଅର୍ଥ ପ୍ରକାଶିତ ହେଲେ ତାହାକୁ ବାଚକ ସଙ୍କେତ ବା ଭାଷା କହନ୍ତି । ଦି ଜଣ ଲୋକ ଗୋଟିଏ କଥାକୁ ଠିକ୍ ଏକାପରି କହିବା ଟିକେ କଷ୍ଟ । ମୁଖ ଗହ୍ୱରର ଭାଷଣ ଯନ୍ତ୍ର ଗଠନର ତାରତମ୍ୟ ଏହାର କାରଣ ହୋଇପାରେ ।

ବାସ୍ତବରେ ଭାଷା ସଂସ୍କୃତିର ବାହକ । ଜଣେ ଲୋକଙ୍କ ଭାଷାରୁ ତାଙ୍କର ଅଞ୍ଚଳ ଜଣାଯାଏ । ତାଙ୍କର ଶିକ୍ଷା, ଶାଳୀନତା, ରଚିବୋଧ ଜଣାପଡ଼େ । ତାଙ୍କର ସଂଗୀତ, କଥା, ଗୌରବ ଗାଥା, ଇତିହାସ ଇତ୍ୟାଦି ସବୁ ଜଣାଯାଏ । ତେଣୁ ଭାଷାଶିକ୍ଷା ଓ ତା'ର ଶୁଦ୍ଧପ୍ରୟୋଗ, ଇତ୍ୟାଦି ନିତାନ୍ତ ଆବଶ୍ୟକ । ପୁଣି ମାତୃଭାଷା ଶିକ୍ଷା, ପରିଚିତି, ତା'ର ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହା ସ୍ୱାଭିମାନର କଥା କହେ। କାରଣ ଏଇ ଭାଷାରେ ସେ ପ୍ରଥମେ ନିଜକୁ ନିର୍ବିବାଦରେ ପ୍ରକାଶ କରିପାରେ। ତା'ର ଚତୁର୍ପାଶ୍ୱର ସାହି, ପଡ଼ିଶା, ଗଳିକନ୍ଦି, ସହର ବଜାରରେ ଚଳପ୍ରଚଳ ହେବାରେ ତାକୁ ସାହାଯ୍ୟ କରେ। ଏଇଥିରେ ଆକଟ ପାଏ, ଆଦର ପାଏ, ଗାଳିଖାଏ। ଏଇଥିରେ ଆତଯାତ ହୋଇ ସେ ଜୀବନ ବିତାଏ। ତାହା ତା'ର ଜୀବନ ହୋଇଥାଏ। ଜୀବନ ବଞ୍ଚିବାର ଏକ ବଳିଷ୍ଠ ମାଧ୍ୟମ ହୋଇଯାଏ।

ଏଇ କ୍ରମରେ ଆମ ଭାଷାର ଉତ୍ପତ୍ତି ସମ୍ପର୍କରେ ଟିକେ ଜାଣିବା ଆବଶ୍ୟକ। ପୃଥିବୀରେ ବହୁ ଭାଷାର ବ୍ୟବହାର ଦେଖାଯାଏ। ଭାରତ ବର୍ଷରେ ମଧ୍ୟ ଅନେକ ଭାଷାର ପ୍ରଚଳନ ଦେଖାଯାଏ। ସେଗୁଡ଼ିକର ବ୍ୟବହାରଗତ ସାଦୃଶ୍ୟ ଓ ଗଠନଗତ ବୈଶିଷ୍ଟ୍ୟକୁ ବିଚାର କରି ସେଗୁଡ଼ିକୁ ଭାଷା ପରିବାରର ଅନ୍ତର୍ଭୁକ୍ତ କରାଯାଇଛି। ଭାରତରେ ପ୍ରଚଳିତ ଭାଷା ପରିବାରମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ସଦସ୍ୟ ଥିବା ପରିବାରଟି ହେଉଛି ଭାରତୀୟ ଆର୍ଯ୍ୟଭାଷା ପରିବାର। ଭାଷାତତ୍ତ୍ୱବିତ୍‌ମାନେ ଏହି ପରିବାରର ସଦସ୍ୟ ଭାବରେ ଓଡ଼ିଆ ଭାଷାକୁ ଗ୍ରହଣ କରିଥାନ୍ତି। ବିଭିନ୍ନ କାରଣରୁ ଭାଷାର ରୂପରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ସେହିପରି ଏହି ଭାରତୀୟ ଆର୍ଯ୍ୟଭାଷାର ପରିବର୍ତ୍ତନର ଧାରାକୁ ଅନୁଧ୍ୟାନ କଲେ ଜଣାଯିବଯେ ଏହା ତିନୋଟି ସ୍ତର ଦେଇ ବିବର୍ତ୍ତିତ ହୋଇଛି।

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାସ୍ତର - ଏହି ସ୍ତରର ଆଦ୍ୟରୂପ - ବୈଦିକ ସଂସ୍କୃତ। ପରେ ଏହା ଲୌକିକ ଓ ଲିଖିତ ସଂସ୍କୃତ ରୂପରେ ବିବର୍ତ୍ତିତ ହୋଇଛି।

ଏହାର ଦ୍ୱିତୀୟ ସ୍ତର ହେଉଛି ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା। ପ୍ରାକୃତ, ପାଲି ଏବଂ ଅପଭଂଶ ଏହି ସ୍ତରର ଭାଷାର ରୂପ - ଏବଂ ତୃତୀୟ ସ୍ତର ହେଉଛଇ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା। ଅପଭ୍ରଂଶ ଭାଷା ବିଭିନ୍ନ ଆଞ୍ଚଳିକ ବୈଭିନ୍ନ୍ୟ ଓ ବୈଶିଷ୍ଟ୍ୟ ନେଇ ବିଭିନ୍ନ ରୂପରେ ପରିଚିତ। ସେଥିମଧ୍ୟରୁ ପୂର୍ବ ସମାଧି ଅପଭ୍ରଂଶର ତିନୋଟି ରୂପ ଦେଖାଯାଏ - ଓଡ଼ିଆ, ବଙ୍ଗଳା ଏବଂ ଅହମୀୟା।

ଏ ଭାଷାଗୁଡ଼ିକର ଆଦିମତମ ରୂପଚର୍ଯ୍ୟା ଗୀତିକା ବା ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ପରିଲକ୍ଷିତ ହୁଏ। ମାତ୍ର ଓଡ଼ିଆ ଭାଷା ତା'ର ସ୍ୱକୀୟ ମର୍ଯ୍ୟାଦା ଓ ଆ୍ଧୁନିକତମ ରୂପ ପଞ୍ଚଦଶ ଶତାବ୍ଦୀର ସାରଳା ଦାସଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା। ସେଦିନ ଓ ଆଜି ଭିତରେ କାଳର ବ୍ୟବଧାନରେ ଭାଷାର ପରିବର୍ତ୍ତନ ଘଟିଛି। ବିଭିନ୍ନ ଶାସକମାନଙ୍କ ସଂସ୍ପର୍ଶରେ ଆସି ନୂତନ ଶବ୍ଦାବଳୀ, ଆହରଣ କରିଛି। ଅନ୍ୟ ଭାଷାଭାଷିଙ୍କ ସହିତ ବାଣିଜ୍ୟିକ, ସାଂସ୍କୃତିକ, ଓ ଜୀବନଧାରଣ ସୂତ୍ରର ସଂସ୍ପର୍ଶରେ ଆସି ନିଜକୁ ସମୃଦ୍ଧ କରିଛି। ସେଥିପାଇଁ ଆଜି ଆମେ କୌଣସି ଭାଷାର ମୌଳିକ ରୂପକୁ ଦେଖିବାକୁ ପାଇବା ନାହିଁ। ଓଡ଼ିଆ ଭାଷାରେ ଆଜି ପ୍ରଚଳିତ ଥିବା ଶବ୍ଦାବଳୀକୁ ତେଣୁ ତତ୍‌ସମ (ସଂସ୍କୃତ ଭଳି), ତଦ୍‌ଭବ (ସଂସ୍କୃତରୁ ବିବର୍ତ୍ତିତ) ଦେଶଜ (କିଛି ଖାଣ୍ଟିଓଡ଼ିଆ), ବୈଦେଶିକ (ବିଦେଶୀ ଭାଷା, ଇଂରାଜୀ, ପର୍ତ୍ତୁଗୀଜ, ଆରବିକ୍, ପାର୍ଶୀ (ଯାବନିକ) ଇତ୍ୟାଦି ଭାଗରେ ବିଭକ୍ତ କରାଯାଏ। ପୁଣି ଭାରତରେ ପ୍ରଚଳିତ ଦ୍ରାବିଡ଼ ଭାଷାଗୋଷ୍ଠୀ, ଅଷ୍ଟ୍ରିକ ଭାଷାଗୋଷ୍ଠୀ (ମୁଣ୍ଡାରୀ ଗୋଷ୍ଠୀ - ଆଦିବାସୀ ଭାଷା) ଓ ଚୈନିକ ତିବ୍‌ବତୀୟ ଭାଷାଗୋଷ୍ଠୀର ଶବ୍ଦାବଳୀ ମଧ୍ୟ ଓଡ଼ିଆ ଭାଷାରେ ଦେଖିବାକୁ ମିଳେ।

ସାରଳା ଦାସଙ୍କ ଦ୍ୱାରା ମର୍ଯ୍ୟାଦାପ୍ରାପ୍ତ ଭାଷାରେ ସୃଷ୍ଟ ସାହିତ୍ୟିକ ପରମ୍ପରାକ୍ରମେ ପଞ୍ଚସଖା ଯୁଗର ସାଧନଗ୍ରନ୍ଥ ଓ ଆଖ୍ୟାନଗ୍ରନ୍ଥ ଭାବରେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କ ଦ୍ୱାରା ସମୃଦ୍ଧ ହେଲା। ତା'ପରେ ଆସିଲା ରୀତିଯୁଗ ବା କାବ୍ୟଯୁଗ। ସଂସ୍କୃତ କାବ୍ୟ ପରମ୍ପରାର ଅନୁସରଣରେ ସୃଷ୍ଟକାବ୍ୟ ପରମ୍ପରା - ଉପେନ୍ଦ୍ର, ଦୀନକୃଷ୍ଣ ଅଭିମନ୍ୟୁ ଇତ୍ୟାଦିଙ୍କ ଦ୍ୱାରା ଉତ୍କର୍ଷ ଲାଭକଲା। ପରେ ପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ପ୍ରଭାବିତ ସାହିତ୍ୟିକ ଧାରା।

ରାଧାନାଥ, ଫକୀରମୋହନ, ଗଙ୍ଗାଧର, ମଧୁସୂଦନ, ନନ୍ଦକିଶୋରଙ୍କ ନେତୃତ୍ୱରେ ସାହିତ୍ୟର ରୂପ ଓ ଆତ୍ମା ପରିବର୍ତ୍ତିତ ହେଲା। ଆମେ କହିଲୁ ଆଧୁନିକ ଯୁଗ। ରଚନା କରାହେଲା କବିତା, କାବ୍ୟ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ନାଟକ ଇତ୍ୟାଦି।

ପରେ ଆସିଲେ ଆହୁରି ପଞ୍ଚସଖା। ସ୍ୱାଧୀନତା ସଂଗ୍ରାମକୁ ଆଖିଆଗରେ ରଖି ଜାତି ଗଠନ ପାଇଁ ସାହିତ୍ୟିକ ଧାରାରେ ପରିବର୍ତ୍ତନ ଆଣିଲେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର। ଏଇଠି ସାହିତ୍ୟରେ ନୀତିଧର୍ମିତା, ଆଦର୍ଶବାଦିତା, ପ୍ରଚାରଧର୍ମିତା ପ୍ରବେଶ କଲା। ଏ ଯୁଗକୁ କୁହାଗଲା ସତ୍ୟବାଦୀ ଯୁଗ।

ପରେ ପରେ ପାଶ୍ଚାତ୍ୟ ସାହିତ୍ୟିକ ଜଗତରେ ବିଶ୍ୱ ମାନବର କଥା, ଭାବନା, ଯନ୍ତ୍ରଣା, ଦୁଃଖ ଇତ୍ୟାଦି ରୂପାୟିତ ହେଲା। ବାସ୍ତବତାର କଠୋରତାରେ ବିବ୍ରତ ମଣିଷ ଶାନ୍ତି, ସନ୍ତୋଷ ପାଇଁ କଳ୍ପନା ରାଜ୍ୟକୁ ପଳାୟନର ବାଟ ଖୋଜିଲା। ଯେଉଁଠି ନ ଥିବ ହିଂସା, ଦ୍ୱେଷ, ଅମାନବିକତା, ବିଦ୍ୱେଷ, ଅସହାୟତା – ସବୁଠି ସବୁଜିମାର ରାଜୁତି। ଜୀବନର କଥା – କଳ୍ପିତ ଆନନ୍ଦର କଥା – ଏ ଯୁଗର ମୁଖ୍ୟ କବି ଓ ସଞ୍ଚାଳକ ଥିଲେ – ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ଶରତ୍‌ଚନ୍ଦ୍ର, କାଳିନ୍ଦୀଚରଣ, ହରିହର।

ପୁଣି ଆସିଲା ନୂତନ ଜୀବନ ସଂଗ୍ରାମର କାହାଣୀ। ଖଟିଖିଆ ମେହେନତି ମଣିଷର କଥା, ଶିଳ୍ପବିକାଶର ଧଳାଧୂଆଁ ତଳେ ନିଷ୍ପେଷିତ ସାଧାରଣ ଜୀବନର ସ୍ୱପ୍ନାହତର କଥା। ବାସ୍ତବ ଜୀବନଯୁଦ୍ଧରେ ପେଷି ହେଇଯାଇଥିବା, ସ୍ୱପ୍ନଭଙ୍ଗର ପୀଡ଼ା ଜର୍ଜରିତ ରୁଗ୍‌ଣମାନସିକତାରେ ପିଷ୍ଟ ମଣିଷର କଥା। ଯାହାକୁ କୁହାଗଲା ପ୍ରଗତିବାଦୀ ସାହିତ୍ୟର ଯୁଗ। ଭଗବତୀଚରଣ ପାଣିଗ୍ରାହୀ, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ ଇତ୍ୟାଦି ଇତ୍ୟାଦି ଅନେକ ସାହିତ୍ୟିକ ଉପନ୍ୟାସରେ, ଗଳ୍ପରେ, କବିତାରେ, ନାଟକରେ, କାବ୍ୟରେ, ପ୍ରବନ୍ଧରେ, ଏକାଙ୍କିକାଶରେ ମଣିଷର ସ୍ୱପ୍ନ, ଦୁଃଖ, କଳ୍ପିତ ସୁଖଲୋକ, ସବୁର କଥା କହିବାକୁ ଲାଗିଲେ। ସାହିତ୍ୟ ବ୍ୟକ୍ତିଗତ ଅନୁଭୂତିର ଗନ୍ତାଘର ପାଲଟିଗଲା। ବ୍ୟକ୍ତି ଭିତରେ ବିଶ୍ୱମାନବିକତା ଓ ବିଶ୍ୱମାନବଶୀଳତାର ପ୍ରତିବିମ୍ବନରେ ପୂରିଉଠିଲା ସାହିତ୍ୟର ଯାତ୍ରା।

ପୁଣି ଆସିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସାହିତ୍ୟିକ ଧାରା। ଯେଉଁଠି ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱର ଅନୁବର୍ତ୍ତନରେ ଝଲସି ଉଠିଲା ଓଡ଼ିଆ ସାହିତ୍ୟ ଗ୍ରନ୍ଥ। ସବୁଠି କିନ୍ତୁ ମଣିଷର ଭିଡ଼। ଆନନ୍ଦ ଖୋଜିହେଉଥିବା, ନିଜ ଭିତରେ କେଉଁ ଅଜଣା ସ୍ୱପ୍ନପ୍ରାପ୍ତିର ଦୌଡ଼, ପାରିବାରିକ ଶାନ୍ତି ଓ ଅଶାନ୍ତିର କାହାଣୀ, ସବୁଠି କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରବନ୍ଧକାର ଇତ୍ୟାଦିଙ୍କର ଚର୍ଚ୍ଚା ଓଡ଼ିଆ ସାହିତ୍ୟକୁ ପ୍ରାଣବନ୍ତ କରିପାରିଲା। କୁନ୍ତଳାକୁମାରୀ ସାବତ୍, ଡକ୍ଟର ମାୟାଧର ମାନସିଂ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆର୍ତ୍ତବଲ୍ଲଭ ମହାନ୍ତି, ବିପିନ୍‌ବିହାରୀ ରାୟ, ଗିରିଜାଶଙ୍କର ରାୟ – ପୁଣି ଆସିଲେ ଅଶ୍ୱିନୀ କୁମାର ଘୋଷ, କାଳୀଚରଣ, ଗୋପୀନାଥ ମହାନ୍ତି, କାହ୍ନୁଚରଣ, ସୁରେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର, ହରେକୃଷ୍ଣ ମହତାବ, ରବି ସିଂ, ସୌଭାଗ୍ୟ ମିଶ୍ର, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ଶତପଥୀ, ପ୍ରତିଭା ରାୟ – ଏମିତି ଆହୁରି କେତେ।

ସବୁଠି କିନ୍ତୁ ଗୋଟିଏ କଥା ଗୋଟିଏ ବ୍ୟଥା। କଥାଟି ହେଲା ସମାଜକୁ ସରସ ସୁନ୍ଦର, ସୁଷ୍ଠୁ, ଜୀଇଲାଭଳି ଲୋଭନୀୟ କରିବାର ଆଗ୍ରହ। ବ୍ୟଥାଟି ହେଲା ଏଇ ପ୍ରୟାସରେ ରଥଚକତଳେ ପେଷି ହୋଇଯାଉଥିବା ମଣିଷର ସଂଘର୍ଷର କାହାଣୀ। ଏହି ଦଶାରେ ଆମର ଆଜିର ମାତୃଭାଷାରେ ରଚିତ ସାହିତ୍ୟର ଧାରା।

ଏଇ ଧାରାକୁ ଜାଣିବା, ସୂଚନାରେ ତା'ରି ଭିତରେ ଆମରି ଅସ୍ତିତ୍ୱକୁ ଖୋଜିବା, ଅତୀତର ସଙ୍କଟ ମୁହାଁମୁହିଁ ହେବା ପାଇଁ ଏ ବିଷୟରେ ପ୍ରୟାସ କରାଯାଇଛି।

ଏଥିରେ ତେଣୁ ସଂଯୋଜିତ ହୋଇଛି ପାଞ୍ଚଗୋଟି ଏକକ। ପ୍ରଥମ ତିନୋଟି ଏକକରୁ ଆମର ସାହିତ୍ୟିକ ଧାରାର ପରିଚୟ ମିଳିବା ସଙ୍ଗେ ସଙ୍ଗେ ପୂର୍ବସୂରୀମାନଙ୍କର ଚେତନା, ଚିନ୍ତା ଓ ଭାବଜଗତରେ ପ୍ରବେଶ କରିବାର ସୁଯୋଗ ପ୍ରଦତ୍ତ। ସେଗୁଡ଼ିକ ହେଲା - ଗଦ୍ୟଭାଗ (ପ୍ରଥମ ଏକକ) - ପଦ୍ୟଭାଗ (ଦ୍ୱିତୀୟ ଏକକ) ଏକାଙ୍କିକା ଭାଗ (ତୃତୀୟ ଏକକ) ଏବଂ ପର ଦୁଇଟି ଏକକରେ ଏଇ ଉପଲବ୍ଧ ଜ୍ଞାନକୁ ପ୍ରୟୋଗ ମାଧ୍ୟମରେ ପରିମାର୍ଜିତ କହିବାର ଅବକାଶ। ଅବବୋଧ ପରୀକ୍ଷଣ (ଚତୁର୍ଥ ଏକକ) ଏବଂ ବ୍ୟାକରଣ ଓ ସୃଜନଶୀଳତା ବୃଦ୍ଧିପାଇଁ ପ୍ରବନ୍ଧ ଓ ପତ୍ରଲିଖନ (ପଞ୍ଚମ ଏକକ)।

ଉଦ୍ଦିଷ୍ଟ ପୁସ୍ତକରେ ଗଦ୍ୟ ଭାଗ ପ୍ରଥମ ଏକକରେ ଏକ ପ୍ରସିଦ୍ଧ ଉପନ୍ୟାସର ଏକ ଅଂଶ; ବିଶିଷ୍ଟ ବ୍ୟକ୍ତିଙ୍କର ଭ୍ରମଣକାହାଣୀର କେତେକ ଅଂଶ; ଏକ ଜୀବନୀ ଓ ଗୋଟିଏ ତଥ୍ୟଭିତ୍ତିକ ପ୍ରବନ୍ଧ ସ୍ଥାନିତ ହୋଇଛନ୍ତି। ଗଦ୍ୟ ବିଭାଗର ପ୍ରାୟ ପ୍ରତ୍ୟେକ ପ୍ରଭାଗକୁ ଏଥିରେ ସ୍ଥାନିତ କରାଯିବାର ପ୍ରୟାସ କରାଯାଇଛି।

ପୁସ୍ତକର ଦ୍ୱିତୀୟ ଏକକ ହେଉଛି ଗଦ୍ୟ ଭାଗ। ଏଠାରେ ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ପରିଚିତ କରି ସେ ଯୁଗର କାବ୍ୟିକ ମହତ୍ତ୍ୱ ପ୍ରକାଶ କରିବାର ପ୍ରୟାସ ପାଇଁ କେତେକ କାବ୍ୟାଂଶ ସଂଯୋଜିତ ହୋଇଛନ୍ତି।

ତୃତୀୟ ଏକକରେ ଓଡ଼ିଆର ତିନିଜଣ ପ୍ରସିଦ୍ଧ ନାଟ୍ୟକାରଙ୍କର ଏକାଙ୍କିକା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

ଏଥିରେ ସନ୍ନିବେଶିତ ପ୍ରତ୍ୟେକ ଗଦ୍ୟାଂଶ, ପଦ୍ୟାଂଶ ଏବଂ ଏକାଙ୍କିକା ସଂପୃକ୍ତ ଯୁଗ ପ୍ରତିନିଧି ସ୍ଥାନୀୟ ସୃଷ୍ଟି ଭାବରେ ଗୃହୀତ ହୋଇପାରିବେ।

ଶିକ୍ଷା ସହିତ ପ୍ରୟୋଗର ସୁଯୋଗ ଛାତ୍ରଛାତ୍ରୀଙ୍କର ଧୀଶକ୍ତି ଓ ବିଷୟ ମନସ୍କତାକୁ ଅଧିକ ଶାଣିତ କରିଥାଏ। ସେହି ସୁଯୋଗ ଦେବାପାଇଁ ଚତୁର୍ଥ ଓ ପଞ୍ଚମ ଏକକ ସନ୍ନିବେଶିତ ହୋଇଛି।

ସର୍ବଶେଷରେ ଏଇ ପୁସ୍ତିକାର ପରିକଳ୍ପନା କଲାବେଳେ ଦୁଇଟି ବିଷୟପ୍ରତି ଦୃଷ୍ଟି ପ୍ରଦାନ କରାଯାଇଛି।

ପ୍ରଥମତଃ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷା ପଦ୍ଧତି ଓ ପ୍ରଶ୍ନପତ୍ରର ଢାଞ୍ଚା ସହିତ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା। ଏବଂ ଦ୍ୱିତୀୟତଃ ପ୍ରଶ୍ନଗୁଡ଼ିକର ଉତ୍ତର ନମୁନା ଦେଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରାଇ ସଫଳକାମ କରାଇବାର ପ୍ରେରଣା ପ୍ରଦାନ କରିବା।

ଆମେ ପ୍ରତ୍ୟେକ ମନେକରୁଯେ ଓଡ଼ିଆ ଆମର ମାତୃଭାଷା। ଏଥିରେ ଯାହା ଲେଖିଲେ ବି ଫେଲ ହେବାର ନାହିଁ। କିନ୍ତୁ ଏଠାରେ ଅଧିକ ନମ୍ବର ରଖି ଅନ୍ୟାନ୍ୟ ବିଷୟ ସହିତ ନମ୍ବର ରଖିବାର ପ୍ରତିଯୋଗିତାରେ ସଫଳ ହେବାର ଉପାୟ ହିଁ ସଂଯୋଜିତ। ତତ୍‌ସହିତ ମାତୃଭାଷା ପ୍ରତି ମହତ୍ତ୍ୱବୋଧ ଜାଗ୍ରତ କରାଇ ଜୀବନ ସନ୍ଧାନରେ ସଫଳକାମ ହେବାର ମନୋଭାବକୁ ପୋଷିତ କରିବାର ପ୍ରେରଣା ମଧ୍ୟ ଏଥିରେ ପ୍ରଦତ୍ତ।

ଭାଷାର ଗତି ଅବାରିତ - ସେହିପରି ସାହିତ୍ୟର ଗତି-ବ୍ୟକ୍ତି ଓ ସମାଜମନସ୍କ। ଏହି ସତ୍ୟର ଉପଲବ୍ଧ ଓ ଅନୁଧ୍ୟାନ ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍‌ପ୍ରେରିତ କରିବା ଏ ପୁସ୍ତିକାର ଏକମାତ୍ର ଉଦ୍ଦେଶ୍ୟ।

***

# +୨ ପ୍ରଥମ ବର୍ଷ (ବାଣିଜ୍ୟ)

## ପ୍ରଥମ ଏକକ

## ପ୍ରବନ୍ଧ ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

### ଶରଶ୍ରୁ ପଦର

୧) 'ଧର୍ମଦୁଆର' ଘାଟିଠାରୁ କେଉଁ ଦିଗକୁ ଶରଶ୍ରୁ ପଦର ଗାଁ ପଡ଼େ ?

(i) ପୂର୍ବ (ii) ପଶ୍ଚିମ
(iii) ଉତ୍ତର (iv) ଦକ୍ଷିଣ

୨) ତେଲ ହେବା ପାଇଁ ସୁକ୍ରୁଜାନିର ବଖରା କଣରେ କେଉଁ ମଞ୍ଜି ଥାଏ ?

(i) ବାରିବାଇଗବା (ii) ଆମ୍ବଟାକୁଆ
(iii) ମାଣ୍ଡିଆ (iv) ଅଳସି

୩) ସୁକ୍ରୁଜାନି କେଉଁ ଗାଆଁର ଲୋକ ?

(i) ଲକ୍ଷ୍ମୀପୁର (ii) ଶରଶ୍ରୁପଦର
(iii) ଆମ୍ବାଝୋଲା (iv) କଦମଝୋଲା

୪) ସୁକ୍ରୁଜାନି ଭାରିଜାର ମୃତ୍ୟୁର କାରଣ କିଏ ?

(i) ବାଘ (ii) ରୋଗ
(iii) ନିଆଁ (iv) ପାଣି

୫) ସୁକ୍ରୁଜାନିର ବଡ଼ପୁଅ କିଏ ?

(i) ମାଣ୍ଡିଆଜାନି (ii) ଟିକ୍ରାଜାନି
(iii) ଲାକ୍ରାଜାନି (iv) ଗୁଡ୍ରାଜାନି

୬) ଗାଁ ତୁଠରେ ଜିଲି କେଉଁ ଶାଗ ଧୋଉଥିଲା ?

(i) ଲେଉଟିଆ (ii) ଗୁର୍ଦି
(iii) ମର୍ଦି (iv) ନେନ୍ତା

୭) ଧର୍ମଦୁଆର ଘାଟିଠାରୁ ଶରଶ୍ରୁପଦର ଗାଁର ଦୂରତା କେତେ ?

(i) କୋଶେ (ii) ଦୁଇକୋଶ
(iii) ତିନିକୋଶ (iv) ଚାରିକୋଶ

୮) ଜୋଣା ଶବ୍ଦର ଅର୍ଥ କ'ଣ ?

(i) ଲଙ୍କାମରିଚ (ii) ମକ୍କା
(iii) ଧୂଆଁପତ୍ର (iv) କାନ୍ଦୁଲ

୯) ଶରଶ୍ରୁ ପଦର ଗାଁରେ କେତେ ଜାତିର ଲୋକ ବାସ କରନ୍ତି ?

(i) ଦୁଇ (ii) ତିନି
(iii) ଚାରି (iv) ପାଞ୍ଚ

୧୦) ଜିଲି ଓ ବିଲି ଚିକ୍ଣ ଖୋଷାରେ କେଉଁ ରଙ୍ଗର ଫୁଲ ଖୋସିଥାନ୍ତି ?

(i) ଲାଲ୍ (ii) ଗୋଲାପି
(iii) ହଳଦିଆ (iv) ଧଳା

୧୧) କେଉଁଥିରେ ମାଣ୍ଡିଆଯାଉ ପୁରାଇ ବିଲକୁ ନିଆଯାଏ ?

(i) କୁମ୍ଭିରେ (ii) ଲାଉତୁମ୍ବାରେ
(iii) ହାଣ୍ଡିରେ (iv) ତଲାରିରେ

୧୨) କିଏ ଆଣିଦିଏ ଝଡ଼ ତୋଫାନ, ଦୁଃଖ ଦୁର୍ଦ୍ଦଶା ବୋଲି ସୁକ୍ରୁଜାନି ଭାବିଛି ?

(i) ଡଙ୍ଗର (ii) ଜଙ୍ଗଲ
(iii) ଡୁମା (iv) ବୁଢ଼ାରଜା

୧୩) ମଲା ମା'କୁ କିଏ ମନେ ପକେଇ ଦିଏ ?

(i) ମାଣ୍ଡିଆ (ii) ଟିକ୍ରା
(iii) ଜିଲି (iv) ବିଲି

୧୪) ଢୁଢୁ ବରଷାରେ ସୁକ୍ରୁଜାନି ସହିତ ଆଉ କିଏ ମିଶି ସାନପାହାଡ଼କୁ ଚାଷଭୂଇଁ କରିଥିଲେ ?

(i) ମାଣ୍ଡିଆ (ii) ଟିକ୍ରା
(iii) ଲୋବୋ (iv) ବାଗ୍ଲା

୧୫) ଜିଲି ସାମ୍ନାକୁ ମୁହଁକରି ଚଟାଣ ଉପରେ କ'ଣ କାଟୁଥିଲା ?

(i) ଲୁଗା (ii) ଶାଢ଼ୀ
(iii) ପାଞ୍ଚିଆ (iv) କୌପୁନୀ

୧୬) ବଣଗାଇଡ଼ କେଉଁ ଚଢ଼େଇ ଖୋଜିବାର ବାହାନା କରୁଥିଲା ?
(i) ମୟୂର (ii) କୁକୁଡ଼ା
(iii) ହରଡ଼ ଚଢ଼େଇ (iv) ଗେଣ୍ଡାଳିଆ

୧୭) ନାଇକ ଖଜଣା ଅସୁଲ କରି ରଜାଘର କାହାକୁ ଦିଏ ?
(i) ଚପରାଶି (ii) ଗାରଡ଼
(iii) ରିବିଣି (iv) ଜମାନ

୧୮) ଜଙ୍ଗଲ ଜମାନର ଦଖଲରେ କେତେ କୋଶ ନିଘଞ୍ଚ ଜଙ୍ଗଲ ଥାଏ ?
(i) ଦଶ ପନ୍ଦର କୋଶ (ii) ଦୁଇ କୋଶ
(iii) କୋଡ଼ିଏ କୋଶ (iv) ଅଠର କୋଶ

୧୯) ପରଜା ଭାଷାରେ 'ଭାଟ' ଶବ୍ଦର ଅର୍ଥ କ'ଣ ?
(i) ଭିଣୋଇ (ii) ଶଳା
(iii) ଶଶୁର (iv) ସମୁଦୀ

୨୦) ରେଙ୍ଗୁ ପରଜାର ପୁଅର ନାମ କ'ଣ ?
(i) କାଜୋଡ଼ି (ii) ବାଗ୍ଲା
(iii) ଭାଟ (iv) ଡାଙ୍ଗ

## ଝେଲମ୍ ନଦୀରେ ସନ୍ଧ୍ୟା

୨୧) କେଉଁ ମାଆର କୋଳରେ ଶ୍ରୀନଗରବାସୀ ଲାଳିତ ?
(i) ଝେଲମ୍ (ii) ଗଙ୍ଗା
(iii) ବ୍ରହ୍ମପୁତ୍ର (iv) ହୋୟାଂହୋ

୨୨) ଝେଲମ୍ ନଦୀର ଆକାର କେଉଁ ନଦୀ ପରି ଅପ୍ରଶସ୍ତ ?
(i) ମହାନଦୀ (ii) ବ୍ରାହ୍ମଣୀ
(iii) ବୁଢ଼ାବଳଙ୍ଗ (iv) କୁଶଭଦ୍ରା

୨୩) ଝେଲମ୍ ନଦୀର ଜଳର ରଙ୍ଗ କିପରି ?
(i) ଲାଲ୍ (ii) ଧଳା
(iii) ଈଷତ୍‌ନୀଳ (iv) ଗାଢ଼ନୀଳ

୨୪) କାଶ୍ମିରୀବାସୀ କେଉଁ ନଦୀର ପ୍ରଶଂସାରେ ମୁଖର ?
(i) ଗଙ୍ଗା (ii) ଯମୁନା
(iii) ବ୍ରହ୍ମପୁତ୍ର (iv) ଝେଲମ୍

୨୫) ଶ୍ରୀନଗର କାହାର ହୃଦୟ ?
(i) ଗଙ୍ଗା (ii) ଜାମ୍ମୁ
(iii) କାଶ୍ମୀର (iv) ଝେଲମ୍

୨୬) ଲେଖକ କ'ଣ ଭଡ଼ା ନେଲେ ?
(i) ଚାନ୍ଦୁଆ (ii) ଶିକାରା
(iii) ମଖମଲିଗଦି (iv) ଚୌକି

୨୭) ହାଁଜି (ନାଉରୀ) କେଉଁ ସମ୍ପ୍ରଦାୟର ଲୋକଥିଲା ?
(i) ହିନ୍ଦୁ (ii) ମୁସଲ୍‌ମାନ
(iii) ପଞ୍ଜାବୀ (iv) ଖ୍ରୀଷ୍ଟିଆନ୍

୨୮) ଶିକାରାରେ ଅକ୍ଲେଶରେ କେତେଜଣ ଲୋକ ବସିପାରିବେ ?
(i) ତିନିଜଣ (ii) ଚାରିଜଣ
(iii) ପାଞ୍ଚଜଣ (iv) ଛଅଜଣ

୨୯) ନଦୀର ଦୁଇପଟେ ଯୋଗସୂତ୍ର ରଖିବା ପାଇଁ କେତୋଟି ସେତୁ ଗଢ଼ାଯାଇଛି ?
(i) ଦୁଇ (ii) ଚାରି
(iii) ଛଅ (iv) ସାତୋଟି

୩୦) ସବୁଠାରୁ ପ୍ରାଚୀନ ସେତୁର ନାମ କ'ଣ ?
(i) ଅମୀରକଦଲ୍ (ii) ଫତେକଦଲ୍
(iii) ଆଲିକ୍‌ଦଲ୍ (iv) ଜୈନକଦଲ୍

୩୧) ସେତୁଗୁଡ଼ିକ କେଉଁଥିରେ ତିଆରି ?
(i) ପଥର (ii) କାଠ
(iii) ଲୁହା (iv) କଂକ୍ରିଟ୍

୩୨) ଲୋକେ କେଉଁଥିରେ ଆସି ଜିନିଷପତ୍ର ଖର୍ଦ୍ଦ କରିନିଅନ୍ତି ?
(i) ବୋଟ୍ (ii) ନୌକା
(iii) ପୋଲ (iv) ଶିକାରା

୩୩) କେଉଁ ଖ୍ରୀଷ୍ଟାବ୍ଦରେ ସବୁଠାରୁ ପ୍ରାଚୀନ ସେତୁ ଆଲିକ୍‌ଦଲ ନିର୍ମିତ ହୋଇଥିଲା ?
(i) ୧୫୦୫ (ii) ୧୧୬୫
(iii) ୧୪୦୭ (iv) ୧୪୧୭

୩୪) ଝେଲମ୍ ନଦୀରେ ସନ୍ଧ୍ୟା କାହାପରି ସୁନ୍ଦରୀ ?
(i) ରାଜକନ୍ୟା (ii) ପରୀ
(iii) ଦୋଷୀ (iv) କାଶ୍ମୀରୀକିଶୋରୀ

୩୫) ପିଠାବିକାଳି ଘରେ କିଏ ରହିଲା ?
(i) ମନ୍ତ୍ରୀ ପୁଅ (ii) ରାଜା ପୁଅ
(iii) କଟୁଆଳ ପୁଅ (iv) ସେନାପତି ପୁଅ

୩୬) ମନ୍ତ୍ରୀପୁଅ ପିଠାବିକାଳି ହାତରେ ଭଲଭଲ କ'ଣ କରି ରାଜଜେମା କତିକି ପଠେଇଲା ?

(i) ମିଠା (ii) ପିଠା
(iii) ଖଜା (iv) ତରକାରୀ

୩୭) ମନ୍ତ୍ରୀପୁଅ କେଉଁ ବେଶରେ ଜେମାଙ୍କ ଉଆସରେ ପହଞ୍ଚିଲା ?

(i) ରାଜାବେଶ (ii) ମନ୍ତ୍ରୀବେଶ
(iii) ପୁରୁଷ ବେଶ (iv) ସ୍ତ୍ରୀ ବେଶ

୩୮) କଟୁଆଳ କ'ଣ ପରିକ୍ରମା କରୁଥିଲା ?

(i) ଉଆସ (ii) ନଗର
(iii) ବଗିଚା (iv) ସହର

୩୯) ମନ୍ତ୍ରୀପୁଅ କାହାକୁ ବିଭାହେଲା ?

(i) ରଜାଝିଅ (ii) ରାଜାଙ୍କ ଭଉଣୀ
(iii) ସେନାପତିଙ୍କ ଝିଅ (iv) କଟୁଆଳ ଝିଅ

୪୦) ଶିକାରା କେଉଁ ଘାଟରେ ଲାଗିଲା ?

(i) ଗଙ୍ଗା (ii) ଗଣପତି
(iii) ଝେଲମ୍ (iv) ଶ୍ରୀନଗର

## ମଧୁବାବୁ

୪୧) ମଧୁବାବୁଙ୍କ ଜୀବନ କାହାଣୀ କାହାର ଅର୍ଦ୍ଧଶତାବ୍ଦୀର ଇତିହାସ ?

(i) ବଙ୍ଗଳାର (ii) ବିହାରର
(iii) ଉତ୍କଳର (iv) ଭାରତର

୪୨) କେଉଁ ଜିଲ୍ଲାର ସତ୍ୟଭାମାପୁର ଗ୍ରାମ ମଧୁବାବୁଙ୍କ ଜନ୍ମଭୂମିରୂପେ ପ୍ରତ୍ୟେକ ଓଡ଼ିଆର ତୀର୍ଥସ୍ଥାନ ?

(i) ବାଲେଶ୍ୱର (ii) ପୁରୀ
(iii) କେନ୍ଦ୍ରାପଡ଼ା (iv) କଟକ

୪୩) ମଧୁବାବୁଙ୍କ ପିତୃମାତୃଦତ୍ତ ନାମ କ'ଣ ଥିଲା ?

(i) ଗୋପାଳ ବଲ୍ଲଭ (ii) ରାଧା ବଲ୍ଲଭ
(iii) ଉମା ବଲ୍ଲଭ (iv) ଗୋବିନ୍ଦ ବଲ୍ଲଭ

୪୪) 'ଭୀମାଭୂୟାଁ' ଉପନ୍ୟାସର ଲେଖକ କିଏ ?

(i) ଗୋବିନ୍ଦ ବଲ୍ଲଭ (ii) ଗୋପାଳ ବଲ୍ଲଭ
(iii) ମଧୁସୂଦନ (iv) କାହ୍ନୁଚରଣ

୪୫) ପ୍ରାଚୀନ ଓଡ଼ିଶାରେ ମାଟିବଂଶ ବା କ୍ଷିତିବଂଶ ଅବଧାନମାନଙ୍କୁ ସ୍ଥାନ ବିଶେଷରେ କ'ଣ କହନ୍ତି ?

(i) ମାଷ୍ଟ୍ରେ (ii) ଗୁରୁଜୀ
(iii) ଓଝା (iv) ଅବଧାନ

୪୬) ପିଲାଏ ଭୂଇଁରେ କେଉଁ ଖଡ଼ିରେ ଲେଖୁଥିଲେ ?

(i) ଚକ୍ ଖଡ଼ି (ii) ଦୁଦୁ ଖଡ଼ି
(iii) ଶୁଆପକ୍ଷୀଆ ଖଡ଼ି (iv) ମାଟି ଖଡ଼ି

୪୭) ପ୍ରଥମେ ଚାଟଶାଳୀକୁ ଆସି ଅବଧାନଙ୍କୁ କ'ଣ କରିବାକୁ ପିଲାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଥିଲା ?

(i) ଦେଖା କରିବାକୁ (ii) ଉପସ୍ଥାନ ଦେବାକୁ
(iii) ପ୍ରଣାମ କରିବାକୁ (iv) ଜଣାଇବାକୁ

୪୮) ଏମାନଙ୍କ ମଧ୍ୟରୁ କେଉଁଟି ପାଠଶାଳାରେ ଉପରବେଳା ପଢ଼ା ହେଉନଥିଲା ?

(i) ରାମାୟଣ (ii) ମହାଭାରତ
(iii) ଭାଗବତ (iv) ପଣିକିଆ

୪୯) କଲିକତାରେ ଗୋବିନ୍ଦ ବଲ୍ଲଭଙ୍କୁ ପ୍ରଥମେ କିଏ ଆଶ୍ରୟ ଦେଇଥିଲେ ?

(i) ଅମ୍ବିକାପ୍ରସାଦ (ii) ବଙ୍କିମଚନ୍ଦ୍ର
(iii) ଶରତଚନ୍ଦ୍ର (iv) ରବୀନ୍ଦ୍ରନାଥ

୫୦) କଟକରେ ଇଂରାଜୀ ବିଦ୍ୟାଳୟରେ ପଢ଼ିବାକୁ ଗୋବିନ୍ଦ ବଲ୍ଲଭଙ୍କର କିଏ ଘୋର ଆପତ୍ତି କରିଥିଲେ ?

(i) ପିତାମହ (ii) ପିତାମହୀ
(iii) ମାତାମହ (iv) ମାତାମହୀ

୫୧) ଗୋବିନ୍ଦ ବଲ୍ଲଭ କେଉଁଥିରେ ଏମ୍.ଏ. ପାସ୍ କରିଥିଲେ ?

(i) ଗଣିତ (ii) ଇଂରାଜୀ
(iii) ଭୂଗୋଳ (iv) ଇତିହାସ

୫୨) କେଉଁଠାରେ ଅବସ୍ଥାନ କାଳରେ ଗୋବିନ୍ଦବଲ୍ଲଭ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ?

(i) କଟକରେ (ii) କଲିକତାରେ
(iii) ଗ୍ରାମରେ (iv) ପୁରୀରେ

୫୩) ମଧୁବାବୁ କେଉଁ ଧର୍ମ ଗ୍ରହଣ କରିଥିଲେ ?

(i) ବ୍ରାହ୍ମ ଧର୍ମ (ii) ମହିମା ଧର୍ମ
(iii) ଖ୍ରୀଷ୍ଟ ଧର୍ମ (iv) ଇସ୍‌ଲାମ ଧର୍ମ

୫୪) ଲର୍ଡ କର୍ଜନଙ୍କ ଆଦେଶରେ ନିମ୍ନୋକ୍ତ କେଉଁ ଅଞ୍ଚଳଟିକୁ ଓଡ଼ିଶାରେ ମିଶାଇ ଦିଆଗଲା ?

(i) ରାୟପୁର (ii) ବିଳାସପୁର
(iii) ଜୟପୁର (iv) ସମ୍ବଲପୁର

୫୫) ମଧୁସୂଦନ ଜୀବନର ମଧ୍ୟାହ୍ନରେ କେତେଥର ବିଲାତଗସ୍ତ କରିଥିଲେ ?
(i) ଥରେ (ii) ଦୁଇଥର
(iii) ତିନିଥର (iv) ଚାରିଥର

୫୬) କେଉଁ ମସିହାରେ ଭାରତରେ ମନ୍ତ୍ରୀ ଶାସନ ପ୍ରତିଷ୍ଠିତ ହେଲା ?
(i) ୧୯୨୦ (ii) ୧୯୨୧
(iii) ୧୯୨୨ (iv) ୧୯୨୩

୫୭) କଲିକତାର କେଉଁ କଲେଜରେ ମଧୁସୂଦନ ଅଧ୍ୟାପନା କରୁଥିଲେ ?
(i) ଚନ୍ଦନପୁର (ii) ଜଗଦ୍ଦଳପୁର
(iii) ଶ୍ରୀରାମପୁର (iv) ଚକ୍ରଧରପୁର

୫୮) କିଏ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ?
(i) ଜନ୍ ଉଡ୍‌ରଫ୍ (ii) ଜନ୍ ହବାକ୍
(iii) ମିଷ୍ଟର ଇଭାନ୍‌ସ (iv) ଜନ୍ ବୀମ୍‌ସ

୫୯) ମଧୁବାବୁ କେଉଁ ଧର୍ମ ଗ୍ରହଣ କରିଥିଲେ ?
(i) ବ୍ରାହ୍ମ ଧର୍ମ (ii) ମହିମା ଧର୍ମ
(iii) ଖ୍ରୀଷ୍ଟ ଧର୍ମ (iv) ଇସ୍‌ଲାମ ଧର୍ମ

୬୦) ମଧୁବାବୁଙ୍କ ଶ୍ରାଦ୍ଧ ଦିବସ କେବେ ପାଳନ କରାଯାଏ ?
(i) ଜାନୁୟାରୀ ୨୮ (ii) ଫେବୃୟାରୀ ୪
(iii) ମାର୍ଚ୍ଚ ୨୪ (iv) ଏପ୍ରିଲ୍ ୨୮

## ସେହି ସ୍ମରଣୀୟ ଦିବସ

୬୧) 'ସେହି ସ୍ମରଣୀୟ ଦିବସ'ର ଲେଖକ କିଏ ?
(i) ଗୋପୀନାଥ ମହାନ୍ତି (ii) କୁଞ୍ଜବିହାରୀ ଦାଶ
(iii) ଚିନ୍ତାମଣି ଆଚାର୍ଯ୍ୟ (iv) ହରେକୃଷ୍ଣ ମହତାବ

୬୨) 'ସେହି ସ୍ମରଣୀୟ ଦିବସ' ଲେଖକଙ୍କର କେଉଁ ସୃଷ୍ଟିରୁ ଆସିଅଛି ?
(i) ପ୍ରତିଭା (ii) ଅବ୍ୟାପାର
(iii) ଗାଁ ମଜଲିସ୍ (iv) ଟାଉଟର୍

୬୩) ଏହି ଲେଖାଟି ଲେଖକଙ୍କର ଗାଁ ମଜଲିସ୍‌ର କେଉଁ ଖଣ୍ଡରୁ ଆସିଅଛି ?
(i) ଦ୍ୱିତୀୟ ଖଣ୍ଡ (ii) ତୃତୀୟ ଖଣ୍ଡ
(iii) ଚତୁର୍ଥ ଖଣ୍ଡ (iv) ପଞ୍ଚମ ଖଣ୍ଡ

୬୪) ରାତି ଅଧରୁ ଶୋଭାଯାତ୍ରାର କୋଳାହଳ, ଜାତୀୟ ଓ ଭକ୍ତି ଗୀତର ମୂର୍ଚ୍ଛନାରେ କେଉଁ ସହର ମୁଖରିତ ହୋଇଉଠିଥିଲା ?
(i) ଭୁବନେଶ୍ୱର (ii) କଟକ
(iii) ଦିଲ୍ଲୀ (iv) ଅନୁଗୁଳ

୬୫) ଶହଶହ ବର୍ଷ ଧରି କେଉଁ ସ୍ଥାନ ଓଡ଼ିଶାର ରାଜା ଓ ସୁବେଦାରମାନଙ୍କର ଦୁର୍ଗ ହୋଇ ରହିଥିଲା ?
(i) ବାରବାଟୀ କିଲ୍ଲା (ii) କଟକ
(iii) ସୋନପୁର (iv) ବଲାଙ୍ଗିର

୬୬) କେଉଁ ଐତିହାସିକ ସ୍ଥାନ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ସରକାରୀ ବାସଭବନ ହୋଇଥିଲା ?
(i) ମଙ୍ଗଳାବାଗ (ii) ଲାଲ୍‌ବାଗ
(iii) ଚାନ୍ଦିନୀଚୌକ (iv) ରାଣୀହାଟ

୬୭) ଡକ୍ଟର ମହତାବ୍‌ଙ୍କୁ କିଏ 'ତୁମେ ଜଣେ ଖାଣ୍ଟି ଐତିହାସିକ' ବୋଲି କହିଛନ୍ତି ?
(i) ଡକ୍ଟର କାଟ୍‌ଜୁ (ii) ରେଭେନ୍‌ସା
(iii) ବୀମସ୍ (iv) ପାରଳାରାଜା

୬୮) ଅତି ଅଳ୍ପ ସମୟ ମଧ୍ୟରେ କିଏ ଇତିହାସର ଗତି ବଦଳାଇ ପାରିଥିଲେ ?
(i) ସୁଭାଷ ବୋଷ (ii) ଗାନ୍ଧିଜୀ
(iii) ଗୋପବନ୍ଧୁ (iv) ମଧୁସୂଦନ

୬୯) କିଏ ନିଜେ ସ୍ୱାଧୀନତା ହାସଲ କଲେ ?
(i) ଗାନ୍ଧିଜୀ
(ii) ସୁଭାଷ ବୋଷ
(iii) ସାଧାରଣ ଜନତା
(iv) ଜବାହାରଲାଲ୍ ନେହେରୁ

୭୦) 'ଯୁଗେଯୁଗେ ଭାରତ' ଏକାଙ୍କିକା ନାଟକକୁ କିଏ ଭାଷା ଦେଇଥିଲେ ?
(i) ଡକ୍ଟର ମହତାବ୍ (ii) ସଚ୍ଚିନ୍ ଦତ୍ତ
(iii) ଡକ୍ଟର କୈଳାସ ନାଥ (iv) କାଳୀଚରଣ

୭୧) 'ଯୁଗେ ଯୁଗେ ଭାରତ' ଏକାଙ୍କିକା ନାଟକର ତେଜୀୟାନ ଯୁବକଟିର ନାମ କ'ଣ ?
(i) ଭଗତ ସିଂ (ii) ବାଜି ରାଉତ
(iii) ଖୁଦୀ ରାମ (iv) ଲକ୍ଷ୍ମଣ ନାୟକ

୭୨) ଆପଣମାନେ ମୋତେ ମନେ ରଖିବାର କୌଣସି ଆବଶ୍ୟକତା ନାହିଁ । ଏହା କିଏ କହିଛନ୍ତି ?
(i) ଖୁଦୀ ରାମ (ii) ଡକ୍ଟର ମହତାବ୍
(iii) ଗୋପବନ୍ଧୁ (iv) ଫକୀର ମୋହନ

୭୩) 'ଆମେ ସେମାନଙ୍କୁ ମନେ ରଖିଛୁ' ? ଏହା କିଏ ନିଜକୁ ପଚାରୁଥିଲେ ?
(i) ଖୁଦୀ ରାମ (ii) କୈଳାସନାଥ କାଟ୍‌ଜୁ
(iii) ଡକ୍ଟର ମହତାବ୍ (iv) ଗୋପବନ୍ଧୁ

୭୪) ହଜାର ହଜାର ଲୋକ କାହାକୁ ଜଳାଞ୍ଜଳି ଦେଇ ରାସ୍ତାରେ ଭିକ୍ଷୁକ ସାଜିବା ପଥ ବାଛିନେଲେ ?
(i) କ୍ୟାରିଅର (ii) ଧନସମ୍ପତ୍ତି
(iii) ଘରଦ୍ୱାର (iv) ଜୀବନ

୭୫) କଟକରେ କେଉଁ ହଲ୍ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା ?
(i) ଶତାବ୍ଦୀ ଭବନ (ii) ଶ୍ରୀରାମଚନ୍ଦ୍ର ଭବନ
(iii) ଶହୀଦ୍ ହଲ୍ (iv) ଟାଉନ୍ ହଲ୍

୭୬) ସ୍ୱାଧୀନତା ସେମାନଙ୍କ ପକ୍ଷେ କ'ଣ ଥିଲା ?
(i) ଆନନ୍ଦ (ii) ପୁରସ୍କାର
(iii) ଉତ୍ସବ (iv) ଦୁଃଖ

୭୭) ସ୍ୱାଧୀନତା ପରେ ସଭ୍ୟତାର ବହୁ ଦୂରରେ ଥିବା କେଉଁ ଜିଲ୍ଲାର ଆଦିବାସୀ ଲୋକମାନେ ମଧ୍ୟ ଆନନ୍ଦରେ ମାତି ଉଠିଥିଲେ ?
(i) ମୟୂରଭଞ୍ଜ (ii) କୋରାପୁଟ
(iii) କଳାହାଣ୍ଡି (iv) ସମ୍ବଲପୁର

୭୮) ଆଦିବାସୀ ଲୋକମାନେ ଗାନ୍ଧିମହାରାଜ ସେମାନଙ୍କର କ'ଣ ହେଲେ ବୋଲି କହୁଥିଲେ ?
(i) ରାଷ୍ଟ୍ରପତି (ii) ପ୍ରଧାନମନ୍ତ୍ରୀ
(iii) ରାଜା (iv) ମନ୍ତ୍ରୀ

୭୯) କେତେ ବର୍ଷ ପରେ ଡକ୍ଟର ମହତାବ ପଛକୁ ଫେରି ଚାହିଁଛନ୍ତି ଓ ଲୋକଙ୍କ ଆଶ ଆକାଂକ୍ଷା କଥା ମନେ ପକାଇଛନ୍ତି ?
(i) ୧୦ ବର୍ଷ (ii) ୨୦ ବର୍ଷ
(iii) ୨୫ ବର୍ଷ (iv) ୪୦ ବର୍ଷ

୮୦) ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ ଜନତାଙ୍କ ପାଇଁ କ'ଣ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ଲେଖକ କହିଛନ୍ତି ?
(i) ଦାବୀ (ii) ସ୍ୱାଧୀନତା
(iii) ଆନନ୍ଦ (iv) ଆତ୍ମପ୍ରତ୍ୟୟ

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

### ଶରଣ୍ଣୁ ପଦର

୧) ଲକ୍ଷ୍ମୀପୁରଠୁ ଦେଢ଼କୋଶ ପୂର୍ବକୁ କେଉଁ ଘାଟିପଡ଼େ ?

୨) 'ଧର୍ମଦୁଆର' ଘାଟିର ଉତ୍ତରକୁ କେଉଁ ଗାଁ ?

୩) ଶରଣ୍ଣୁ ପଦ ଗାଁରେ କେତେ ଜାତିର ଲୋକ ବାସ କରନ୍ତି ?

୪) 'ଜୋଣା' ଶବ୍ଦର ଅର୍ଥ କ'ଣ ?

୫) ସମ୍ବାରି ସକାଳୁ ସକାଳୁ କେଉଁଠିକୁ ଶାଗ ତୋଳିବାକୁ ଯାଇଥିଲା ?

୬) 'ତଲରା' ଓ 'ତଲାରି' ଶବ୍ଦର ଅର୍ଥ କ'ଣ ?

୭) ସୁକୁଜାନି କାହା ଉପରେ ଭରସା ରଖେ ?

୮) ଏପାଖ ପାହାଡ଼ର ମଥାନରୁ ତଳପର୍ଯ୍ୟନ୍ତ କ'ଣ ଦେଖିବାକୁ ମିଳେ ?

୯) ସୁକୁଜାନି ହାକିମମାନଙ୍କ ବୋଝକୁ ନେଇ କେଉଁଠାରେ ପହଞ୍ଚିଥାଏ ?

୧୦) ସୁକୁଜାନିର ବୟସ କେତେ ?

୧୧) ନାଇକ ଖଜଣା ଅସୁଲ କରି କାହାକୁ ଦିଏ ?

୧୨) କିଏ ରଇତମାନଙ୍କ ଠାରୁ ଉଙ୍କରେ ?

୧୩) ବଣରେ ଗୋରୁ ଚରାଇବା ପାଇଁ ଜଙ୍ଗଲଜମାନଙ୍କୁ କ'ଣ ନେବାକୁ ପଡ଼େ ?

୧୪) ପରଜା ସମାଜର ରୀତି କ'ଣ ?

୧୫) କାଜୋଡ଼ି କାହାର ଝିଅ ?

### ଝେଲମ୍ ନଦୀରେ ସନ୍ଧ୍ୟା

୧୬) କେଉଁ ମାଆର କୋଳରେ ଶ୍ରୀନଗରବାସୀ ଲାଳିତ ?

୧୭) କାଶ୍ମୀରବାସୀ କାହା ପ୍ରଶଂସାରେ ମୁଖର ?

୧୮) ଶ୍ରୀନଗରକୁ କାଶ୍ମୀରର କ'ଣ ବୋଲି କୁହାଯାଏ ?

୧୯) ଝେଲମ୍ କାହାର ପ୍ରଧାନତମ ରକ୍ତବାହୀ ଧମନୀ ?

୨୦) ସବୁଠାରୁ ପ୍ରାଚୀନ ସେତୁର ନାମ କ'ଣ ଓ ଏହା କେଉଁ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ?

୨୧) ସବୁଠାରୁ ପ୍ରାଚୀନ ସେତୁ ଅଲିକ୍‌ଦଲ କାହା ସମୟରେ ନିର୍ମିତ ହୋଇଥିଲା ?

୨୨) ସେତୁଗୁଡ଼ିକ କେଉଁଥିରେ ନିର୍ମିତ ହୋଇଛି ?

୨୩) ନୌକାରେ କେଉଁମାନେ ବାସ କରନ୍ତି ?

୨୪) ଝେଲମ୍ ନଦୀରେ କେଉଁମାନେ ଅହରହ ଯାତ୍ରା କରନ୍ତି ?

୨୫) ଆର ତୁଠରେ କିଏ ପଥର ଉପରେ ଲୁଗାଥୋଇ ପିଟଣାରେ ବାଡ଼ଉଥିଲା ?

୨୬) କୂଳରେ ବସି ବୁଢ଼ାପଠାଣ କ'ଣ ଖାଉଥିଲା ?

୨୭) ଛାଷ୍ଟ୍‌କାଟ୍ ଯୁବକ ଜଣକ କିଏ ବୋଲି ଲେଖକ ଭାବିଛନ୍ତି ?

୨୮) କିଏ ଭଲ ପିଠା କରି ରାଜଜେମାଙ୍କ ପାଖକୁ କାହା ହାତରେ ପଠାଇଲା ?

୨୯) 'ପର ବୁଦ୍ଧି ପ୍ରଳୟ' – ଏକଥା କିଏ କାହା ପ୍ରସଙ୍ଗରେ କହିଛି ?

୩୦) ରାଜା କଏଦୀ ଘରେ କାହାକୁ ଦେଖିଲେ ?

## ମଧୁବାବୁ

୩୧) ମଧୁବାବୁଙ୍କ ଜୀବନ କାହାଣୀକୁ ଉତ୍କଳର କ'ଣ ବୋଲି କୁହାଯାଏ ?

୩୨) ମଧୁସୂଦନ କେଉଁଥିପାଇଁ ନିରନ୍ତର ବ୍ୟାକୁଳ ଥିଲେ ?

୩୩) ଓଡ଼ିଆ କିପରି ଓଡ଼ିଶା ବାହାରେ ଦେଶବିଦେଶରେ ସମ୍ମାନିତ ହେବ, ଏହା କାହାର ଚିରଲକ୍ଷ୍ୟ ଥିଲା ?

୩୪) କେଉଁ ଗ୍ରାମକୁ ପ୍ରତ୍ୟେକ ଓଡ଼ିଆର ତୀର୍ଥସ୍ଥାନ ବୋଲି କୁହାଯାଇଛି ?

୩୫) ମଧୁବାବୁଙ୍କ ପିତୃମାତୃ ଦତ୍ତ ନାମ କ'ଣ ଥିଲା ?

୩୬) ମଧୁସୂଦନଙ୍କ ସାନଭାଇ ଲେଖିଥିବା ଉପନ୍ୟାସର ନାମ କ'ଣ ?

୩୭) ଆଗେ କେଉଁଠାରେ ଗାଁ ପାଠଶାଳା ବସୁଥିଲା ?

୩୮) ପିଲାମାନେ ଭୂମିରେ କେଉଁ ଖଡ଼ିରେ ଲେଖୁଥିଲେ ?

୩୯) ଚାଟଶାଳୀରେ କେତେବେଳେ ମାନସାଙ୍କ ପଚରା ଯାଉଥିଲା ?

୪୦) ଆଗେ ଚାନ୍ଦବାଲିଠାରୁ ଲୋକେ କିପରି କଲିକତା ଯାଉଥିଲେ ?

୪୧) କଲିକତାରେ ଗୋବିନ୍ଦ ବଲ୍ଲଭଙ୍କର କାହା ସହିତ ପରିଚୟ ହେଲା ?

୪୨) ଗୋବିନ୍ଦ ବଲ୍ଲଭ କଲିକତାରେ ଶିକ୍ଷକତା କଲାବେଳେ କାହାର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ?

୪୩) ମଧୁସୂଦନ କେଉଁ କାଗଜପତ୍ରକୁ ଇଂରାଜୀରେ ଅନୁବାଦ କରୁଥିଲେ ?

୪୪) ମଧୁସୂଦନଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା କ'ଣ ?

୪୫) ମଧୁସୂଦନ ପ୍ରତିଷ୍ଠା କରିଥିବା ଯୋତା କାରଖାନାର ନାମ କ'ଣ ?

## ସେହି ସ୍ମରଣୀୟ ଦିବସ

୪୬) ଶେଷରେ କେଉଁ ରାତ୍ରିର ଅବସାନ ହେଲା ?

୪୭) ରାତିଅଧରୁ କାହାର ମୂର୍ଚ୍ଛନାରେ କଟକ ସହର ମୁଖରିତ ହୋଇ ଉଠିଥିଲା ?

୪୮) ସୂର୍ଯ୍ୟୋଦୟ ପୂର୍ବରୁ ଡକ୍ଟର ମହତାବ କାହାକୁ ସାକ୍ଷାତ କରିବାକୁ ଯାଇଥିଲେ ?

୪୯) ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜ୍ୟପାଳମାନେ କେଉଁଠି ରହୁଥିଲେ ?

୫୦) ସେତେବେଳକୁ ଡକ୍ଟର କାଟ୍‌ଜୁ ପ୍ରଫୁଲ୍ଲ ମନରେ ମୁଣ୍ଡତଳକୁ କରି କେଉଁଠାରେ ବୁଲୁଥିଲେ ?

୫୧) ଲୋକଙ୍କର କେଉଁ ଧାରଣାଟିକୁ ଗାନ୍ଧିଜୀ ଯାଦୁବଳରେ ଧ୍ୱଂସ କରିଦେଲେ ?

୫୨) ଲେଖକଙ୍କ ମତରେ କୌଣସି ରାଜା ବା ନବାବଙ୍କ ସେନାବାହିନୀ କି ଗଣ ଆନ୍ଦୋଳନଠାରୁ ବରାବର ଦୂରେଇ ରହୁଥିବା କେଉଁ ଗୋଷ୍ଠୀ ଏହି ସ୍ୱାଧୀନତା ଆଣିଲେ ନାହିଁ ?

୫୩) ସ୍ୱାଧୀନତାର ପ୍ରଥମ ଦିନଟି ସହରରେ କିପରି କଟିଥିଲା ?

୫୪) ସହରର ସାଧାରଣ ଲୋକଙ୍କ ଆଖିରୁ କେଉଁ କଥା ଜଣା ପଡୁଥିଲା ?

୫୫) ଗ୍ରୀନ୍‌ରୁମ୍‌ରୁ ରଙ୍ଗମଞ୍ଚକୁ ବାହାରି ଆସିଥିବା ତେଜୀୟାନ ଯୁବକର ନାମ କ'ଣ ?

୫୬) କେଉଁ ଶବ୍ଦ ସାରାରାତି ଡକ୍ଟର ମହତବାଙ୍କ କାନପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ?

୫୭) ଶହୀଦ୍ ହଲ୍‌ରେ କେଉଁମାନଙ୍କ ନାମ ଖୋଦିତ ହେବା କଥା ?

୫୮) ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ କ'ଣ କରାଗଲା ?

୫୯) ବିଶାଳ ଜନତା କ'ଣ ପାଇଁ ଆନନ୍ଦରେ ବିଭୋର ହୋଇ ଉଠୁଥିଲେ ?

୬୦) କେଉଁମାନେ ସ୍ୱାଧୀନତା ରକ୍ଷା କରିବେ ବୋଲି କୁହାଯାଇଛି ?

## (୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।

### ଶରଣ୍ଣ ପଦର

୧) 'ଶରଣ୍ଣ ପଦର'ରେ ଥିବା ସାହିମାନଙ୍କ ନାମ କ'ଣ ?

୨) ସମ୍ବାରି କିପରି ମୃତ୍ୟୁବରଣ କଲା ?

୩) ସୁକୃଜାନି କେତେବେଳେ ଆଶ୍ରୟମୟ ତୃପ୍ତିପାଏ ?

୪) ସୁକୃଜାନି କ'ଣ ବିଶ୍ୱାସ କରେ ?

୫) ଜିଲି ଓ ବିଲି ଗାଧୋଉ ଥିଲାବେଳେ କିଏ ସିଧା ଆଖିରେ ଚାଲିଗଲେ ?

୬) 'ତୁମ ପାଦୁକା ଶୀତଳ ଥାଉ' କିଏ କାହାକୁ କହିଛି ?

୭) କିଏ ଗାରଡ ଜମାନ୍ କଥା ଚାରିଆଡ଼େ ଚହଳ ପକାଇ ବୁଲିଲା ?

୮) ସୁକୃଜାନି କାହା ପାଖରେ କେତେବେଳେ ଓ କ'ଣ ଧରି ଉପାଧିଆ ପଡ଼ିଲା ?

### ଝେଲମ୍ ନଦୀରେ ସନ୍ଧ୍ୟା

୯) ଝେଲମ୍‌କୁ ବାଦ୍ ଦେଲେ ଶ୍ରୀନଗରରୁ କେଉଁଟିକୁ ବାଦ୍ ଦେବାକୁ ହେବ ?

୧୦) କାଶ୍ମୀର ରଙ୍ଗମଞ୍ଚର ପ୍ରଧାନ ନର୍ତ୍ତକୀ ଭୂମିକାରେ କିଏ ଅଭିନୟ କରିଛି ?

୧୧) ଲେଖକଙ୍କ ଜଳ ଯାତ୍ରାର ଉଦ୍ଦେଶ୍ୟ କ'ଣ ?

୧୨) ହାଁଜି (ନାଉରୀ)ର ଚେହେରା କିପରି ?

୧୩) ଶିକାରା ହାଉସ୍ ବୋଟ୍‌ଗୁଡ଼ିକ ମଝିରେ ଚାଲିଲାବେଳେ ପଛରେ କ'ଣସବୁ ରହୁଥିଲା ?

୧୪) ଝେଲମ୍ ନଦୀ ତୁଠରେ କିପରି ଲୋକମାନେ ଲୁଗା କଚାକଚି କରନ୍ତି ?

୧୫) କଟୁଆଳ କାନରେ କେଉଁ ଶବ୍ଦ ବାଜିଲା ?

୧୬) ରାଜାଙ୍କ ଭଉଣୀଙ୍କୁ ପାଲିଙ୍କିରେ ଦେଖି ମନ୍ତ୍ରୀପୁଅ କ'ଣ କଲା ?

### ମଧୁ ବାବୁ

୧୭) ମଧୁବାବୁଙ୍କ ଜୀବନ କାହାଣୀକୁ ଉତ୍କଳର କ'ଣ ବୋଲି କୁହାଯାଏ ?

୧୮) ସକାଳବେଳା ଚାଟଶାଳୀରେ କ'ଣ ପଢ଼ାଯାଏ ?

୧୯) ମଧୁବାବୁଙ୍କ ପିତାମହୀଙ୍କର କ'ଣ ଆଶଙ୍କା ଥିଲା ?

୨୦) ଅମ୍ବିକା ପ୍ରସାଦ ହାଜରା କିଏ ?

୨୧) ମଧୁବାବୁ କେଉଁ ବିଷୟରେ ଏମ୍.ଏ. ଏବଂ କେଉଁ ବିଷୟରେ ପାଣ୍ଡିତ୍ୟ ଲାଭ କରିଥିଲେ ?

୨୨) ଶିକ୍ଷକ କାହିଁକି ଛାତ୍ରସମାଜରେ ପୂଜିତ ହୁଅନ୍ତି ?

୨୩) କଲିକତା ଅବସ୍ଥାନକାଳରେ ମଧୁବାବୁଙ୍କ ହୃଦୟରେ କ'ଣ ଜାଗ୍ରତ ହୋଇଥିଲା ?

୨୪) କାହାର ପ୍ରତିଭା ନିକଟରେ ନତମସ୍ତକ ହେବାକୁ ପଡ଼େ ?

### ସେହି ସ୍ମରଣୀୟ ଦିବସ

୨୫) ଭାରତ ଇତିହାସରେ କ'ଣ ଘୋଷଣା କରିବାକୁ ଉଷାର ଆଗମନ ହେଲା ?

୨୬) ରାତ୍ରିର ଅନ୍ଧକାର ଦୂର କରିବାକୁ କେଉଁମାନେ ଲାଗିପଡ଼ିଥିଲେ ?

୨୭) ଏକାଦଶ ଶତାବ୍ଦୀରୁ ଆରମ୍ଭ କରି ପରବର୍ତ୍ତୀ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟଙ୍କ ମନରେ କେଉଁ ଧାରଣା ସୃଷ୍ଟି ହେଲା ?

୨୮) ସାଧାରଣ ଲୋକଙ୍କ ଆନନ୍ଦ ଉତ୍ସାହ କେଉଁଥିରୁ ଜଣା ପଡୁଥିଲା ?

୨୯) 'ଯୁଗେଯୁଗେ ଭାରତ' ନାଟକର ପରିକଳ୍ପନା କେଉଁ ଦୁଇଜଣଙ୍କର ଥିଲା ?

୩୦) "ଆମେ ସେମାନଙ୍କୁ ମନେରଖିଛୁ" ଏକଥା କିଏ କାହାକୁ କହିଛନ୍ତି ?

୩୧) କେଉଁମାନେ ଆନନ୍ଦରେ ସମସ୍ତ ନିନ୍ଦା ଅପମାନକୁ ସହି ନେଇଥିଲେ ?

୩୨) କେଉଁମାନଙ୍କ ପାଇଁ ସ୍ୱାଧୀନତା ସମ୍ପୂର୍ଣ୍ଣ ନିରର୍ଥକ ?

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

### ଶରଣ୍ଣ ପଦର

୧) ସୁକୃଜାନିର ସଂସାର ବିଷୟରେ ସଂକ୍ଷେପରେ ଲେଖ।

୨) 'ଡୁମା' ବିଷୟରେ ସୁକୃଜାନିର ବିଶ୍ୱାସ କ'ଣ ?

୩) ପାହାଡ଼ ତଳ ଝୋଲାର ଚିତ୍ର ଉପସ୍ଥାପନ କର।

୪) ନାଇକର ଚରିତ୍ର ଚିତ୍ରଣ କର।

୫) ସଭ୍ୟଜଗତ ଲୋକ ସମ୍ପର୍କରେ ବର୍ଣ୍ଣନା କର।

## ଝେଲମ୍ ନଦୀରେ ସଂନ୍ଧ୍ୟା

୬) ଝେଲମ୍ ନଦୀର ବର୍ଣ୍ଣନା କର।

୭) ହାଁଜି (ନାଉରୀ) ସମ୍ପର୍କରେ ବର୍ଣ୍ଣନା ପ୍ରଦାନ କର।

୮) ଝେଲମ୍ ଉପରେ ନିର୍ମିତ ସେତୁଗୁଡ଼ିକ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର।

୯) ଝେଲମ୍ କୂଳର ବର୍ଣ୍ଣନା କର।

୧୦) ମନ୍ତ୍ରୀପୁଅ ସ୍ତ୍ରୀ ବେଶରେ ଜେମାଙ୍କ ଉଆସରେ ପହଞ୍ଚିବା ପରେ ରାଝାଝିଅକୁ କ'ଣ କହିଲା ?

## ମଧୁ ବାବୁ

୧୧) ପ୍ରାଚୀନ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?

୧୨) ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କ ସମ୍ପର୍କରେ ସଂକ୍ଷେପରେ ଲେଖ।

୧୩) ପ୍ରବାସୀ ଓଡ଼ିଆଙ୍କୁ ଶିକ୍ଷିତ କରିବାଲାଗି ମଧୁସୂଦନଙ୍କ ପ୍ରଚେଷ୍ଟା ସମ୍ପର୍କରେ ସଂକ୍ଷେପରେ ଲେଖ।

୧୪) ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ଭାର ସମ୍ପର୍କିତ ମୋକଦ୍ଦମାରେ ମଧୁବାବୁଙ୍କ ଭୂମିକା ବର୍ଣ୍ଣନା କର।

୧୫) ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ଥିଲା ଆଲୋଚନା କର।

## ସେହି ସ୍ମରଣୀୟ ଦିବସ

୧୬) ସେହି ସ୍ମରଣୀୟ ଦିବସ କଟକ ସହରରେ କିପରି ପାଳିତ ହୋଇଥିଲା ?

୧୭) ଲୋକମାନଙ୍କ କେଉଁ ଧାରଣାକୁ ଗାନ୍ଧିଜୀ ବଦଳାଇ ପାରିଥିଲେ ?

୧୮) ଖୁଦୀରାମ ତା ସମ୍ପର୍କରେ କ'ଣ କହିଲା ?

୧୯) ସଂଗ୍ରାମ କାଳର ସମସ୍ତଙ୍କ ସ୍ୱପ୍ନର ବସ୍ତୁ କ'ଣ ଥିଲା ?

୨୦) ଲୋକମାନଙ୍କର କେଉଁ ଆତ୍ମପ୍ରତ୍ୟୟ ସ୍ୱାଧୀନତାକୁ ରକ୍ଷା କରିପାରିବ ?

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

## ଶରଣ୍ଣୁ ପଦର

୧) 'ପରଜା' ଉପନ୍ୟାସରୁ ଆନୀତ 'ଶରଣ୍ଣୁ ପଦର'ରୁ ପରଜା ସମାଜର ବାସ୍ତବ ଜୀବନ ଚିତ୍ର ଅଙ୍କନ କର।

୨) ସୁକ୍ରୁଜାନିର ଚିରତ୍ର ଚିତ୍ରଣ କର।

୩) 'ଶରଣ୍ଣୁ ପଦର' ଅବଲମ୍ବନରେ ଗୋପୀନାଥଙ୍କ ବର୍ଣ୍ଣନା ବୈଚିତ୍ର୍ୟ ଓ ଭାଷା ସମ୍ପଦର ଆଲୋଚନା କର।

୪) ଜଙ୍ଗଲ ଜମାନର ଚରିତ୍ର ଚିତ୍ରଣ କର।

## ଝେଲମ୍ ନଦୀରେ ସଂନ୍ଧ୍ୟା

୫) ସନ୍ଧ୍ୟା ସମୟରେ ଶ୍ରୀନଗରର ପ୍ରାକୃତିକ ଶୋଭାର ବର୍ଣ୍ଣନା ପ୍ରବନ୍ଧରେ କିପରି କରାଯାଇଛି ଆଲୋଚନା କର।

୬) ପ୍ରତ୍ୟେକ ଭ୍ରମଣ କାହାଣୀର ସାର୍ଥକତା ସ୍ରଷ୍ଟାର ବର୍ଣ୍ଣନାଶୈଳୀ ଓ ଉପସ୍ଥାପନା ଉପରେ ନିର୍ଭରଶୀଳ। ଯଥାର୍ଥତା ପ୍ରତିପାଦନ କର।

୭) ଲେଖକଙ୍କୁ ଅନୁସରଣ କରି ଝେଲମ୍ ନଦୀରେ ସନ୍ଧ୍ୟାର ଦୃଶ୍ୟ ନିଜ ଭାଷାରେ ଲେଖ।

୮) ପ୍ରତ୍ୟେକ ଭାଷା ବା ଅଞ୍ଚଳର ଲୋକକାହାଣୀର ସାମ୍ୟ ଓ ସମନ୍ୱୟ ରହିଥାଏ। ପଠିତ ପ୍ରବନ୍ଧରେ ବର୍ଣ୍ଣିତ ଲୋକଗଳ୍ପ ଆଧାରରେ ଆଲୋଚନା କର।

## ମଧୁ ବାବୁ

୯) "ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ" ଏହି ଉକ୍ତିର ଯଥାର୍ଥତା ବିଚାର କର।

୧୦) ଉତ୍କଳ ପ୍ରତି ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କର।

୧୧) ଉତ୍କଳ ଜନନୀର ସର୍ବବିଧ ଉନ୍ନତି ପାଇଁ ମଧୁବାବୁ କିଭଳି ବ୍ୟାକୁଳ ଥିଲେ ଆଲୋଚନା କର।

୧୨) ଭାରତ ବର୍ଷରେ ଉତ୍କଳ ପ୍ରଦେଶର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା। ପଠିତ ପ୍ରବନ୍ଧ ଅବଲମ୍ବନରେ ଆଲୋଚନା କର।

## ସେହି ସ୍ମରଣୀୟ ଦିବସ

୧୩) କେଉଁ ସ୍ମରଣୀୟ ଦିବସ ସମ୍ପର୍କରେ ଲେଖକଙ୍କ ବକ୍ତବ୍ୟ ପ୍ରଦତ୍ତ – ଆଲୋଚନା କର।

୧୪) 'ସାଧାରଣ ଜନତା ନିଜେ ନିଜର ସ୍ୱାଧୀନତା ହାସଲ କଲେ' ଉକ୍ତିର ଯଥାର୍ଥତା ବିଚାର କର।

୧୫) 'ସେହି ସ୍ମରଣୀୟ ଦିବସ' ପ୍ରବନ୍ଧରେ ଲେଖକଙ୍କ ନିହିତ ଉଦ୍ଦେଶ୍ୟର ଉପସ୍ଥାପନା କର।

## ପ୍ରଥମ ଏକକ

# ପ୍ରବନ୍ଧ ବିଭାଗ (ଉତ୍ତର)

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧) (iii) ଉତ୍ତର
୨) (i) ବାରିବାଇଗବା
୩) (ii) ଶରଶୁପଦର
୪) (i) ବାଘ
୫) (i) ମାଣ୍ଡିଆଜାନି
୬) (ii) ଗୁର୍ଦ୍ଦି
୭) (i) କୋଶେ
୮) (ii) ମକ୍କା
୯) (ii) ତିନି
୧୦) (i) ଲାଲ୍
୧୧) (ii) ଲାଉତୁମ୍ବାରେ
୧୨) (iii) ତୁମ୍ବା
୧୩) (ii) ଟିକ୍ରା
୧୪) (iv) ବାଗ୍ଲା
୧୫) (iii) ପାଞ୍ଚୁଆ
୧୬) (iii) ହରଡ଼ ଚଡ଼େଇ
୧୭) (iii) ରିବିଣି
୧୮) (i) ଦଶ ପନ୍ଦର କୋଶ
୧୯) (i) ଭିଣୋଇ
୨୦) (ii) ବାଗ୍ଲା
୨୧) (i) ଝେଲମ୍
୨୨) (iii) ବୁଢ଼ାବଳଙ୍ଗ
୨୩) (iv) ଗାଢ଼ନୀଳ
୨୪) (iv) ଝେଲମ୍
୨୫) (iii) କାଶ୍ମୀର
୨୬) (ii) ଶିକାରା
୨୭) (ii) ମୁସଲ୍‌ମାନ
୨୮) (ii) ଚାରିଜଣ
୨୯) (iv) ସାତୋଟି
୩୦) (iii) ଆଲିକ୍‌ଦଲ୍
୩୧) (ii) କାଠ
୩୨) (iv) ଶିକାରା
୩୩) (iv) ୧୪୧୭
୩୪) (iv) କାଶ୍ମୀରୀ କିଶୋରୀ
୩୫) i) ମନ୍ତ୍ରୀ ପୁଅ
୩୬) (ii) ପିଠା
୩୭) (iv) ସ୍ତ୍ରୀ ବେଶ
୩୮) (ii) ନଗର
୩୯) (ii) ରାଜାଙ୍କ ଭଉଣୀ
୪୦) (ii) ଗଣପତି
୪୧) (iii) ଉତ୍କଳର
୪୨) (iv) କଟକ
୪୩) (iv) ଗୋବିନ୍ଦ ବଲ୍ଲଭ
୪୪) (ii) ଗୋପାଳ ବଲ୍ଲଭ
୪୫) (iii) ଓଝା
୪୬) (iii) ଶୁଆପକ୍ଷୀଆ ଖଡ଼ି
୪୭) (iii) ପ୍ରଣାମ କରିବାକୁ
୪୮) (iv) ପଣକିଆ
୪୯) (i) ଅମ୍ବିକାପ୍ରସାଦ
୫୦) (ii) ପିତାମହୀ
୫୧) (ii) ଇଂରାଜୀ
୫୨) (ii) କଲିକତାରେ
୫୩) (iii) ଖ୍ରୀଷ୍ଟ ଧର୍ମ
୫୪) (iv) ସମ୍ବଲପୁର
୫୫) (ii) ଦୁଇଥର
୫୬) (ii) ୧୯୨୧
୫୭) (iii) ଶ୍ରୀରାମପୁର
୫୮) (ii) ଜନ୍ ହବାକ୍
୫୯) (iii) ଖ୍ରୀଷ୍ଟ ଧର୍ମ
୬୦) (ii) ଫେବୃୟାରୀ ୪
୬୧) (iv) ହରେକୃଷ୍ଣ ମହତାବ
୬୨) (iii) ଗାଁ ମଜଲିସ୍
୬୩) (iii) ଚତୁର୍ଥ ଖଣ୍ଡ
୬୪) (ii) କଟକ
୬୫) (i) ବାରବାଟୀ କିଲ୍ଲା
୬୬) (ii) ଲାଲ୍‌ବାଗ
୬୭) (i) ଡକ୍ଟର କାଟ୍‌ଜୁ
୬୮) (ii) ଗାନ୍ଧିଜୀ
୬୯) (iii) ସାଧାରଣ ଜନତା
୭୦) (ii) ସଚ୍ଚିନ୍ ଦତ୍ତ
୭୧) (iii) ଖୁଦୀ ରାମ
୭୨) (i) ଖୁଦୀ ରାମ
୭୩) (iii) ଡକ୍ଟର ମହତାବ୍
୭୪) (i) କ୍ୟାରିଅର
୭୫) (iii) ଶହୀଦ୍ ହଲ୍
୭୬) (ii) ପୁରସ୍କାର
୭୭) (ii) କୋରାପୁଟ
୭୮) (iii) ରାଜା
୭୯) (iii) ୨୫ ବର୍ଷ
୮୦) (ii) ସ୍ୱାଧୀନତା

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

୧. ଧର୍ମଦୁଆର
୨. ଶର୍‌ଶୁ ପଦର
୩. ତିନି
୪. ମକ୍‌କା
୫. ଭାଲୁଗାଡ୍‌ ଝୋଲ୍ଲା
୬. ପତର ସିଆଁ ପିଠିପଖିଆ ଓ ମୁଣ୍ଡର ଛତା
୭. ବାହାର ବଳ ଉପରେ
୮. ଖାଲି ପାହାଚ ପାହାଚ ଚାଷ
୯. ମାଙ୍କଡ଼୍‌ ଝୋଲା କିକାକିରିଗୁମ୍ଫା ବଙ୍ଗଳାରେ
୧୦. ସୁକୃଜାନିର ବୟସ ପଚାଶ ପାଖାପାଖି
୧୧. ରିବିଣି ଅମିନକୁ
୧୨. ନାଇକ
୧୩. ଲଙ୍ଗଳପାନୁ ବା ଟିକସ
୧୪. ବିଭାହେଲେ ପୁଅମାନେ ଅଲଗା ଘରେ ରହିବେ
୧୫. ପୁରିଜାନିର
୧୬. ଝେଲମ୍‌ ମାଆର
୧୭. ଝେଲମ୍‌ ନଦୀର
୧୮. ହୃଦୟ
୧୯. କାଶ୍ମୀରର
୨୦. ଆଲିକ୍‌ଦଲ, ୧୪୧୭ ଖ୍ରୀଷ୍ଟାବ୍ଦରେ
୨୧. ଅଲୀଅଲ୍‌ ସାହାଙ୍କ ସମୟରେ
୨୨. କାଷ୍ଠରେ ନିର୍ମିତ
୨୩. ପରିବାର
୨୪. ଯାତ୍ରୀ ଆଉ ବାଣିଜ୍ୟତରୀ
୨୫. ବୃଦ୍ଧାଟିଏ
୨୬. ଧୂଆଁ
୨୭. ଛାଣ୍ଟକାଟ୍‌ ଯୁବକ ଜଣକ କଲେଜ ଛାତ୍ର ବୋଲି
୨୮. ମନ୍ତ୍ରୀପୁଅ, ପିଠାବିକାଳି ହାତରେ
୨୯. ରାଜାଝିଅ ରାଜାପୁଅ ପ୍ରସଙ୍ଗରେ
୩୦. ରାଜା କଏଦୀ ଘରେ ଆଉ କିଏ ଜଣକୁ ଦେଖିଲେ
୩୧. ଅର୍ଦ୍ଧଶତାବ୍ଦୀର ଇତିହାସ
୩୨. ଓଡ଼ିଆଜାତିର ସର୍ବବିଧ ଉନ୍ନତି ପାଇଁ
୩୩. ମଧୁସୂଦନଙ୍କର
୩୪. ସତ୍ୟଭାମାପୁର
୩୫. ଗୋବିନ୍ଦ ବଲ୍ଲଭ
୩୬. ଭୀମାଭୂୟାଁ
୩୭. ଗାଁ ଚାଳିଘରେ ଓ ଶୀତଦିନେ ଆମ୍ବ ବା ବରଗଛମୂଳେ
୩୮. ଶୁଆପକ୍ଷିଆ ଖଡ଼ି
୩୯. ସନ୍ଧ୍ୟାବେଳେ
୪୦. ଷ୍ଟିମର
୪୧. ଅମ୍ବିକାପ୍ରସାଦ ହାଜରା
୪୨. ସାର୍‌ ଆଶୁତୋଷ ମୁଖୋପାଧ୍ୟାୟ
୪୩. ଓଡ଼ିଆ କାଗଜପତ୍ରକୁ
୪୪. ବିଚ୍ଛିନ୍ନ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ
୪୫. ଉତ୍କଳ ଟାନେରୀ
୪୬. ଅନ୍ଧକାର ରାତ୍ରିର
୪୭. ଜାତୀୟ ଓ ଭକ୍ତିଗୀତର ମୂର୍ଚ୍ଛନାରେ
୪୮. ରାଜ୍ୟପାଳ ଡକ୍ଟର କୈଳାସନାଥ କାଟୁଜ୍‌ଙ୍କୁ
୪୯. ଐତିହାସିକ ସ୍ଥାନ ଲାଲ୍‌ବାଗରେ
୫୦. ତାଙ୍କ କରିଡରରେ
୫୧. ପରାଧୀନ ଆଶ୍ରିତର ଧାରଣା
୫୨. ଶିକ୍ଷିତ ଗୋଷ୍ଠୀ
୫୩. ଉତ୍ସବରେ
୫୪. ଆନନ୍ଦ ଉତ୍ସାହ
୫୫. ଖୁଦୀରାମ
୫୬. ତୁମେ ମତେ ମନେରଖିଛ
୫୭. ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ଶହୀଦ୍‌ମାନଙ୍କର
୫୮. ଗୁଳି କରାଗଲା ଓ ଫାଶୀ ଦିଆଗଲା
୫୯. ସ୍ୱାଧୀନତା ପାଇଁ
୬୦. ଲୋକମାନେ

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

୧. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
'ଡମ୍ବ' ସାହି, 'ଗାଦ୍‌ବା' ସାହି ଓ 'ପରଜା' ସାହି

୨. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ମହାବଳ ବାଘ ଘୋଷାରି ନେବାରୁ

୩. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ସଞ୍ଜବେଳେ ପିଣ୍ଡା ଉପରେ ବସି ପିକା ଟାଣିବା ବେଳେ

୪. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ସୁକୃଜାନିର ବିଶ୍ୱାସ, ସବୁରିକର୍ତ୍ତା ଗୋଟିଏ ଲେଖାଁଭୂତ ବା 'ଡୁମା'

୫. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
କାଉଡ଼ି ବୋହି ପରଜା ଯୋଡ଼ିଏ

୬. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ଗାଁ ନାଇକ ଜଙ୍ଗଲ ଜମାନ ବା ଗାରଡ଼କୁ କହିଛି

୭. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ଗାଁ ଜଗୁଆଳ ଡମ୍ବ ବାରିକ

୮. ପ୍ରବନ୍ଧ – ଶରଶ୍ରୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ଜଙ୍ଗଲ ଜମାନ ପାଖରେ ଦିନ ଦିପହରେ ଯୋଡ଼ିଏ କୁକୁଡ଼ା, ତିନୋଟି ପଣସ ଧରି

୯. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
'ଶ୍ରୀ'ଟିକୁ ବାଦ୍ ଦେବାକୁ ହେବ

୧୦. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ଝେଲମ୍ ନଦୀ

୧୧. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ଶ୍ରୀନଗରର ସମସ୍ତ ଶ୍ରୀକୁ ପ୍ରାଣରେ ଅଙ୍କିତ କରିବା ଲାଗି

୧୨. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ଦୀର୍ଘ ପାଞ୍ଚହାତ ମର୍ଦ୍ଦ, ପିନ୍ଧା ବଡ଼ ଅପରିଚ୍ଛନ୍ନ

୧୩. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ପଛରେ ରହୁଥିଲା ଗୋଟିଗୋଟି ସୌଧ, ଉଦ୍ୟାନ,ସେତୁ ଆଉଘାଟ

୧୪. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ପଥର ଉପରେ ଲୁଗାଥୋଇ ପିଟଣାରେ ବାଡ଼େଇ

୧୫. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ରାଜଜେମାଙ୍କ କଣ୍ଠସ୍ୱରର ଶବ୍ଦ

୧୬. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ମନ୍ତ୍ରୀପୁଅ ତା' ରୂପ ଦେଖି ଚମକି ପଡ଼ିଲା ଓ ଆଳାପ ଜମେଇ ହୃଦୟକୁ କିଣିନେଲା

୧୭. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ

୧୮. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ସକାଳବେଳା ଅକ୍ଷର ଲେଖା ସହିତ ପଣିକିଆ, ଶୋଧ୍‌, ଓଡ଼ାଙ୍କ, ଫେଡ଼ାଙ୍କ, ହରଣ, ଗୁଣନ, ପାହିପଣିକିଆ, କଡ଼ାଗଣ୍ଡା ପଣକିଆ, ଲୀଳାବତୀ ସୂତ୍ର

୧୯. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଇଂରାଜୀ ପଢ଼ିଲେ 'କିରସ୍ତାନ' ବା ଖ୍ରୀଷ୍ଟିୟାନ୍ ହୋଇଯିବେ।

୨୦. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
କଲିକତାର ଜଣେ ବଙ୍ଗୀୟ ଖ୍ରୀଷ୍ଟିୟାନ ପାଦ୍ରି

୨୧. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଇଂରାଜି ସାହିତ୍ୟରେ ଏମ୍.ଏ. ଏବଂ ଗଣିତ ଓ ଭୂଗୋଳରେ ପାଣ୍ଡିତ୍ୟ ଲାଭ

୨୨. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଶିକ୍ଷକ ନିଜର ଜ୍ଞାନ, ଚରିତ୍ର ଓ ଛାତ୍ରମାନଙ୍କ ପ୍ରତି ସହାନୁଭୂତି

୨୩. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଓଡ଼ିଶାରେ ଓ କଲିକତା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଶିକ୍ଷାବିସ୍ତାରର କଳ୍ପନା

୨୪. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ପ୍ରତିଭାଶାଳୀ ବ୍ୟକ୍ତିର ପ୍ରତିଭା ନିକଟରେ

୨୫. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ଏକ ନୂତନ ଯୁଗର ଆୟମାରମ୍ଭ ବିଷୟ

୨୬. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ସମଗ୍ର କଟକ ସହରର ଲୋକମାନେ

୨୭. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ସେମାନେ କେବଳ ଶାସକମାନଙ୍କର ଆଶ୍ରିତପ୍ରଜା

୨୮. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ସେମାନଙ୍କ ଆଖି ଓ କଥାବାର୍ତ୍ତାର

୨୯. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ହରେକୃଷ୍ଣ ମହତାବ ଓ ସଚ୍ଚିନ୍ ଦତ୍ତ

୩୦. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ମହତାବ ନିଜେ ନିଜକୁ କହିଛନ୍ତି

୩୧. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ହଜାର ହଜାର ଲୋକ

୩୨. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ
ଲେଖକ – ହରେକୃଷ୍ଣ ମହତାବ
ଲକ୍ଷଲକ୍ଷ ଜନତାଙ୍କ ପାଇଁ

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. ପ୍ରବନ୍ଧ – ଶରଣ୍ଣୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ସୁକୁଜାନି ପରଜା – ଭାରିଜା ସମ୍ବାରି ବାଘମୁହଁରେ ଯାଇଛି – ବଡ଼ପୁଅ ମାଣ୍ଡିଆଜାନି – ସାନ ପୁଅ ଟିକ୍ରାଜାନି – ଦୁଇଝିଅ ଜିଲି-ବିଲି।

୨. ପ୍ରବନ୍ଧ – ଶରଣ୍ଣୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ସୁକୁର ବିଶ୍ୱାସ – ସବୁରିକର୍ତ୍ତା ଗୋଟିଏ ଲେଖା 'ଡୁମା' ବା 'ଭୂତ'। ଆକାଶ, ଜଙ୍ଗଲ, 'ଡୁମା'ର ସୃଷ୍ଟି। ସୁଖଦୁଃଖ, ଝଡ଼ିତୋଫାନସବୁ 'ଡୁମା' ଆଣିଦିଏ।

୩. ପ୍ରବନ୍ଧ – ଶରଣ୍ଣୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ବିଚିତ୍ର ଶିଳ୍ପୀ ଗୋପୀନାଥ – ପାହାଡ଼ ତଳେ ଭୀମଙ୍କ ଲଙ୍ଗଳସିଅ ଝୋଲା, ପାହାଡ଼ୀ ନଈ। ସେଥିରେ କବକବ କରି ଡେଇଡେଇଁକା ପାଣିର ସ୍ରୋତ ଚାଲିବାର ବର୍ଣ୍ଣନା।

୪. ପ୍ରବନ୍ଧ – ଶରଣ୍ଣୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ନାଇକ – ଗାଁ ମୁଖିଆ – ସବୁକାମରେ ମୁଝାମ – ସରକାରୀ ହାକିମମାନଙ୍କ ନିକଟରେ ସେ ଦାୟୀ – ଖଜଣା ଅସୁଲ କରିବା – ଗାଁର ଭଲମନ୍ଦ ସରକାରଙ୍କୁ ଜଣାଇବା ତା କାମ।

୫. ପ୍ରବନ୍ଧ – ଶରଣ୍ଣୁ ପଦର
ଲେଖକ – ଗୋପୀନାଥ ମହାନ୍ତି
ସଭ୍ୟଜଗତର ଲୋକ – ଜଙ୍ଗଲ ଜମାନ – ଜଙ୍ଗଲ ଗାରଡ଼ – ସେ ହାକିମ – ଜଙ୍ଘିଆ ଓ ଅଧାକମିଜ ପିନ୍ଧା – ସେ ଅଧିକାରୀ ବଣଜଗିବା କାମ – କାନ୍ଧରେ ବନ୍ଧୁକ – କିଏ ଜଙ୍ଗଲ ହାଣିଲା, ପୋଡୁଚାଷ କଲା – ଜଗିବା – ଜୋରିମାନା କରିବା ତା' କାମ।

୬. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ପୂର୍ଣ୍ଣଜଳା – ସୁନାବ୍ୟା – ବୁଢ଼ାବଳଙ୍ଗ ପରି ଅପ୍ରଶସ୍ତ – ଜଳଗାଢ଼ ନୀଳ – ବଙ୍କେଇ ବଙ୍କେଇ ସମଗ୍ର ଶ୍ରୀନଗରକୁ ସ୍ପର୍ଶ – କାଶ୍ମୀର ହୃଦୟ ଇତ୍ୟାଦି ବର୍ଣ୍ଣାନ ରହିବ।

୭. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ହାଁଜି (ନାଉରୀ) ମୁସଲମାନ – ଶିକାରାବାହକ – ଦୀର୍ଘ ପାଞ୍ଚ ହାତ ମର୍ଦ୍ଦ – ପିନ୍ଧାବସ୍ତ୍ର – ଅପରିଚ୍ଛନ୍ନ – ଧୀରଧୀର ଆହୁଲାମାରି ଶିକାରା ଚାଳନା – ତା'ର ଆଦର ପ୍ରଦର୍ଶନ।

୮. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ନଦୀର ଦୁଇପଟେ ଥିବା ନଗରକୁ ସଂଯୋଗ କରିବା ଲାଗି ବିଭିନ୍ନ ସମୟରେ ସାତଗୋଟି ସେତୁ ନିର୍ମାଣ – ସେତୁଗୁଡ଼ିକର ନାମ – ସବୁଠାରୁ ପ୍ରାଚୀନ ସେତୁର ସମୟ – କାଷ୍ଠ ନିର୍ମିତ– ନଦୀରେ ଜଳଯାତ୍ରା କଲେ ଏହାକୁ ଅତିକ୍ରମ କରିବାକୁ ହୋଇଥାଏ।

୯. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ଝେଲମ୍ ନଦୀର ଦୁଇକୂଳରେ ବଡ଼ବଡ଼ ବ୍ୟାଙ୍କ୍, ବିଦ୍ୟାଳୟ, ହୋଟେଲ, କଲେଜ, ମନ୍ଦିର, ମସ୍‌ଜିଦ୍, ଗୋଦାମ, କାରଖାନା – କୂଳଲଗା ହାଉସ୍ ବୋଟ୍ – ହାଉସ୍ ବୋଟ୍‌ରେ ଦୋକାନ ବଜାର।

୧୦. ପ୍ରବନ୍ଧ – ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ – କୁଞ୍ଜବିହାରୀ ଦାଶ
ମନ୍ତ୍ରୀ ପୁଅର ସ୍ତ୍ରୀ ବେଶରେ ଜେମାଙ୍କ ଉଆସରେ ପହଞ୍ଚିବା – ରାଜାପୁଅ ବିଷୟରେ କହିବା– ଭୋକଶୋଷ ଭୂଲି ଜେମାଙ୍କୁ ଝୁରିହେବା ଇତ୍ୟାଦି।

୧୧. ପ୍ରବନ୍ଧ – ମଧୁବାବୁ
ଲେଖକ – ଚିନ୍ତାମଣି ଆଚାର୍ଯ୍ୟ
ଗାଁ ଚାଟଶାଳୀ – ମାଟିବଂଶ ଅବଧାନ ବା କ୍ଷିତିବଂଶ ଅବଧାନଙ୍କ ଦ୍ୱାରା ପାଠପଢ଼ା – ଗାଁ ଚାଳିଘରେ ଶୀତଦିନେ ଆମ୍ବ ବା ବରଗଛ ମୂଳେ ପାଠପଢ଼ା – ଭୂମିରେ ଶୁଆପକ୍ଷିଆ ଖଡ଼ିରେ ଲେଖିବା, ତାଳପତ୍ର ଓ ଲେଖନରେ ହସ୍ତାକ୍ଷର ମଡ଼ାଇବା – ସକାଳୁ ଦିନ ଏଗାରଟାଯାଏ ଓ ପୁଣି ଉପରବେଳା ସନ୍ଧ୍ୟାଯାଏ ପାଠପଢ଼ା।

୧୨. ପ୍ରବନ୍ଧ – ମଧୁବାବୁ

ଲେଖକ – ଚିନ୍ତାମଣି ଆଚାର୍ଯ୍ୟ

ସ୍ୱନାମଧନ୍ୟ ଭାରତୀୟ ଗୁଣିଗଣାଗ୍ରଗଣ୍ୟ – କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି – କଲିକତା ବିଶ୍ୱବିଦ୍ୟାଳୟର କୁଳପତି – ସମଗ୍ର ବଙ୍ଗ, ବିହାର ଓ ଓଡ଼ିଶାରେ ଉଚ୍ଚ ଇଂରାଜୀ ଶିକ୍ଷା ପାଇଁ ବ୍ୟବସ୍ଥାର ପ୍ରମୁଖ ଭୂମିକା ଗ୍ରହଣ ଇତ୍ୟାଦି ।

୧୩. ପ୍ରବନ୍ଧ – ମଧୁବାବୁ

ଲେଖକ – ଚିନ୍ତାମଣି ଆଚାର୍ଯ୍ୟ

କଲିକତା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଶିକ୍ଷାବିସ୍ତାର ପରିକଳ୍ପନା, ନୈଶ୍ୟ ବିଦ୍ୟାଳୟ ସ୍ଥାପନ – ଅନେକଗୁଡ଼ିଏ ନୈଶ୍ୟ ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁ ରହିବା – ଓଡ଼ିଆଙ୍କୁ ଶିକ୍ଷିତ କରିବାର ଉଦ୍ଦେଶ୍ୟକୁ ସାକାର କରିବାର ପ୍ରଚେଷ୍ଟା ।

୧୪. ପ୍ରବନ୍ଧ – ମଧୁବାବୁ

ଲେଖକ – ଚିନ୍ତାମଣି ଆଚାର୍ଯ୍ୟ

ପୁରୀ ଜଗନ୍ନାଥ ମନ୍ଦିରର ପରିଚାଳନାଭାର ନେବାକୁ ଇଂରେଜ ସରକାରଙ୍କ ପ୍ରଚେଷ୍ଟା – ନ୍ୟାୟାଳୟରେ ମଧୁବାବୁ ଗଜପତିଙ୍କୁ ସମର୍ଥନ କରି ଲଢ଼ିବା – ମଧୁବାବୁଙ୍କ ଚମତ୍କାର ଯୁକ୍ତି – ଗଜପତିଙ୍କ ନାମରେ ବର୍ଷଗଣନା – ଓଡ଼ିଆ ଜାତିର ଜାତକରେ ପୁରୀ ରାଜାଙ୍କ ଅଙ୍କ ବସିବା – କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ମକଦ୍ଦମା ଲଢ଼ି ଗଜପତିଙ୍କୁ ଜିତାଇବା ।

୧୫. ପ୍ରବନ୍ଧ – ମଧୁବାବୁ

ଲେଖକ – ଚିନ୍ତାମଣି ଆଚାର୍ଯ୍ୟ

ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରିକରଣ – ମଧ୍ୟପ୍ରଦେଶ, ବଙ୍ଗଳାଦେଶ, ବିହାର ଓ ମାନ୍ଦ୍ରାଜରେ କେତେକ ଅଂଶକୁ ଓଡ଼ିଶାରେ ମିଶାଇବା ପ୍ରଚେଷ୍ଟା – ଓଡ଼ିଆମାନଙ୍କର ହିନ୍ଦି, ବଙ୍ଗଳା ଓ ତେଲଙ୍ଗୀ ଭାଷା ଶିକ୍ଷାରୁ ନିସ୍ତାର, ସର୍ବଶେଷରେ ବତିଶୀ ବର୍ଷ ବ୍ୟାପି ଚେଷ୍ଟାର ଫଳ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

୧୬. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ

ଲେଖକ – ହରେକୃଷ୍ଣ ମହତାବ

ରାତିଅଧରୁ ଶୋଭାଯାତ୍ରା, କୋଳାହଳ – ଜାତୀୟ ସଙ୍ଗୀତର ମୂର୍ଚ୍ଛନା – ବାଦ୍ୟ ଓ ଶଙ୍ଖନାଦ – ସମଗ୍ର କଟକ ସହରର ଲୋକେ ରାତ୍ରିର ଅନ୍ଧକାରକୁ ଦୂର କରିବାକୁ ସତେ ଯେପରି ଲାଗିପଡ଼ିବା ଓ ଆସନ୍ତା କାଲିର ନୂତନ ସୂର୍ଯ୍ୟକୁ ଅଭିନନ୍ଦନ ଜଣାଇବାକୁ ବ୍ୟଗ୍ର ହୋଇପଡ଼ିବା ।

୧୭. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ

ଲେଖକ – ହରେକୃଷ୍ଣ ମହତାବ

ଏକାଦଶ ଶତାବ୍ଦୀରୁ ଆରମ୍ଭ କରି ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଲୋକଙ୍କ ଧାରଣା – ଦେଶର ବ୍ୟାପାର ଓ ରାଜନୀତି ଠାରୁ ନିଜକୁ ଦୂରେଇ ରଖିବା – ସେମାନେ କେବଳ ରାଜା ବା ନବାବଙ୍କର ଆଶ୍ରିତ ପ୍ରଜାର ମନୋଭାବ – ରାଜନୀତି ପ୍ରତି ବୀତସ୍ପୃହ ଭାବ – ଏସବୁ ଧାରଣାକୁ ଗାନ୍ଧିଜୀ ବଦଳାଇ ପାରିଥିଲେ ।

୧୮. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ

ଲେଖକ – ହରେକୃଷ୍ଣ ମହତାବ

ନାଟକର ଶେଷ ଦୃଶ୍ୟରେ ଗ୍ରୀନ୍‌ରୁମ୍‌ରୁ ରଙ୍ଗମଞ୍ଚକୁ ଖୁଦୀରାମ ଚରିତ୍ରର ଆଗମନ – ଉପସ୍ଥିତ ଜନତାଙ୍କୁ ତାକୁ ଚିହ୍ନି ପାରିବାର ପ୍ରଶ୍ନ ପଚାରିବା – ପ୍ରତିଦାନରେ କିଛି ପାଇବାର ଆଶା ନରଖି ହସିହସି ଫାଶିଖୁଣ୍ଟରେ ଚଢ଼ି ପ୍ରାଣବଳି ଦେବାକଥା ପ୍ରକାଶ କରିବା – ଶେଷରେ ନିଜର ପ୍ରାଣପାତ ବ୍ୟର୍ଥ ନ ହେବା କଥା ପ୍ରକାଶ କରିବା ।

୧୯. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ

ଲେଖକ – ହରେକୃଷ୍ଣ ମହତାବ

ସ୍ୱାଧୀନତା ସଂଗ୍ରାମକାଳରେ ଲୋକଙ୍କର ସ୍ୱପ୍ନ – କି ଜନଜାତି ସୁଦୂର କୋରାପୁଟର, କି ସହରବାସୀ, ସମଗ୍ର ଦେଶର ଜନତାର ସ୍ୱତଃଭାବନା – ଅତୀତର ଦୁଃଖଦୁର୍ଦ୍ଦଶାର ଅବସାନ ହେବ – ନୂତନ ଭାଷାର ଆଗମନରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଇଁ ଏହା ହିଁ ଥିଲା ସ୍ୱପ୍ନର ବସ୍ତୁ ।

୨୦. ପ୍ରବନ୍ଧ – ସେହି ସ୍ମରଣୀୟ ଦିବସ

ଲେଖକ – ହରେକୃଷ୍ଣ ମହତାବ

ଏହି ଦେଶ ସେମାନଙ୍କର – ସେମାନେ ହିଁ ନିଜେ ନିଜର ମୁନିବ – ସେମାନେ ନିଜ ନିଜ ଭାଗ୍ୟର ନିୟାମକ – ସେମାନଙ୍କର ସଂକଳ୍ପବଦ୍ଧତା, ଆତ୍ମପ୍ରତ୍ୟୟ ଓ ସଂଯମ ଏ ଦେଶର ସ୍ୱାଧୀନତାକୁ ରକ୍ଷା କରିପାରିବ ।

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।**

୧. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି

ପ୍ରଖ୍ୟାତ ଉପନ୍ୟାସ 'ପରଜା'ରୁ ଗୃହୀତ। ଆଦିବାସୀ 'ପରଜା' ସମ୍ପ୍ରଦାୟର ପାରିବାରିକ ଜୀବନ - ତାର ଚଳଣି - ତାର ଆଶା ଓ ବିଶ୍ୱାସ - ଖାଦ୍ୟପେୟ - ପୋଷକପତ୍ର - ସଭ୍ୟଜଗତ ସହିତ ସମ୍ପର୍କ - ପାରମ୍ପରିକ ଚଳଣି ଇତ୍ୟାଦିର ବର୍ଣ୍ଣନା ରହିବ।

୨. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି

'ପରଜା' ଉପନ୍ୟାସର ମୁଖ୍ୟ ଚରିତ୍ର ସୁକ୍ରୁଜାନି - ସୁକ୍ରୁର ପାରିବାରିକ ଜୀବନ - ତାର ଉତ୍‌ଥାନ ପତନକୁ ନେଇ ଉପନ୍ୟାସଟି ଗଢ଼ି ଉଠିଛି। 'ଶରଣ୍ଣୁ ପଦର' ପ୍ରବନ୍ଧରେ ତା'ର ପ୍ରାରମ୍ଭିକ ବର୍ଣ୍ଣନା। ସୁକ୍ରୁର ଚରିତ୍ର - ସରଳ - ନିଷ୍କପଟ - ନିରକ୍ଷର ପରଜାର ବିଶ୍ୱାସ - ତା'ର ଚିନ୍ତାଧାରା ଇତ୍ୟାଦିର ବର୍ଣ୍ଣନା ରହିବ।

୩. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି

ଗୋପୀନାଥଙ୍କ ବର୍ଣ୍ଣନା - ଏକକ ଓ ଅନନ୍ୟ - ଫକୀରମୋହନଙ୍କ ପ୍ରଭାବ - ତାଙ୍କଠାରୁ ଦୁଇପାଦ ଆଗରେ - ଟିକିନିଖି ବର୍ଣ୍ଣନା - ଦୃଶ୍ୟର ଜୀବନ୍ତ ଓ ନିଛକ ବର୍ଣ୍ଣନା - ଚରିତ୍ରଠାରୁ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣନା ବାସ୍ତବ। ଭାଷା ସଂଯୋଜନା ଅନତିକ୍ରମଣିୟ - ସହଜ ସରଳ ପୁଣି ଭାବଗର୍ଭକ - ଆଦିବାସୀ ଭାଷାର ସଫଳ ସଂଯୋଜନା - ପାତ୍ରୋପମୁଖୀ ଭାଷା।

୪. ପ୍ରବନ୍ଧ - ଶରଣ୍ଣୁ ପଦର
ଲେଖକ - ଗୋପୀନାଥ ମହାନ୍ତି

ଚରିତ୍ର ଚିତ୍ରଣରେ ଲେଖକଙ୍କ ନିପୁଣତା - ଜଙ୍ଗଲଜମାନର ଅର୍ଥ ଲୋଭ - ଆଦିବାସୀଙ୍କୁ ଶୋଷଣ ପ୍ରବୃତ୍ତି - କର୍ତ୍ତବ୍ୟକୁ ପଛରେ ପକାଇ ସ୍ୱାର୍ଥ ସିଦ୍ଧିରେ ପାରଙ୍ଗମ।

୫. ପ୍ରବନ୍ଧ - ଝେଲମ୍ ନଦୀରେ ସନ୍ଧ୍ୟା
ଲେଖକ - କୁଞ୍ଜବିହାରୀ ଦାଶ

୫୮. କେଉଁ କଥା ଶୁଣିବାକୁ ଚାହାନ୍ତିନି ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ?

୫୯. ଏ ବୟସରେ କାହାକୁ ବଦଳାଇବା ସମ୍ଭବ ନୁହେଁ ବୋଲି ସ୍ୱାମୀ କହିଛି ?

୬୦. କେଉଁ କଥା ଆପେ ଆପେ ଫୁଟି ବାହାରି ପଡ଼ିବ ବୋଲି କୁହାଯାଇଛି ?

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

## ଅତ୍ୟାଚାରିତ

୧. "ତୋ ମୁଣ୍ଡ ବିଗିଡ଼ି ଯାଇଚି କିରେ" - ଏହା କିଏ କାହାକୁ କାହିଁକି କହିଛନ୍ତି ?

୨. କେଉଁ ଆଇନ୍ ପାଶ୍ ହୋଇ ଗଲାଣି ବୋଲି ଦନେଇ କହିଛି ଓ କାହିଁକି ?

୩. ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ କିଏ କେଉଁ ଆଇନ୍ ତିଆରି କରିଛନ୍ତି ?

୪. ଛାତ୍ରଙ୍କ ପରୀକ୍ଷା ଫଳ ସମ୍ପର୍କରେ ନୂଆ ଆଇନ୍‌ରେ କ'ଣ କୁହାଯାଇଛି ?

୫. ଲେଡ଼ି ଷ୍ଟୁଡେଣ୍ଟମାନଙ୍କ ସମ୍ପର୍କରେ ନୂଆ ଆଇନ୍‌ରେ କ'ଣ କୁହାଯାଇଛି ?

୬. ବ୍ରଜବିହାରୀ କେଉଁ କଥା ଭୁଲି ଯାଇଥିଲେ ବୋଲି ମାଷ୍ଟ୍ରେଙ୍କୁ କହିଥିଲେ ?

୭. ପାଠ ମୁଖସ୍ତ କରିଦେଲେ ପିଲାଙ୍କର କ'ଣ ହେବ ବୋଲି କୁହାଯାଇଛି ?

୮. ସାଇକିଆଟ୍ରିଷ୍ଟ ବ୍ରଜବିହାରୀଙ୍କ କେଉଁ ଦୋଷ ଥିବାର ସୂଚନା ଦେଇଛନ୍ତି ?

୯. 'ପାରିବାରିକ ଥଇଥାନ' ସମିତି କେଉଁ ଦିଗରେ କାର୍ଯ୍ୟ କରେ ?

୧୦. ରସିଦ୍ ଦେବା ବେଳେ ଶିବରାମ ବନବିହାରୀଙ୍କୁ କ'ଣ କହିଥିଲେ ?

## ଭାଲୁ ଉପଦ୍ରବ

୧୧. ଭାଲୁର ଯିବା ଆସିବା ସମ୍ପର୍କରେ ମନମୋହନ କ'ଣ କହିଛି ?

୧୨. ସର୍ବଶେଷ ଖବରରୁ କ'ଣ ଜଣାଯାଇଛି ବୋଲି ଆନାଉନ୍‌ସ ହୋଇଛି ?

୧୩. ମନମୋହନ ବାବୁ ଭାଲୁକୁ କେଉଁଠି ଶୋଇଥିବାର ଦେଖିଲେ ?

୧୪. ସୁରେଶ ଗୋପୀକୁ ଡାକି କେଉଁଠି ଆଲୁଅ ଜାଳିବାକୁ କହିଛି ଓ କାହିଁକି ?

୧୫. ଭାଲୁ କ'ଣ କରିପାରେ ବୋଲି ଦେବକାନ୍ତ କହିଛି ?

୧୬. ମନମୋହନର ଉଦ୍‌ବୋଧନ ଶୁଣି ଗୋପୀ କ'ଣ କହିଥିଲା ?

୧୭. ଉଣେଇଶ ଶହ ଏକାନବେ ମସିହା ଆଇ.ଏ.ଏସ୍. ପରୀକ୍ଷାରେ ଜାମ୍ବବାନ ବିଷୟରେ କେଉଁ ପ୍ରଶ୍ନ ପଡ଼ିଥିଲା ?

୧୮. କ'ଣ କଲେ ଭାଲୁ ଚାଲିଯିବ ବୋଲି ଦେବକାନ୍ତ ପ୍ରସ୍ତାବ ଦେଇଛି ?

୧୯. ଶୋଇ ଯାଇଥିବା ଗୋପୀ ଖିଲିଖିଲି ହସି କ'ଣ କହୁଥିଲା ?

୨୦. ଗୋପୀ ଶେଷରେ କ'ଣ କହି କାନ୍ଦିକାନ୍ଦି ଚାଲିଗଲା ?

## ସୀମିତ ସମ୍ପର୍କ

୨୧. କରୁଣାଙ୍କ ସ୍କୁଲ୍‌ରୁ ଫେରିବା ବେଳ ସମ୍ପର୍କରେ ଶାଶୁ କ'ଣ କହିଛନ୍ତି ?

୨୨. ସେ ଘରକୁ କେମିତି ବୋହୂ ହୋଇ ଆସିଥିଲା ବୋଲି ବୋହୂ କହିଛି ?

୨୩. କେଉଁ କଥାରେ ବୋହୂ ଫଟେଇ ହେଉଛି ବୋଲି ଶାଶୁ କହିଛି ?

୨୪. ମା' କ'ଣ କହୁଥିଲା ବୋଲି ସ୍ୱାମୀ, ସ୍ତ୍ରୀଙ୍କୁ କହିଛି ?

୨୫. ସ୍ତ୍ରୀ ତାସଲ୍ୟ କରି ତାଙ୍କ ସ୍ୱାମୀଙ୍କୁ କ'ଣ କହିଥିଲେ ?

୨୬. ସ୍ତ୍ରୀଙ୍କର କେଉଁ ଅଭ୍ୟାସ କଥା ସ୍ୱାମୀ କହିଛି ?

୨୭. କେଉଁ କଥା ତାକୁ ଆଶ୍ଚର୍ଯ୍ୟ ଲାଗେ ବୋଲି ସ୍ତ୍ରୀ କହିଛି ?

୨୮. ବୋହୂ ନିଜେ ତା ବାପା ସମ୍ପର୍କରେ କ'ଣ କହିଛି ?

୨୯. ଚାକିରି କରୁଛି ବୋଲି ବୋହୂ କ'ଣ କରୁଛି, ଶାଶୁ କହିଛି ?

୩୦. ସ୍ତ୍ରୀଙ୍କ ପାଇଁ ସ୍ୱାମୀଙ୍କ ପଦେକଥା କ'ଣ ଥିଲା ?

**(୪) ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

## ଅତ୍ୟାଚାରିତ

୧. ନିରୁଦ୍ଦେଶ ବ୍ୟକ୍ତିଙ୍କ ସମ୍ପର୍କରେ ଖବରକାଗଜରେ କ'ଣ ପ୍ରକାଶ ପାଇଥିଲା ?

୨. 'ନିଖିଳ କଟକ ଚାକର ସଭା'ରେ କେଉଁସବୁ ଆଇନ ପାଶ୍ ହୋଇଥିଲା ?

୩. ଛାତ୍ରସଂଘର ନୂଆ ଆଇନ୍ କ'ଣ ଥିଲା ?

୪. ବୁଝି କରି ପାଠ ପଢ଼ିଲେ କ'ଣ ହେବ ବୋଲି କୁହାଯାଇଛି ?

୫. ଅଧିକାଂଶ ସମୟରେ ବନମାଳା କ'ଣ କରିଥାନ୍ତି ?

## ଭାଲୁ ଉପଦ୍ରବ

୬. କେଉଁ ଅପ୍ରତ୍ୟାଶିତ ସମ୍ବାଦଟି ରେଡ଼ିଓ ଘୋଷଣା କରିଛି ?

୭. ହାତୀ ପାଇଁ ଏ ଦେଶରେ ବନ୍ଦ ଡାକରା ଦେବେ ବୋଲି ସୁରେଶ କାହିଁକି କହିଛି ?

୮. ସରକାର କେଉଁମାନଙ୍କୁ ନେଇ ଗୋଟିଏ ଅନୁସନ୍ଧାନ ସ୍କ୍ୱାର୍ଡ ଖୋଲିଥିଲେ ଓ କାହିଁକି ?

୯. ନିଶାକର ଅନ୍ଧକାର ଭିତରେ ଟି.ଭି. ସୁଇଚ୍ ଅଫ୍ କରି କ'ଣ କହିଲା ?

୧୦. ଭାଲୁ ପାଖକୁ ଯିବା ଆଗରୁ ଗୋପୀ ବାବୁମାନଙ୍କ ଠାରେ କ'ଣ ଦେଖିଚି ବୋଲି କହିଲା ?

## ସୀମିତ ସମ୍ପର୍କ

୧୧. କେଉଁ କଥା ଶୁଣି ତାଙ୍କ ମନ ଭାରାକ୍ରାନ୍ତ ହୋଇ ପଡ଼ିବ ବୋଲି ସ୍ୱାମୀ କହିଛନ୍ତି ?

୧୨. ମା' କାନ୍ଦିକାନ୍ଦି ପୁଅକୁ କ'ଣ କହିଛି ?

୧୩. ବୋହୂଟି ତା' ଭାଇ ସମ୍ପର୍କରେ କ'ଣ କହିଛି ?

୧୪. ସ୍ୱାମୀଙ୍କୁ ଗୋଟିଏ ଜିଦ୍‌ଖୋର୍ ଲୋକ କହି ସ୍ତ୍ରୀ ତାଙ୍କୁ କ'ଣ ପଚାରିଛନ୍ତି ?

୧୫. କେଉଁ କଥାଟା ଏକଦମ୍ ସ୍ୱଷ୍ଟ ବୋଲି କୁହାଯାଇଛି ?

## (୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

### ଅତ୍ୟାଚାରିତ

୧. ନାମକରଣ ଦୃଷ୍ଟିରୁ 'ଅତ୍ୟାଚାରିତ' ଏକାଙ୍କିକାର ଯଥାର୍ଥତା ବିଚାର କର।

୨. ବନମାଳା ଦେବୀଙ୍କ ଚରିତ୍ର ଚିତ୍ରଣ କର।

୩. ଏକ ପାରିବାରିକ ସମସ୍ୟାଭିତ୍ତିକ ଏକାଙ୍କିକା ଭାବେ ଅତ୍ୟାଚାରିତର ମୂଲ୍ୟାଙ୍କନ କର।

୪. ଶିବରାମ ଚରିତ୍ରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କର।

୫. ନାଟକୀୟ ଉତ୍କଣ୍ଠା ସୃଷ୍ଟି କ୍ଷେତ୍ରରେ କେଉଁ ଚରିତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଆଲୋଚନା କର।

### ଭାଲୁ ଉପଦ୍ରବ

୬. 'ଭାଲୁ ଉପଦ୍ରବ' ଏକ ସମ୍ବେଦନଶୀଳ ହାସ୍ୟରସାତ୍ମକ ଏକାଙ୍କିକା, ଆଲୋଚନା କର।

୭. 'ଭାଲୁ ଉପଦ୍ରବ' ଏକାଙ୍କିକାର ନାମକରଣର ସାର୍ଥକତା ବିଚାର କର।

୮. 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ନିଶାକରଙ୍କ ଚରିତ୍ର ଚିତ୍ରଣ କର।

୯. 'ଗୋପୀ' ଚରିତ୍ର ବିନା ଏକାଙ୍କିକା 'ଭାଲୁ ଉପଦ୍ରବ' ଅସମ୍ପୂର୍ଣ୍ଣ। ସଯୌକ୍ତିକ ଆଲୋଚନା କର।

୧୦. 'ଭାଲୁ ଉପଦ୍ରବ' ଏକାଙ୍କିକାରେ ସସେମିରା ଉପାଖ୍ୟାନର ସଂଯୋଜନା କେତେ ଯଥାର୍ଥ, ବିଚାର କର।

### ସୀମିତ ସମ୍ପର୍କ

୧୧. 'ସୀମିତ ସମ୍ପର୍କ' ଏକାଙ୍କିକାର ସାର୍ଥକତା ନାମକରଣ ଦୃଷ୍ଟିରୁ ବିଚାର କର।

୧୨. ପଠିତ ଏକାଙ୍କିକାରୁ ଶାଶୁ - ବୋହୂଙ୍କ ସମ୍ପର୍କ ସମ୍ବନ୍ଧରେ ଆଲୋଚନା କର।

୧୩. କରୁଣାଙ୍କ ଚରିତ୍ର ଏକ ସହନଶୀଳ ଓ ତ୍ୟାଗପୂତ ଚରିତ୍ର କି ? ସଯୌକ୍ତିକ ଆଲୋଚନା କର।

୧୪. 'ଶାଶୁ' ଚରିତ୍ରର ମୂଲ୍ୟାୟନ କର।

୧୫. 'ନାଟର ଗୋବର୍ଦ୍ଧନ' ବୋଲାଉଥିବା ଚରିତ୍ରର ଅସହାୟତା ଦର୍ଶାଅ।

# ତୃତୀୟ ଏକକ

## ଏକାଙ୍କିକା ବିଭାଗ (ଉତ୍ତର)

### (୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. (iii) ଦଦେଇ
୨. (ii) ମୁଣ୍ଡ
୩. (iv) ନିଖିଳ କଟକ
୪. (iv) ଦରମା
୫. (iv) ଦଶ ଘଣ୍ଟା
୬. (i) ବାରଟା
୭. (iv) ଚାଲାଖ
୮. (i) ଦୁଇ ମାସ
୯. (ii) ପ୍ରବଳ
୧୦. (iii) ପୁରୁଷ
୧୧. (iii) ଅଭଦ୍ର
୧୨. (iv) ମାଷ୍ଟ୍ରେ
୧୩. (ii) ସାଢ଼େ ଚାରିଟା
୧୪. (i) ପଚାଶ ମିନିଟ୍
୧୫. (iv) ଛଅଟା
୧୬. (iii) ସମ୍ପାଦକ
୧୭. (i) ଶହେଟଙ୍କା
୧୮. (ii) ତିରିଶ
୧୯. (i) ପନ୍ଦର
୨୦. (ii) ଦୁଇଟି
୨୧. (iv) ଦଶ
୨୨. (iii) କୋଡ଼ିଏ ଦିନ
୨୩. (iii) ଅଫିସ୍
୨୪. (iv) ସ୍ତ୍ରୀମାନେ
୨୫. (iv) ବିନତି ଦେବୀ
୨୬. (ii) ମୁଗୁର
୨୭. (iv) ଗୋପୀ
୨୮. (iii) ଗୋଟିଏ ଭାଲୁ
୨୯. (iv) ମନମୋହନ
୩୦. (iii) ତେଲୁଗୁ
୩୧. (ii) ଜିଭରେ
୩୨. (iii) ବିଶ୍ୱାସଘାତକତା
୩୩. (ii) ସୁରେଶ
୩୪. (iii) ଗୋପୀ
୩୫. (ii) ଆଳୁଅ
୩୬. (ii) ଆସ୍ଥା
୩୭. (iv) ବନ୍ଦ
୩୮. (iv) ରଚନା
୩୯. (iv) ମଣିଷ
୪୦. (ii) ଭାଲୁ
୪୧. (i) ନିଶାକର
୪୨. (ii) ବାଉଁଶଟା
୪୩. (iv) ମୃଦଙ୍ଗ
୪୪. (iii) ପାଗଳ
୪୫. (iv) ରାମ ଭକ୍ତ
୪୬. (ii) ଜାମ୍ବବାନ
୪୭. (i) ଅଯୋଧ୍ୟା
୪୮. (ii) ବୁଢ଼ୀ ମା'
୪୯. (ii) ମରଣ
୫୦. (ii) ଭାଲୁ
୫୧. (iv) ସ୍ନେହମୟୀ ଦେବୀ
୫୨. (ii) ପଞ୍ଚାବନ
୫୩. (iii) ତିନିବର୍ଷ
୫୪. (ii) ଶିକ୍ଷୟିତ୍ରୀ
୫୫. (iv) କିରାଣୀ
୫୬. (ii) ସହ୍ୟ କରିବାର
୫୭. (iv) ପଥର
୫୮. (iv) ଚାରି
୫୯. (i) ଗୋବର୍ଦ୍ଧନ
୬୦. (iii) ପୁଅ ପାଇଁ
୬୧. (iii) ଆବର୍ଜନିଆ କଥା
୬୨ (i) ସ୍ଲୋଗାନ
୬୩. (iii) ବଳବୟସ
୬୪. (ii) ପାଗଳ
୬୫. (ii) ଲଙ୍କା
୬୬. (ii) ମହରଗ ଯୁଗ
୬୭. (i) ଶାଶୁ
୬୮. (iii) ସ୍କୁଲର ଦାସୀ
୬୯. (ii) କୁନା
୭୦. (iii) କାଟାଷ୍ଟ୍ରୋଫି
୭୧. (ii) ରାମାୟଣ
୭୨. (ii) ମିଠାକଥା
୭୩. (ii) ମିଛମିଛିକା
୭୪. (iii) ଜିଦ୍‌ଖୋର
୭୫ (ii) ଗାଈ ଭଳି

## (୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ଡେପୁଟି ମାଜିଷ୍ଟ୍ରେଟ୍
୨. ଜନାର୍ଦ୍ଦନ
୩. ଆଇନ୍
୪. ବୁଲିବେ, ସିନେମା ଦେଖିବେ
୫. ରାତି ବାରଟା ଆଗରୁ
୬. ଜନାର୍ଦ୍ଦନ
୭. ଦୁର୍ଦ୍ଦାନ୍ତ ନାରୀ
୮. ଗୃହଲକ୍ଷ୍ମୀ ସମିତି
୯. ଶାସନ
୧୦. ସ୍ୱଳ୍ପ ଦରମାପ୍ରାପ୍ତ ଶିକ୍ଷକ ସଂଘ
୧୧. ମାଷ୍ଟର ବାବୁ
୧୨. ପାଠ ପଢ଼େଇବା
୧୩. ବୁଝିକରି ପଢ଼ିଲେ
୧୪. ପନ୍ଦର ବର୍ଷ
୧୫. ତିନିଥର
୧୬. ନଅବର୍ଷ
୧୭. ବ୍ରଜବାବୁଙ୍କର
୧୮. ବିବାହ କରିବେ ଓ ପିଲାଜନ୍ମ କରିବେ
୧୯. ଅତ୍ୟାଚାରିତ ସ୍ୱାମୀ
୨୦. ବିନତି ଦେବୀଙ୍କ ସ୍ୱାମୀ ଭାବରେ
୨୧. ଖୁବ୍ ଚଢ଼ା ସ୍ୱରରେ
୨୨. କୈଳାସ
୨୩. ଗୋଡ଼ ଦୁଇଟା ତଳକୁ କରି ଫ୍ଲାଟ୍ ହୋଇଯାଇଛି
୨୪. ବଜାରଦର, ପାଣିପାଗ
୨୫. କୈଳାସ
୨୬. ବିଶ୍ୱାସ ଘାତକ ବନ୍ଧୁର ଜିଭରେ
୨୭. ନିଶାକର
୨୮. ମେସ୍‌ରେ
୨୯. ଗୋପୀ
୩୦. ସ୍କ୍ୱାର୍ଡ
୩୧. ବିଶ୍ୱାସଘାତକକୁ
୩୨. ବିଶ୍ୱାସ
୩୩. ଝାଡ଼ା, ପରିସ୍ରା
୩୪. ଆଣ୍ଟିଭାଲୁ ସ୍କ୍ୱାର୍ଡ
୩୫. ଭାଲୁ ବିଷୟରେ ରଚନା
୩୬. ହିଂସ୍ରପ୍ରାଣୀ
୩୭. ଗୋପୀ
୩୮. ଭାଲୁକୁ ମାରିବାକୁ
୩୯. ବାରମ୍ବାର ଗର୍ଜନରୁ
୪୦. ମରଣ ମୁହଁକୁ ଠେଲି ଦେଉଛନ୍ତି
୪୧. ନିମ୍ନ ମଧ୍ୟବିତ୍ତ
୪୨. ଗୋଡ଼ି
୪୩. ଫଟା କପାଳ
୪୪. ମାନ-ମହତକୁ
୪୫. ବାପଭାଇ
୪୬. ବୋହୂ କରୁଣା
୪୭. ସ୍ତ୍ରୀର ବାପଘରକୁ ଯାଇ ନ ଫେରିବା କଥା
୪୮. ଓଲଟା
୪୯. ସବୁତକ ବୋଝ ତା' ମୁଣ୍ଡକୁ
୫୦. ଗନ୍ଧଉଛି
୫୧. ମଠ କି ଆଶ୍ରମରେ
୫୨. ପାଲା
୫୩. କାହାକୁ କ'ଣ ବୁଝେଇବ
୫୪. ରନ୍ଧାରନ୍ଧି
୫୫. ଚାକିରି ଚାଲିଗଲେ
୫୬. ଆଶା
୫୭. ସୀତା ସାବିତ୍ରୀ
୫୮. ମା'ଙ୍କ ବିରୋଧରେ କଥା
୫୯. ମା'କୁ
୬୦. ସତକଥା

**(୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

୧. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଡେପୁଟି କଲେକ୍ଟର ବ୍ରଜବିହାରୀ ବାବୁ ନିଜ ଘରୋଇ ଚାକର ଦନେଇ ତାକୁ ଜନାର୍ଦ୍ଦନ ବାବୁ ବୋଲି ଏଣିକି ଡାକବାକୁ କହିବାରୁ ତାକୁ ଏକଥା କହିଛନ୍ତି।

୨. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଚାକରମାନଙ୍କୁ ଆଉ କେହି ରେ, ରା, ତୁ ତା କହିପାରିବେନି ବୋଲି ଆଇନ୍ ପାଶ୍ ହୋଇଗଲାଣି ବୋଲି କହିଛି।

୩. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଛାତ୍ରସଂଘ, ଅଧ୍ୟାପକ ଓ ଶିକ୍ଷକମାନେ ଛାତ୍ରମାନଙ୍କୁ ଶାସନ କରି ପାରିବେ ନାହିଁ ବୋଲି ଆଇନ୍ ତିଆରି କରିଛନ୍ତି।

୪. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଛାତ୍ରମାନେ ପରୀକ୍ଷାରେ ସବୁ ବିଷୟରେ ଫେଲ୍ ହେଲେ ବି ସେମାନଙ୍କୁ sent up କିମ୍ବା କ୍ଲାସ୍ ଉଠାଇ ଦିଆଯିବ ବୋଲି ନୂଆ ଆଇନ୍‌ରେ କୁହାଯାଇଛି।

୫. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଲେଡି ଷ୍ଟୁଡେଣ୍ଟମାନେ କ୍ଲାସ୍‌ରେ ଅଲଗା ସିଟ୍‌ରେ ନ ବସି ଛାତ୍ରମାନଙ୍କ ସାଥିରେ ଏକା ବେଞ୍ଚରେ ବସିବେ ବୋଲି ନୂଆ ଆଇନ୍‌ରେ କୁହାଯାଇଛି।

୬. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ଟିଉସନ୍ ମାଷ୍ଟ୍ରମାନଙ୍କର ଗୋଟିଏ ସଂଘ ଅଛି ବୋଲି ସେ ଭୁଲି ଯାଇଥିଲେ ବୋଲି ବ୍ରଜବିହାରୀ କହିଛନ୍ତି।

୭. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ପାଠ ମୁଖସ୍ଥ କରିଦେଲେ ପିଲାମାନେ ପରୀକ୍ଷାରେ ଲେଖୁ ଲେଖୁ ଯେଉଁଠି ଅଟକିଲେ ସେଇଠି ରହିଯିବେ ବୋଲି କୁହାଯାଇଛି।

୮. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ସାଇକିଆଟ୍ରିଷ୍ଟ୍ ସେ ବଡ଼ ଅସାମାଜିକ ଓ ନିଜ ସ୍ତ୍ରୀଙ୍କ ସହିତ ଯଥେଷ୍ଟ ମିଳାମିଶା କରିପାରିନାହାନ୍ତି ବୋଲି କହିଛନ୍ତି।

୯. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ପାରିବାରିକ ଥଇଥାନ ସମିତି ଅତ୍ୟାଚାରିତ ସ୍ୱାମୀମାନଙ୍କୁ ପରିବାରରେ ଶାନ୍ତିଶୃଙ୍ଖଳା ଆଣିବା ଦିଗରେ କାର୍ଯ୍ୟ କରେ।

୧୦. ବିଷୟ - ଅତ୍ୟାଚାରିତ
ଲେଖକ - ପ୍ରାଣବନ୍ଧୁ କର
ସନ୍ଧ୍ୟା ବେଳକୁ ଆସିଲେ ସବୁ ବ୍ୟବସ୍ଥା କରିଦିଆଯିବ ବୋଲି ଶିବରାମ ରସିଦ୍ ଦେବାବେଳେ ବନବିହାରୀଙ୍କୁ କହିଥିଲେ।

୧୧. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଭାଲୁ କ'ଣ ଟୁର୍ ପ୍ରୋଗ୍ରାମ ଦେଇ ସହରକୁ ଗସ୍ତ କରିବାକୁ ଆସିଛି ଯେ ତା' ଯିବା ଆସିବା ଜଣାପଡ଼ିବ ବୋଲି ମନମୋହନ କହିଛି।

୧୨. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ସର୍ବଶେଷ ଖବରରୁ ଜଣାଯାଇଛି ଯେ, ଭାଲୁ ଉପଦ୍ରବ ପାଇଁ ସହରରେ ହେବାକୁ ଥିବା ଇଣ୍ଟରଭ୍ୟୁ, କ୍ରିକେଟଖେଳ ଓ ଅନ୍ୟାନ୍ୟ ବ୍ୟବସ୍ଥାସବୁ ବନ୍ଦ ରହିଛି।

୧୩. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ମନମୋହନ ବାବୁ ଭାଲୁକୁ ପାଇଖାନା ଭିତରେ ଶୋଇଥିବାର ଦେଖିଲେ।

୧୪. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ସୁରେଶ ଗୋପୀକୁ ଡାକି ବାଥ୍‌ରୁମ୍‌ରେ ଆଲୁଅ ଜାଳିବାକୁ କହିଛି କାରଣ ଭାଲୁର ଆଲୁଅ ଆଲର୍ଜି।

୧୫. ବିଷୟ - ଭାଲୁ ଉପଦ୍ରବ
ଲେଖକ - ବିଜୟ ମିଶ୍ର
ଭାଲୁ ଗୋଟାଏ ହିଂସ୍ର ପ୍ରାଣୀ, ସେ ପ୍ରତିଶୋଧ ବି ନେଇପାରେ ବୋଲି ଦେବକାନ୍ତ କହିଛି।

୧୬. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ମନମୋହନର ଉଦ୍‌ବୋଧନ ଶୁଣି ଗୋପୀ ବାଉଁଶଟା ଆଣି ଦେବାକୁ ଏବଂ ଦି'ଟା ଖେଞ୍ଚା ମାରିଦେଲେ ଖୋଲା ଦରଜା ଦେଇ ଭାଲୁ ପଳେଇବାକୁ ବାଟ ପାଇବନି ବୋଲି କହିଥିଲା।

୧୭. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଉଣେଇଶ ଏକାନବେ ମସିହାରେ ଆଇ.ଏ.ଏସ୍. ପରୀକ୍ଷାରେ ଜାମ୍ବବାନ ଯେ'କି ହନୁମାନଙ୍କ ଭଳି ରାମଚନ୍ଦ୍ରଙ୍କ ସେବା କରିଥିଲେ, ତାଙ୍କ ଉପରେ ଏକ ସଂକ୍ଷିପ୍ତ ଉତ୍ତର ଲେଖିବାକୁ ପ୍ରଶ୍ନ ପଡ଼ିଥିଲା।

୧୮. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଆସ୍ତେ କରି ପଛପଟ ଦରଜାଟା ଖୋଲିଦେଲେ ଭାଲୁ ଭଦ୍ରଲୋକ ପରି ଭାଲୁ ଚାଲିଯିବ ବୋଲି ଦେବକାନ୍ତ ପ୍ରସ୍ତାବ ଦେଇଛି।

୧୯. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଶୋଇଯାଇଥିବା ଗୋପୀ ଖିଲିଖିଲି ହସି ଭାଲୁ ତାକୁ କୁତୁକୁତୁ କଲେ, ସେ ତାକୁ କୁତୁକୁତୁ କରିଦେବ ବୋଲି କହୁଥିଲା।

୨୦. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଗୋପୀ ଶେଷରେ ସମସ୍ତଙ୍କୁ ନିଜ ଜିଭଟାଣି ସେଥିରେ ନିଜ ହାତରେ ସସେମିରା ଲେଖିଦେବାକୁ କହି କାନ୍ଦିକାନ୍ଦି ଚାଲିଗଲା।

୨୧. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ଆଗେ ବେଳ ଗଡ଼ିଗଲାବେଳକୁ ଆସୁଥିଲେ ଏବେ ଆସୁଆସୁ ବେଳଯାଉଛି ବୋଲି ଶାଶୁ କରୁଣାଙ୍କ ସ୍କୁଲ୍‌ରୁ ଫେରିବା ବେଳ ସମ୍ପର୍କରେ କହିଛନ୍ତି।

୨୨. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ବୋହୂ ଶାଶୁକୁ ଆକ୍ଷେପକରି ତାକୁ ଏ ଘରକୁ ବୋହୂକରି ଅଣାଯାଇ ନ ଥିଲା, ସେ ତା ମନକୁ ମନ ପଶି ଆସିଥିଲା ବୋଲି ଶାଶୁକୁ କହିଛି।

୨୩. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ପୁଅର ରୋଜଗାର ତା' ଗଣ୍ଡି ବଳିପଡ଼ିଲା, ଆହୁରି ପୁଣି ବୋହୂର ରୋଜଗାର ଖାଉଛି ବୋଲି କେତେ ଫଟେଇ ହଉଛୁ ବୋଲି ଶାଶୁ କହିଛି।

୨୪. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ମା' କହୁଥିଲା, ଏଇ କେତେଦିନ ହେଲା ତା ସ୍ତ୍ରୀ କୁଆଡ଼େ ବାପ ଘରକୁ ଯିବ ବୋଲି ଖୁବ୍ ଜିଦ୍ ଧରିଛି ବୋଲି ସ୍ୱାମୀ ତା ସ୍ତ୍ରୀକୁ କହିଛି।

୨୫. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ତା' ସ୍ୱାମୀର ଖାଲି ପୁଅଟାଏ ଦରକାର ତେଣୁ ତା' ସହିତ ସ୍ୱାମୀର ସମ୍ପର୍କ ବା କ'ଣ ବୋଲି ତାସଲ୍ୟ କରି କହିଛି।

୨୬. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ସବୁବେଳେ ସବୁକଥାକୁ ଓଲଟା ବୁଝିବା ସ୍ତ୍ରୀର ଅଭ୍ୟାସ ବୋଲି ସ୍ୱାମୀ କହିଛି।

୨୭. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ନିଜକୁ ଯୋଗ୍ୟ ପୁଅ ବୋଲାଇବା ପାଇଁ ନିଜ ପୁଅକୁ ଉପେକ୍ଷା କରିବାକୁ ପଡ଼େ, ଏଥିଲାଗି ସ୍ତ୍ରୀକୁ ଆଶ୍ଚର୍ଯ୍ୟ ଲାଗେ ବୋଲି ସ୍ତ୍ରୀ କହିଛି।

୨୮. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ତା' ଦୁଃଖକଥା ଶୁଣି ତା'ବାପା ଆଖିରୁ ସିନା ଲୁହ ଗଡ଼ାଉଛନ୍ତି, ହେଲେ ତାକୁ ନେଇ ପାଖରେ ରଖିବାକୁ ନାରାଜ ବୋଲି ବୋହୂ କହିଛି।

୨୯. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ଚାକିରୀ କରୁଛି ବୋଲି ପରପୁରୁଷଙ୍କ ସାଙ୍ଗରେ ମିଶୁଛି ବୋଲି ଶାଶୁ କହିଛି।

୩୦. ବିଷୟ – ସୀମିତ ସମ୍ପର୍କ
ଲେଖକ – କାର୍ତ୍ତିକ ଚନ୍ଦ୍ର ରଥ
ନିଜ ମା'ଙ୍କ ବିରୋଧ ପଦେ ହେଲେ କଥା ଶୁଣିବାକୁ ଚାହେଁନି ବୋଲି ସ୍ତ୍ରୀଙ୍କ ପାଇଁ ସ୍ୱାମୀର ପଦେ କଥା ଥିଲା।

## (୪) ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।

୧. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବ୍ରଜବିହାରୀଙ୍କ ବୟସ ସୂଚନା – ରଙ୍ଗ ଓ ଗଠନର ବର୍ଣ୍ଣନା – ପଦବୀର ବର୍ଣ୍ଣନା – ତତ୍‌ସହିତ କେହି ଦୟାଶୀଳା ନାରୀ ତାଙ୍କୁ ପାଇଥିଲେ, ସେ ତାଙ୍କୁ ନିଜର ସମ୍ପତ୍ତି ନ ଭାବି ଫେରାଇବାକୁ ଅନୁରୋଧ – ନିଜ ଠିକଣା ସହ ପ୍ରକାଶ ପାଇଥିବାର ବର୍ଣ୍ଣନା ରହିବ।

୨. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଚାକର ସଭାରେ ପାଶ୍ ହୋଇଥିବା ଆଇନ୍ – ଚାକରମାନଙ୍କୁ ବ୍ୟବହାର ମୁନିବ ମାନଙ୍କର – ତାଙ୍କର ଖାଦ୍ୟପେୟ – ପୋଷାକ – ଶଯ୍ୟା ବ୍ୟବସ୍ଥା – ଦଶ ଘଣ୍ଟାରୁ ଅଧିକ କାମ ନକରିବା – ସକାଳ ୭ ଟାରୁ ଦିନ ୫ ଟା ପର୍ଯ୍ୟନ୍ତ କାମ – ରାତି ବାରଟା ଆଗରୁ ତାଙ୍କୁ ଫେରିବାର ବର୍ଣ୍ଣନା ରହିବ।

୩. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ଅଭିଭାବକ ଛାତ୍ରର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ ନ କରିବା – ଅଧ୍ୟାପକ – ଶିକ୍ଷକ ଛାତ୍ରମାନଙ୍କୁ ଶାସନ ନ କରିବା – ପରୀକ୍ଷାରେ ଫେଲ୍ ହେଲେ ବି ପ୍ରମୋସନ କରାଇବା – ଲେଡି ଷ୍ଟୁଡେଣ୍ଟ୍‌ମାନଙ୍କ ସହିତ ଏକା ବେଞ୍ଚରେ ବସିବା – ଇତ୍ୟାଦି ବର୍ଣ୍ଣନା ରହିବ।

୪. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବୁଝିକରି ପାଠପଢ଼ିଲେ ମାଷ୍ଟ୍ରଙ୍କ ମତରେ – ପିଲାଗୁଡ଼ାକ ବେଶି ସଂଖ୍ୟାରେ ପାଶ୍ କରିବା – ବଜାର ମାନ୍ଦା ପଡ଼ିବା – ତେଣୁ ନ ବୁଝି କେବଳ ଘୋଷିଦେଇ ପାଶ୍ କରିବା ଇତ୍ୟାଦିର ବର୍ଣ୍ଣନା ରହିବ।

୫. ବିଷୟ – ଅତ୍ୟାଚାରିତ
ଲେଖକ – ପ୍ରାଣବନ୍ଧୁ କର
ବ୍ରଜବାବୁ ଘରକୁ ଫେରିଲା ବେଳକୁ ବନମାଳା ଘରେ ନ ରହିବା – ଗୃହଲକ୍ଷ୍ମୀ ସମିତି ସଭାକୁ ବାହାରିଯିବା – ଆହତ ସୈନ୍ୟମାନଙ୍କ ଲାଗି ସ୍ୱେଟର ବୁଣିବା – ମଫଲର୍ ବୁଣିବା – ରାତି ଦଶଟା ବେଳକୁ ଘରକୁ ଫେରିବାର ବର୍ଣ୍ଣନା ରହିବ।

୬. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ହଠାତ୍ ଏକ ଉତ୍‌କ୍ଷିପ୍ତ ଜଙ୍ଗଲୀ ଭାଲୁର ସହର ପ୍ରବେଶ – ସହରର ଯେକୌଣସି ସ୍ଥାନରେ ପହଞ୍ଚିବାର ସମ୍ଭାବନା – ଯେକୌଣସି ମୁହୂର୍ତ୍ତରେ ଯେକୌଣସି ଲୋକର କ୍ଷତି କରିବାର ସମ୍ଭାବନା ଇତ୍ୟାଦି ଅପ୍ରତ୍ୟାଶିତ ସମ୍ବାଦର ପ୍ରଚାର।

୭. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁର ସହର ପ୍ରବେଶ ସମ୍ବାଦ ପ୍ରଚାର – ବିପଦର ଆଶଙ୍କାରେ ମେସ୍ ଲାଗି ରେସନ୍ ନ କିଣିବାକୁ – ରୋଷେଇ ନ ରିବାକୁ ନିଶାକର ବାବୁଙ୍କ ନିଷ୍ପତ୍ତି – ସୁରେଶର କଟାକ୍ଷ – ସାମାନ୍ୟ ଭାଲୁ ପାଇଁ ଯଦି ମେସ୍ ବନ୍ଦ ହେବ ତେବେ ହାତୀର ପ୍ରବେଶ ପାଇଁ ଦେଶକୁ ତ ବନ୍ଦ କରିବାକୁ ଡାକରା ଯିବ ବୋଲି କହିବା।

୮. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁକୁ ସନ୍ଧାନ କରିବା ପାଇଁ ସରକାରଙ୍କ ଦ୍ୱାରା ସ୍କ୍ୱାର୍ଡ ଗଠନ – ସହରର ପୁଲିସ୍ ବାହିନୀ – ଛୋଟବଡ଼ ଶିକାରୀ – ଉତ୍ସାହୀ ଯୁବକ ଏବଂ ଅନ୍ୟାନ୍ୟ ଅନୁସନ୍ଧାନକାରୀ ଦଳକୁ ନେଇ ସ୍କ୍ୱାର୍ଡ ଗଠନ।

୯. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ନିଶାକରଙ୍କ ଟି.ଭି. ସୁଇଚ୍, ଅଫ୍ କରିବା – ଭାଲୁ ସେମାନଙ୍କର ଝାଡ଼ା – ପରିଶ୍ରା ବନ୍ଦ କରିବା – ଟିଭିର ସମ୍ବାଦକୁ ତାତ୍ସଲ୍ୟ କରି ଜାଲ ପକାଇ ଭାଲୁକୁ ଆଣିବା କଥା କହିବାର ବର୍ଣ୍ଣନା ରହିବ।

୧୦. ବିଷୟ – ଭାଲୁ ଉପଦ୍ରବ
ଲେଖକ – ବିଜୟ ମିଶ୍ର
ଭାଲୁ ପାଖକୁ ଯିବା ଆଗରୁ ଗୋପୀର ସବୁ ବାବୁମାନଙ୍କ ଚେହେରା ଦେଖିବା କଥା କହିବା – ସେମାନଙ୍କ ଠାରୁ ଭାଲୁ ଢେର ନିରୀହ ବୋଲି କହିବା – ଭାଲୁ ତାକୁ ଛାଡ଼ିଦେଲା ହେଲେ ସେମାନେ, ଯଦି ସେ ନ ଯାଇ ଥାଆନ୍ତା ତେବେ ତାକୁ ପିଟିପିଟି ମାରିଦେଇଥାଆନ୍ତେ ବୋଲି କହିବାର ବର୍ଣ୍ଣନା ରହିବ।

୧୧. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ସ୍ୱାମୀ ସ୍ତ୍ରୀକୁ ସାଙ୍ଗରେ ବସି ଖାଇବା କଥା କହିବା – ସେ ଯୋଗ୍ୟତା ତାର ହୋଇନାହିଁ ବୋଲି ସ୍ତ୍ରୀ କହିବା – ଏଭଳି ଉତ୍ତର ଶୁଣି ସ୍ୱାମୀ ନିଜର ମନକଥା କେବେ ଖୋଲି କହେନାହିଁ ବୋଲି କହିବା ଓ ଏଭଳି ଉତ୍ତର ଶୁଣି ସ୍ୱାମୀର ମନ ଭାରାକ୍ରାନ୍ତ ହୋଇ ଉଠିବା କଥା କହିବାର ବର୍ଣ୍ଣନା ରହିବ।

୧୨. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ମା' କାନ୍ଦି କାନ୍ଦି ପୁଅକୁ କହିବା – ଦହଗଞ୍ଜ ଭିତରେ ଘାଣ୍ଟିହେବା – ମଲାଯାଏ ଖଟୁଥିବା କଥା – ପୁନିଅ ପରବ ନଥିବା କଥା କୁଆଡ଼େ ଟିକିଏ ଯାଇନପାରିବା କଥା କହି କାନ୍ଦିବା।

୧୩. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ବୋହୂର ତା' ଭାଇ ସମ୍ପର୍କର ମନ୍ତବ୍ୟ – ବାପା ତା ଦୁଃଖ ଦେଖି ଆଖିରୁ ଲୁହ ଗଡ଼ାଇବା ବେଳେ – ଭାଇ କଟା ଘା'ରେ ଚୂନ ଦେବାଭଳି କହିବା – ତୋ ଅଭାବ ଅସୁବିଧା କଥା ତୋ'ବରକୁ ଜଣା – ସେ ଯାହା କରିବ ଆମେ କ'ଣ କରିବୁ ବୋଲି କହିବା।

୧୪. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ସ୍ତ୍ରୀର ସ୍ୱାମୀଙ୍କୁ ଦିଦ୍‌ଖୋର ବୋଲି କହିବା – ପ୍ରଶ୍ନପଚାରିବା – ଗୋସେଇଁମା' କୋଳରେ ନାତିକୁ କେବେ ଦେଖିବା କଥା – ନିଜ ପୁଅକୁ ବାପ ହୋଇ ସ୍ନେହ ନ ଦେବା କଥା କହିବାର ବର୍ଣ୍ଣନା ରହିବ।

୧୫. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଏକଥା ସ୍ପଷ୍ଟ – ସ୍ୱାମୀ ସ୍ତ୍ରୀ ଭିତରେ ସମ୍ପର୍କ କମ୍ – ବାହାନାବେଶି – ଯେଉଁଟିକୁ ନିତାନ୍ତ ନିରୁପାୟ ବୋଲି କୁହାଯାଇପାରେ – ଏକା ଛାତ ତଳେ ସ୍ୱାମୀ ସ୍ତ୍ରୀ ଭାବେ କହୁଥିଲେ ବି ସମ୍ପର୍କଟା ଗୋଟିଏ ନାଟକରେ ଅଭିନୟଠୁ ବଳି ବେଶି ସୁନ୍ଦର – ଅଧିକ ଜୀବନ୍ତ ବୋଲି ସ୍ତ୍ରୀ କହିବାର ବର୍ଣ୍ଣନା ରହିବ।

## (୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ।

୧. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ନାମକରଣ ଯଥେଚ୍ଛାଚାରରେ କରାଯାଇ ପାରିବ ନାହିଁ – ବିଷୟବସ୍ତୁର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନାମକରଣରେ ପ୍ରତିଫଳିତ ହେବା ଆବଶ୍ୟକ – ନାମକରଣ ଗୁରୁତ୍ୱ ରହିଛି – ଆଲୋଚ୍ୟ ଏକାଙ୍କିକାରେ ସ୍ୱାମୀ, ସ୍ତ୍ରୀଙ୍କ ଦ୍ୱାରା ଅତ୍ୟାଚାରିତ ବୋଲି ଭାବିଛନ୍ତି – ଚାକରମାନେ ମୁନିବମାନଙ୍କ ଦ୍ୱାରା ଅତ୍ୟାଚାରିତ ତେଣୁ ପ୍ରତିବାଦ ଓ ସଂଘ ଗଠନ – ଏସବୁ ଦୃଷ୍ଟିରୁ ଆଲୋଚନା କରାଯିବ।

୨. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ଚରିତ୍ର ଏକାଙ୍କିକାର ମୁଖ୍ୟ ବିଭବ – ଚରିତ୍ର ସୃଷ୍ଟିକରି ଲେଖକ ତା'ରି ମାଧ୍ୟମରେ ନିଜ ବକ୍ତବ୍ୟର ଉପସ୍ଥାପନ କରେ – ଚରିତ୍ର ଜୀବନ୍ତ ଓ ବାସ୍ତବ ହେବା ଆବଶ୍ୟକ। ବନମାଳା ଦେବୀ ଏକାଙ୍କିକାର ଅନ୍ୟତମ ମୁଖ୍ୟଚରିତ୍ର – ସ୍ୱାମୀଙ୍କର ଅଭିଯୋଗକୁ ସେ ଖାତିର କରନ୍ତି ନାହିଁ – ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର – ଘରର ଚାରିକାନ୍ଥ ଭିତରେ ଆବଦ୍ଧ ନୁହଁନ୍ତି। ସଂଘ ଗଠନ, ଅନ୍ୟର ସେବାଲାଗି ସେ ଆଗଭର – ବାସ୍ତବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୋଷ ଅପେକ୍ଷା ସେ ଭଲଗୁଣର ଅଧିକ ଅଧିକାରିଣୀ।

୩. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ପାରିବାରିକ – ସମସ୍ୟାଭିତ୍ତିକ ଏକାଙ୍କିକା – ପାରିବାରିକ ସମସ୍ୟା ସମସ୍ତଙ୍କର ସମାନ ନୁହେଁ – ଏଠାରେ ସ୍ୱାମୀ ଡେପୁଟୀ କଲେକ୍ଟର – ସ୍ତ୍ରୀ ଉଚ୍ଚଶିକ୍ଷିତା – ଘରେ ଚାକର, ଟିଉସନମାଷ୍ଟର, ତେବେ ବିଭିନ୍ନ ଛୋଟବଡ଼ ସମସ୍ୟା ଯାହା ନିତିଦିନିଆ – ତାରି ଭିତରେ ଏକାଙ୍କାକାଟି ଗଢ଼ି ଉଠିଛି – ମୋଟ ଉପରେ ଏକାଙ୍କିକାଟି ସାର୍ଥକ ପାରିବାରିକ ସମସ୍ୟା ଭିତ୍ତିକ ଏକାଙ୍କିକା।

୪. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ଶିବରାମ ବାବୁ ସାଇକିଆଟ୍ରିଷ୍ଟ୍ – ପ୍ରତ୍ୟେକ ଚରିତ୍ରର ମାନସିକତା – ତାଙ୍କର ବଞ୍ଚିବାର ଶୈଳୀ – ସେ ଚାହୁଁଥିବା କଥା ଓ କାର୍ଯ୍ୟ ଏସବୁ ଅନୁଧ୍ୟାନ କରି ତା'ର ନିରାକରଣ ଲାଗି ପରାମର୍ଶ ଦେବା ତାଙ୍କର କାମ – ସତ୍ୟ ଯେତେ ନିଷ୍ଠୁର ହେଲେ ବି ସମସ୍ୟାର ସମାଧାନ ଲାଗି ତାହା ସେ କରିବାକୁ ବାଧ୍ୟ – ଆଲୋଚ୍ୟ ଏକାଙ୍କିକାରେ ତାହା ହୋଇଛି – ସ୍ତ୍ରୀମାନେ ସ୍ୱେଚ୍ଛାଚାରୀଣି ହେବାର କାରଣ ନିର୍ଦ୍ଦେଶ ସେ କରିଛନ୍ତି। ଶିବରାମ ଚରିତ୍ର ଏକ ଆବଶ୍ୟକ ଚରିତ୍ର, ସମାଜସ୍ଥିତ ବ୍ୟକ୍ତିକୁ ସୁଧାରିବା ଲାଗି।

୫. ବିଷୟ – ଅତ୍ୟାଚାରିତ

ଲେଖକ – ପ୍ରାଣବନ୍ଧୁ କର

ଏକାଙ୍କିକାରେ ବନମାଳା ଏକ ମୁଖ୍ୟଚରିତ୍ର – ଏ ଚରିତ୍ରକୁ ବାଦ୍ ଦେଲେ ଏକାଙ୍କିକା ଗଢ଼ି ଉଠିବା ସମ୍ଭବ ନୁହେଁ – ବନମାଳା, ସ୍ତ୍ରୀ-ଜନନୀ – ଗୃହିଣୀ – ସମାଜସେବୀ – ଗୃହଲକ୍ଷ୍ମୀ ସମିତିର ସଭାର ଚେୟାରମ୍ୟାନ୍ – ପରିବାର ପାଇଁ ଉପଯୁକ୍ତ ଗୃହିଣୀ ଗଢ଼ିବା ସମିତିର ପ୍ରଧାନ ଲକ୍ଷ୍ୟ – ସ୍ୱାମୀଙ୍କ ଦୀର୍ଘ ଅନୁପସ୍ଥିତିରେ ସମ୍ବାଦପତ୍ରରେ ସ୍ୱାମୀଙ୍କ ନିରୁଦ୍ଦିଷ୍ଟ ହେବା ସଂମ୍ପର୍କରେ ଖବର ପ୍ରକାଶ ଠାରୁ ଆରମ୍ଭ କରି ସମିତିର ଦ୍ୱାରସ୍ଥ ହୋଇଥିବା ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିବା ଯେତିକି ଉତ୍କଣ୍ଠା ପୂର୍ଣ୍ଣ ସେତିକି ଆମୋଦକର।

୬. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ଏକାଙ୍କିକାର ଲକ୍ଷ୍ୟ ଉଦ୍ଦେଶ୍ୟ ଉଲ୍ଲେଖନୀୟ ଏକାଙ୍କିକାଟି ହାସ୍ୟରସାତ୍ମକ – ଅଥଚ ଏହା ଭିତରେ ସ୍ରଷ୍ଟାଙ୍କର ଅସଲ ଉଦ୍ଦେଶ୍ୟ ସଂଗୁପ୍ତ – ମଣିଷର ଅସଲ ଚେହେରାର ଉଦ୍‌ଘାଟନ ଏହାର ଉଦ୍ଦେଶ୍ୟ – ମଣିଷର ସ୍ୱାର୍ଥପରତା ଉପରୁ ପରଦା ଅପସାରଣ ଏହାର ଲକ୍ଷ୍ୟ – ସମ୍ବେଦନଶୀଳତା ଏହାର ଅନ୍ତଃସ୍ରୋତ – ଗୋପୀ ନିରୀହ ଚାକର ପିଲା – ଏକାଙ୍କିକାରେ ସେ ହିଁ ବଳି ବୋଦା ହୋଇଛି – ତା ପ୍ରତି କାହାରି ଦରଦ ସୃଷ୍ଟି ହୋଇନି – ପରିଶେଷରେ ସେ ହିଁ ସମସ୍ତଙ୍କୁ ଚେତାଇ ଦେଇ ମେସ୍ ଛାଡ଼ିଛି – ଏସବୁର ବିସ୍ତୃତ ଆଲୋଚନା କରାଯିବ।

୭. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ନାମକରଣରେ ସ୍ରଷ୍ଟାର ଭୂମିକା – ତା'ର ଦାଇତ୍ୱ – ନାମକରଣର ଗୁରୁତ୍ୱ ବିଚାର – ନାମକରଣ ଦେଉଳର ମୁଖଶାଳା ଭଳି – ଭାଲୁ ହିଂସ୍ର ପ୍ରାଣୀ – ହେଲେ ତା ପାଖରେ ଦୟା ଅଛି – ହେଲେ ମଣିଷ ତା'ଠାରୁ ଭୟଙ୍କର – ଦୟା ମାୟା ତା' ନିକଟରେ ନାହିଁ – ଭାଲୁ ଉପଦ୍ରବ ଭିତରେ ମଣିଷର ଉପଦ୍ରବର ଆଲୋଚନା ରହିବ।

୮. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ଚରିତ୍ର ଏକାଙ୍କିକାର ପ୍ରଧାନ ଅଙ୍ଗ – ଏକାଙ୍କିକା ଚରିତ୍ର ବହୁଳ ହେବନାହିଁ – ପ୍ରତ୍ୟେକ ଚରିତ୍ରର ନିର୍ଦ୍ଦିଷ୍ଟ ଭୂମିକା – ନିଶାକର ପ୍ରଥମରୁ ଏକ ଆଦର୍ଶ ଚରିତ୍ର ହିସାବରେ ଜଣା ଯାଉଥିଲେ – ତେବେ ପରେ ସେ ଅନ୍ୟାୟର ପ୍ରତିବାଦ କରିନାହାନ୍ତି – ଗୋପୀର ମା'କୁ ସେ ଗୋପୀର ସୁରକ୍ଷା ସମ୍ପର୍କରେ କଥା ଦେଇଥିଲେ – ଶେଷରେ ସେ ନୀରବ ରହିବା ତାଙ୍କ ଚରିତ୍ରର ସ୍ୱାର୍ଥପରତାକୁ ପ୍ରକାଶ କରେ।

୯. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

ଏକାଙ୍କିକାର ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ – ଅନାବଶ୍ୟକ ଚରିତ୍ର ଏକାଙ୍କିକାକୁ ଭାରାକ୍ରାନ୍ତ କରେ। ଗୋପୀ ଚରିତ୍ର ଏକ ଚାକର ଚରିତ୍ର ଉକ୍ତ ଚରିତ୍ରଟି ମଣିଷର ଅସଲ ଚେହରାକୁ ଉଦ୍‌ଘାଟନ କରିବାରେ ଆବିଷ୍କାରକ ସାଜିଛି। ସରଳ – ନିରୀହ – ନିରକ୍ଷର ଗୋପୀ – ହେଲେ ମଣିଷକୁ ସେ ଚିହ୍ନିପାରୁଛି, ଶିକ୍ଷିତ ସଭ୍ୟ ମଣିଷର ଅସଲ ରୂପକୁ ସେ ସର୍ବସମକ୍ଷରେ ପ୍ରଦର୍ଶିତ କରିଛି – କିପରି କରିଛି ତା'ର ବର୍ଣ୍ଣନା ରହିବ।

୧୦. ବିଷୟ – ଭାଲୁ ଉପଦ୍ରବ

ଲେଖକ – ବିଜୟ ମିଶ୍ର

'ସସେମିରା' ଗଳ୍ପଟିରେ ପଶୁର ବିଶ୍ୱାସ ଓ ଧର୍ମରକ୍ଷା, ଅଥଚର ମଣିଷର ଅବିଶ୍ୱାସ ପଣିଆକୁ ପ୍ରଦର୍ଶନ କରାଯାଇଛି। ରାଜପୁତ୍ର ଓ ଭାଲୁର ବ୍ୟାଘ୍ରଠାରୁ ଆତ୍ମରକ୍ଷା

ଲାଗି ପ୍ରଚେଷ୍ଟା – ବ୍ୟାଘ୍ରର କଥାକୁ ଗ୍ରହଣ ନ କରି ଭାଲୁର ରାଜପୁତ୍ରକୁ ଜଗିବା – ଅଥଚ ଭାଲୁକୁ ନିଦ୍ରାବସ୍ଥାରେ ରାଜପୁତ୍ର ବାଘ କଥାରେ ଠେଲିଦେବାକୁ ଚେଷ୍ଟା କରିବା – ଭାଲୁର ଆତ୍ମରକ୍ଷା ଓ ରାଜପୁତ୍ରର ଜିହ୍ୱାରେ ଚାରିଗୋଟି ଗାର ନଖରେ ଟାଣିଦେବା ଇତ୍ୟାଦିର ବର୍ଣ୍ଣନା ରହିବ – ମଣିଷଣର ସ୍ୱାର୍ଥ ପାଖରେ ମଣିଷ ପଣିଆ ବଳିପଡ଼େ – ଏହାର ବର୍ଣ୍ଣନା ରହିବ ଓ ଗଳ୍ପର ସଂଯୋଜନା ଯଥାର୍ଥ ବୋଲି ଉପସ୍ଥାପନା କରାଯିବ।

୧୧. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ନାମକରଣ କିପରି ସ୍ରଷ୍ଟା କରେ ତାର ବର୍ଣ୍ଣନା ରହିବ – ନାମକରଣ ଉଦ୍ଦେଶ୍ୟଯୁକ୍ତ – ସୃଷ୍ଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନାମକରଣରେ ନିହିତ – ଏ ଦୃଷ୍ଟିରୁ ସୀମିତ ସମ୍ପର୍କର ଆଲୋଚନା – ପାରିବାରିକ ଜୀବନ ମଣିଷର ଏକାନ୍ତ ନିଜସ୍ୱ – ଏହା ଭିତରେ ଦୂରତ୍ୱ ଶାନ୍ତିଭଙ୍ଗ କରେ – ଯାହା ଏକାଙ୍କିକାରେ ପ୍ରଦର୍ଶିତ ହୋଇଛି।

୧୨. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଶାଶୁ ଗୃହୀଣି – ବୋହୂ ଶିକ୍ଷୟତ୍ରୀ – ପରସ୍ପର ଭିତରେ ସମ୍ପର୍କ ଭଲ ନୁହେଁ – ପ୍ରତ୍ୟେକ ନିଜ ନିଜର ଜିଦ୍‌ରେ ଅଟଳ – ଶାଶୁଙ୍କ ବ୍ୟବହାର ଗ୍ରହଣୀୟ ନୁହେଁ – ବୋହୂର କର୍ତ୍ତବ୍ୟନିଷ୍ଠା ଠିକ୍ ଥିଲେ ମଧ୍ୟ ଶାଶୁଙ୍କ ବ୍ୟବହାରରେ କ୍ଷୁବ୍ଧ – ଏହାର ଆଲୋଚନା ହେବ।

୧୩. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

କରୁଣାଙ୍କ ଚରିତ୍ର ତ୍ୟାଗପୂତ ଚରିତ୍ର – ହେଲେ ବି ସମ୍ପୂର୍ଣ୍ଣ ସହନଶୀଳ ନୁହେଁ – ଶାଶୁଙ୍କ କଥାର ଜବାବ ଦେବା – ଯୁକ୍ତି କରିବା – ଯଦିଓ ଯୁକ୍ତି ଅଯଥାର୍ଥ ନୁହେଁ – ସ୍ୱାମୀଙ୍କ ସହିତ ଯୁକ୍ତି କରିବା – ପୁଅ ଖାଇବାକୁ ମାଗିବା ବେଳେ ତାକୁ ମାଡ଼ମାରିବା ଏସବୁ ଚରିତ୍ରର ଦୋଷ – ତଥାପି ସେ ପ୍ରାୟତଃ ସହନଶୀଳା ମନେ ହୁଅନ୍ତି।

୧୪. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ଶାଶୁ ଚରିତ୍ର ଏକ ସାଧାରଣ ମହିଳା ଚରିତ୍ର – ଯଦିଓ ସହନଶୀଳତା ତାଙ୍କ ପାଖରେ ଖୋଜିଲେ ନିରାଶ ହେବାକୁ ପଡ଼େ – ସେ ସ୍ନେହଶୀଳା ନୁହଁନ୍ତି। ବାହାରି ପ୍ରତି ତାଙ୍କର ସ୍ନେହ ପ୍ରଦର୍ଶିତ ହୋଇନି। ବରଂ ଦାବି ରହିଛି। ଏସବୁର ବର୍ଣ୍ଣନା କରାଯିବ।

୧୫. ବିଷୟ – ସୀମିତ ସମ୍ପର୍କ

ଲେଖକ – କାର୍ତ୍ତିକଚନ୍ଦ୍ର ରଥ

ନାଟର ଗୋବର୍ଦ୍ଧନ – ନାମକରଣ ମଧ୍ୟ ଗୋବର୍ଦ୍ଧନ – କାହାକୁ କିଛି କହି ପାରୁନଥିବା ଚରିତ୍ର – ମା'କୁ ଟାଣକରି ଠିକ୍ ଭୁଲ୍ ନ କହିବା – ସ୍ତ୍ରୀକୁ ମଧ୍ୟ ବୁଝାଇ ପାରୁନଥିବା ଚରିତ୍ର। ଘରର ମୁଖ୍ୟ ଭୂମିକାରେ ଥିଲେ ବି ଅଶାନ୍ତିକୁ ବନ୍ଦ କରିବାରେ ସେ ବିଫଳ – ତେଣୁ ସମସ୍ତେ ଅସନ୍ତୁଷ୍ଟ – ପ୍ରତିକ୍ରିୟାଶୀଳ – ନିଜର ଦାଇତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ନ ହେବାରୁ ପାରିବାରିକ ଜୀବନ କଷ୍ଟକର ହୋଇଉଠିଛିର ବର୍ଣ୍ଣନା ରହିବ।

# ଚତୁର୍ଥ ଏକକ

## ବୋଧଜ୍ଞାନ ପରୀକ୍ଷଣ

## ଗଦ୍ୟ ବିଭାଗ

**ଅନୁଚ୍ଛେଦଟି ପାଠ କରି ତାର ଆଧାରରେ ସଂଲଗ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଦେବାକୁ ହେବ।**

**ଏକ ନମ୍ବର ପାଇଁ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦୁଇ ନମ୍ବର ପାଇଁ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦେବାକୁ ହେବ।**

୧. ସେମାନେ ସମସ୍ତେ ମଧୁସୂଦନଙ୍କର ଶିଷ୍ୟ। ୧୯୦୩ ରୁ ଆନ୍ଦୋଳନ ଆରମ୍ଭ ହୋଇ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା। କିନ୍ତୁ ଦୁର୍ଭାଗ୍ୟର କଥା, ମଧୁସୂଦନ ନିଜ ଆଖିରେ ସ୍ୱତନ୍ତ୍ର ଓଡ଼ିଶା ଦେଖିପାରିଲେ ନାହିଁ। ତାର ଦୁଇବର୍ଷ ପୂର୍ବରୁ ସେ ମରିଯାଇଥିଲେ; କିନ୍ତୁ ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଆଗ ଲୋକେ ମଧୁସୂଦନଙ୍କ ନାଁ ଧରନ୍ତି। କାରଣ, ଓଡ଼ିଶାକୁ ସ୍ୱତନ୍ତ୍ର କରିବା ଉଦ୍ଦେଶ୍ୟରେ ସେ ୧୯୦୭ ମସିହାରେ ବିଲାତ ଯାଇଥିଲେ। ଅବଶ୍ୟ ୧୮୯୭ ମସିହାରେ ଆଗରୁ ଥରେ ସେ ତାଙ୍କ ପେଟ ଭଲ କରିବା ପାଇଁ ବିଲାତ ଯାଇଥିଲେ। ଜଣେ ଓଡ଼ିଆ ଲୋକଙ୍କର ବିଲାତ ଯିବା ଏଇ ପ୍ରଥମ। ସାତ ସମୁଦ୍ର ଓ ତେର ନଦୀ ପାର ହେବା ଏଇ ପ୍ରଥମ।

ଓଡ଼ିଶା ପାଇଁ ମଧୁସୂଦନଙ୍କ ପ୍ରାଣ ବରାବର କାନ୍ଦୁଥିଲା। ସେ ସବୁବେଳେ କହୁଥିଲେ ଓଡ଼ିଆ ଲୋକ ନିଜ ହାତରେ ନିଜ ଲୁଗା ବୁଣି ନ ପିନ୍ଧିଲେ, ନିଜ ଜିନିଷକୁ ବାହାରେ ବିକ୍ରି ନ କଲେ, ସେମାନଙ୍କର କୌଣସି ଉନ୍ନତି ହେବନାହିଁ କିମ୍ବା ସେମାନଙ୍କୁ କେହି ଚିହ୍ନିବେ ନାହିଁ। ସେଥିପାଇଁ ସେ ଉତ୍କଳ ଟାନେରୀ କରି ଲକ୍ଷ ଲକ୍ଷ ଟଙ୍କାର ଯୋତା ଓଡ଼ିଶା ବାହାରକୁ ପଠାଉଥିଲେ ଓ ସୁନାରୂପାର ତାରକସି କାମକୁ ବାହାରେ ଖୁବ୍ ପ୍ରଚାର କରିଥିଲେ। କିନ୍ତୁ ତାଙ୍କର ଏମିତି ନ୍ୟାୟଜ୍ଞାନ ଥିଲା ଯେ, ପଇସା ପାଇଁ ସେ କେବେ ଅନ୍ୟାୟ କରିବାକୁ ରାଜି ହେଉ ନ ଥିଲେ। ଥରେ କଲିକତାର ଗୋଟାଏ ସାହେବ କମ୍ପାନୀ ତାଙ୍କ ଟାନେରୀ ଯୋତା ଦେଖି ତାଙ୍କୁ ଲକ୍ଷେ ଟଙ୍କାର ଯୋତା ବରାଦ ଦେଲେ। କିନ୍ତୁ କମ୍ପାନୀ କହିଲେ ଯେ ଯୋତା ଉପରେ ଉତ୍କଳ ଟାନେରୀ ମୋହର ନ ରହି ତାଙ୍କ ସାହେବ କମ୍ପାନୀର ମୋହର ରହିବ। ଲକ୍ଷେ ଟଙ୍କା ଗଲା ପଛେ, ମଧୁସୂଦନ ସେଥିରେ ରାଜି ହେଲେନାହିଁ। ବାସ୍ତବରେ ଦୁନିଆରେ ଧନ ବଡ଼ ନୁହେଁ, ବଡ଼ ହେଉଛି ଜାତି ଓ ଦେଶର ମାନ। ପଇସା ପାଇଁ ଯେ ସମ୍ମାନକୁ ଭୁଲିଯାଏ, ସେ ହୀନ,ସେ ଘୃଣ୍ୟ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?

(ଖ) ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଲୋକେ କାହାର ନାଁ ଧରନ୍ତି ?

(ଗ) କଲିକତାର ସାହେବ କମ୍ପାନି ଟାନେରୀ ଯୋତା ଦେଖି କ'ଣ କରିଥିଲେ ?

(ଘ) ବାସ୍ତବରେ ଦୁନିଆରେ ଧନଠାରୁ ବଡ଼ କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଦୁର୍ଭାଗ୍ୟର କଥା କ'ଣ ଥିଲା ବୋଲି ବର୍ଣ୍ଣିତ ?

(ଖ) ମଧୁସୂଦନ କେବେ କେବେ କ'ଣ ପାଇଁ ବିଲାତ ଯାଇଥିଲେ ?

(ଗ) ମଧୁସୂଦନ ସବୁବେଳେ କ'ଣ କହୁଥିଲେ ?

### ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ୧୯୦୩ ମସିହାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା।

(ଖ) ଓଡ଼ିଶାର ଆନ୍ଦୋଳନ କଥା ପଡ଼ିଲେ ଲୋକେ ମଧୁସୂଦନଙ୍କ ନାଁ ଧରନ୍ତି।

(ଗ) ମଧୁସୂଦନଙ୍କୁ ଲକ୍ଷେ ଟଙ୍କାର ଯୋତା ବରାଦ ଦେଇଥିଲେ।

(ଘ) ବାସ୍ତବରେ ଦୁନିଆରେ ବଡ଼ ହେଉଛି ଜାତି ଓ ଦେଶର ମାନ।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ମଧୁସୂଦନ ନିଜ ଆଖିରେ ସ୍ୱତନ୍ତ୍ର ଓଡ଼ିଶା ଦେଖିପାରିଲେ ନାହିଁ। ତା'ର ଦୁଇବର୍ଷ ପୂର୍ବରୁ ସେ ମରିଯାଇଥିଲେ। ଏହାହିଁ ଦୁର୍ଭାଗ୍ୟର କଥା ଥିଲା।

(ଖ) ମଧୁସୂଦନ ୧୮୯୭ ମସିହାରେ ନିଜ ପେଟ ଭଲ କରିବା ପାଇଁ ଥରେ ବିଲାତ ଯାଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର କରିବା ଉଦ୍ଦେଶ୍ୟରେ ୧୯୦୭ ରେ ମଧ ବିଲାତ ଯାଇଥିଲେ।

(ଗ) ମଧୁସୂଦନ କହୁଥିଲେ, ଓଡ଼ିଆ ଲୋକେ ନିଜ ହାତରେ ନିଜ ଲୁଗାବୁଣି ନ ପିନ୍ଧିଲେ, ନିଜ ଜିନିଷକୁ ବାହାରେ ବିକ୍ରି ନ କଲେ, ସେମାନଙ୍କର କୌଣସି ଉନ୍ନତି ହେବନାହିଁ କି ସେମାନଙ୍କୁ କେହି ଚିହ୍ନିବେ ନାହିଁ।

**୨.** ସେ କାଳରେ ଇଂରେଜମାନଙ୍କର କ୍ଷମତା ପ୍ରବଳ ଥିଲା। ଆମ ଦେଶର ଲୋକମାନଙ୍କୁ ସେମାନେ ବଡ଼ ହୀନଚକ୍ଷୁରେ ଦେଖୁଥିଲେ। ସେ ମନ୍ତ୍ରୀ ଥିଲାବେଳେ ତାଙ୍କର ଜଣେ ସାହେବ ସେକ୍ରେଟାରୀ ଥିଲେ। ସେ ଆମ ଦେଶର କିରାନୀମାନଙ୍କୁ ଯା ଇଚ୍ଛା ତାହା ଗାଳି ଦେଉଥିଲେ ଓ ଘଣ୍ଟା ଘଣ୍ଟା ଠିଆ କରାଇ ରଖୁଥିଲେ। ମଧୁସୂଦନ ଏସବୁ କଥା ଜାଣିପାରି ଶେଷରେ ଦିନେ ସେ ଭଦ୍ରଲୋକଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ଠିକ୍ କଲେ। ଦିନେ ସେ ତାଙ୍କ ଅଫିସଘରୁ ସମସ୍ତ ଚଉକି କାଢ଼ିନେଇ ନିଜେ ଗୋଟିଏ ଚଉକିରେ ବସି କାଗଜପତ୍ର ଧରି ଆସିବା ପାଇଁ ସେହି ସାହେବଙ୍କୁ ଡକାଇଲେ। ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ କାମ ଚାଲିଲା। ମଧୁବାବୁ କାଗଜ ଦେଖୁଥାନ୍ତି।

ସେ କେଡ଼େ ନିର୍ଲୋଭ, କେଡ଼େ ସ୍ୱାଧୀନଚେତା, ଆଉ ଗୋଟିଏ ଘଟଣାରୁ ଆମେ ଜାଣିପାରିବା। ୧୯୨୧ ମସିହାରେ ସେ ବିହାର-ଓଡ଼ିଶାର ଜଣେ ମନ୍ତ୍ରୀ ହେଲେ। ସେତିକିବେଳେ ଥରେ ସେ ବାଲେଶ୍ୱରରେ ବକ୍ତୃତା ଦେଉଥିବାବେଳେ କହିଲେ, "ପ୍ରତ୍ୟେକ ଲୋକର ସ୍ୱାର୍ଥ ଛାଡ଼ି ଦେଶପାଇଁ କାମ କରିବା ଉଚିତ।" ଏକଥା ଶୁଣି ସଭାର କେହି କେହି ଲୋକ କହିଲେ, "ନିଜେ ମନ୍ତ୍ରୀ ହୋଇ ଅନ୍ୟକୁ ସ୍ୱାର୍ଥ ଛାଡ଼ିବା ପାଇଁ କହିବାର ମୂଲ୍ୟ କ'ଣ ?" ମଧୁସୂଦନ କଥାଟାର ମର୍ମ ବେଶ୍ ବୁଝିପାରିଲେ। ସେହି ବର୍ଷ ସେ ସରକାରଙ୍କୁ କହିଲେ ଯେ, ସେ ଦରମା ନ ନେଇ ମନ୍ତ୍ରୀ ରହିବାକୁ ଚାହାନ୍ତି; ମାତ୍ର ସରକାର ସେଥିରେ ରାଜି ନ ହେବାରୁ ସେ ୧୯୨୩ ମସିହାରେ ଇସ୍ତଫା ଦେଇ ଚାଲିଆସିଲେ। ଆଜି ଭାରତଯାକ ଖୋଜି ଆସିଲେ ପଇସାକୁ ଏମିତି ଖାତିର ନ କରିବା ଲୋକ କେଇଜଣ ଅଛନ୍ତି ? ବର୍ଷକୁ ୬୪ ହଜାର ଟଙ୍କା ଦରମା। ଆଜିକାଲି ଶସ୍ତା ଟଙ୍କାରେ ହିସାବ କଲେ ପାଞ୍ଚ, ଛଅ ଲକ୍ଷରୁ କମ୍ ହେବନାହିଁ। କାଉଁରିଆ କାଠି ଭାଙ୍ଗିଯିବ ପଛେ, ନଇଁବ ନାହିଁ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଇଂରେଜମାନେ ଆମ ଲୋକଙ୍କୁ କିପରି ଦେଖୁଥିଲେ ?

(ଖ) ସାହେବ ସେକ୍ରେଟେରୀ ଜଣକ ଆମ ଲୋକଙ୍କୁ କିପରି ଅପମାନିତ କରୁଥିଲେ ?

(ଗ) ମଧୁବାବୁ କେବେ କାହାର ମନ୍ତ୍ରୀ ହେଲେ ?

(ଘ) ସେତେବେଳେ ମଧୁବାବୁଙ୍କର ଦରମା ବର୍ଷକୁ କେତେ ଥିଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ମଧୁସୂଦନ ସାହେବ ସେକ୍ରେଟେରୀଙ୍କୁ ଶିକ୍ଷା ଦେବା ପାଇଁ କ'ଣ କଲେ ?

(ଖ) ବାଲେଶ୍ୱରରେ ମଧୁବାବୁଙ୍କ ବକ୍ତୃତା ଶୁଣି ଲୋକେ କ'ଣ କହିଲେ ?

(ଗ) କଥାର ମର୍ମବୁଝି ମଧୁବାବୁ କ'ଣ କଲେ ?

**ଉତ୍ତର**

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଇଂରେଜମାନେ ଆମ ଲୋକଙ୍କୁ ଅତ୍ୟନ୍ତ ହୀନଚକ୍ଷୁରେ ଦେଖୁଥିଲେ ?

(ଖ) ସାହେବ ଆମ ଦେଶର କିରାଣୀମାନଙ୍କୁ ଯାଇଚ୍ଛା ତାହା ଗାଳି ଦେଉଥିଲେ ଓ ଘଣ୍ଟା ଘଣ୍ଟା ଧରି ଠିଆ କରୁଥିଲେ।

(ଗ) ମଧୁବାବୁ ୧୯୨୧ରେ ବିହାର ଓଡ଼ିଶାର ମନ୍ତ୍ରୀ ହୋଇଥିଲେ।

(ଘ) ସେତେବେଳେ ମଧୁବାବୁଙ୍କର ଦରମା ୬୪ ହଜାର ଟଙ୍କା ଥିଲା।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ମଧୁବାବୁ ତାଙ୍କ ଅଫିସରୁ କେବଳ ଗୋଟିଏ ଚେୟାର ରଖି ସବୁ ଚେୟାର ଉଠାଇ ନେଲେ। ସେକ୍ରେଟାରୀଙ୍କୁ ଡକାଇ ଦି ତିନି ଘଣ୍ଟା କାମରେ ଲାଗିରହିଲେ।

(ଖ) ସଭାରେ ମଧୁବାବୁଙ୍କ କଥାଶୁଣି ଲୋକେ କେହି କେହି କହିଲେ, "ନିଜେ ମନ୍ତ୍ରୀ ହୋଇ ଅନ୍ୟକୁ ସ୍ୱାର୍ଥ ଛାଡ଼ିବା ପାଇଁ କହିବାର ମୂଲ୍ୟ କ'ଣ ?"

(ଗ) ସେହିବର୍ଷ ବଧୁବାବୁ ସରକାରଙ୍କୁ କହିଲେ ସେ ଦରମା ନ ନେଇ ମନ୍ତ୍ରୀ ରହିବାକୁ ଚାହାଁନ୍ତି। ମାତ୍ର ସରକାର ରାଜି ନ ହେବାରୁ ୧୯୨୩ ମସିହାରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସେ ଚାଲି ଆସିଥିଲେ।

**୩.** ଅସଂଖ୍ୟ କ୍ରିୟା ଓ ଅନନ୍ତ ଜ୍ଞାନ ହେଲେ ମଧ ଶେଷକୁ ମନ ପାଖରେ ବହୁତ ଅଳ୍ପ କଥା ଅବଶେଷରେ ରହେ। ସେ ସବୁ କର୍ମର ପାଞ୍ଚଦଶଟା ଦୃଢ଼ ସଂସ୍କାର ବାକି ରହିଥାଏ। ଏ ସଂସ୍କାର ହିଁ ଆମର ପାଣ୍ଠି। ଆମେ ଜୀବନରୂପୀ ବ୍ୟବସାୟ କରି କେବଳ ସଂସ୍କାରରୂପୀ ସମ୍ପତ୍ତି ସଂଗ୍ରହ କରୁ। ବ୍ୟବସାୟୀ ଯେପରି ପ୍ରତିଦିନର, ମାସର ଓ ବର୍ଷଯାକର ଜମା-ଖର୍ଚ୍ଚ କରି ଶେଷର ଲାଭକ୍ଷତିର ହିସାବ କରେ, ଆମର ଜୀବନ ମଧ ସେହିପରି। ଅନେକ ସଂସ୍କାର ଜମାଖାତାରେ ପଡୁପଡୁ ଶେଷକୁ ଏକ ଅତ୍ୟନ୍ତ ସଂକ୍ଷିପ୍ତ ଓ ସରଳ ସାରାଂଶ ବାକି ରହେ।

ଯେତେବେଳେ ଜୀବନର ଅନ୍ତିମ ସମୟ ଆସେ, ସେତେବେଳେ ଜୀବନର ଜମା ଖର୍ଚ୍ଚ କଥା ଆତ୍ମାର ମନେପଡ଼େ। ଜନ୍ମଭରି କ'ଣ କ'ଣ କରିଛି, ସେ କଥା ଯେତେବେଳେ ମନେପକାଏ, ସେତେବେଳେ ଜମାଘରେ ଦୁଇ ଚାରୋଟି ବିଷୟ ଆଖିରେ ପଡ଼େ। ଏହାର ଅର୍ଥ ନୁହେଁ ଯେ, ସମୁଦାୟ କର୍ମ ଓ ଜ୍ଞାନ ବୃଥା ହୋଇଗଲା। ସେଗୁଡ଼ିକଙ୍କର କାମ ସରିଗଲା। ଦିଆନିଆ ହଜାର ପ୍ରକାର କରିବା ପରେ ଶେଷରେ ମୋଟ ଚାରିପାଞ୍ଚ ହଜାର ଲାଭ ବା ଦଶ କୋଡ଼ିଏ ହଜାର କ୍ଷତି - ଏତିକି ସାରକଥା ବ୍ୟବସାୟୀ ଜାଣିପାରେ। କ୍ଷତି ହୋଇଥିଲେ ମନ ଦବିଯାଏ, ଲାଭ ହୋଇଥିଲେ ମନ ଉଲ୍ଲସି ଉଠେ।

ଆମ ଜୀବନ ମଧ୍ୟ ସେହିପରି। ମରିବା ସମୟରେ ଯଦି ଖାଇବାର ବାସନା ହେଲା, ତେବେ ଜାଣିବ ଯେ, ଜୀବନଭରି କେବଳ ସୁସ୍ୱାଦୁ ଖାଦ୍ୟ ଖାଇବା ଅଭ୍ୟାସ କରାଯାଇଛି। ଭୋଜନ ବା ସ୍ୱାଦର ବାସନାକୁ ଆମ ଜୀବନଯାକର ଅର୍ଜନ ବୋଲି ବୁଝିବାକୁ ହେବ। କୌଣସି ମା'ର ମୃତ୍ୟୁ ସମୟରେ ଯଦି ପୁଅ ମନେପଡ଼େ, ତେବେ ତାର ପୁତ୍ର ସମ୍ବନ୍ଧୀୟ ସଂସ୍କାର ହିଁ ବଳବାନ ସାବ୍ୟସ୍ତ ହେଲା। ବାକି ଯେତେକ ଅସଂଖ୍ୟ କର୍ମ ସେ କରିଥିଲା; ସେ ସବୁ ଗୌଣ ବୋଲି ପ୍ରମାଣିତ ହେଲା। ପାଟୀଗଣିତରେ ଭଗ୍ନାଂଶ ପ୍ରଶ୍ନ ଥାଏ। କେତେ ବଡ଼ ବଡ଼ ସଂଖ୍ୟା। କିନ୍ତୁ ତାକୁ ସଂକ୍ଷେପ କରୁ କରୁ ଶେଷରେ ଏକ କିମ୍ବା ଶୂନ୍ୟ ଉତ୍ତର ହୁଏ। ସେହିପରି ଜୀବନର ନାନାବିଧ ସଂଖ୍ୟା ଚାଲିଯାଏ। ଶେଷର ମାତ୍ର ବଳବାନ ସଂସ୍କାର ହିଁ ସାରରୂପେ ରହେ, ଜୀବନରୂପୀ ପ୍ରଶ୍ନର ଏହା ହିଁ ଉତ୍ତର। ଅନ୍ତକାଳୀନ ସ୍ମରଣ ହିଁ ଜୀବନର ପରିଣତି।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଜୀବନରୂପୀ ବ୍ୟବସାୟ କରି ଆମେ କ'ଣ ସଂଗ୍ରହ କରୁ ?

(ଖ) ଆମର ଜୀବନ ମଧ୍ୟ ସେହିପରି କହିବାର ଉପଲକ୍ଷ କ'ଣ ?

(ଗ) ଆତ୍ମାର କେତେବେଳେ କ'ଣ ମନେ ପଡ଼େ ?

(ଘ) ଜୀବନରୂପୀ ପ୍ରଶ୍ନର ଉତ୍ତର କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଜୀବନର ଜମାଘରେ ଆତ୍ମାର କ'ଣ ଆଖିରେ ପଡ଼େ ?

(ଖ) ମରିବା ସମୟରେ ଖାଇବାର ବାସନା ଆସିଲେ କ'ଣ ହେବ ?

(ଗ) ଜୀବନର ନାନାବିଧ ସଂଖ୍ୟା କିପରି ଚାଲିଯାଏ ?

## ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଜୀବନରୂପୀ ବ୍ୟବସାୟ କରି ଆମେ ସଂସ୍କାରରୂପୀ ସମ୍ପତ୍ତି ସଂଗ୍ରହ କରୁ।

(ଖ) ବ୍ୟବସାୟୀ ଯେପରି ପ୍ରତିଦିନର, ମାସର, ବର୍ଷଯାକର ଜମାଖର୍ଚ୍ଚ କରି ଶେଷରେ ଲାଭ କ୍ଷତିର ହିସାବ କରେ ଆମର ଜୀବନ ମଧ୍ୟ ସେହିପରି।

(ଗ) ଯେତେବେଳେ ଜୀବନର ଅନ୍ତିମ ସମୟ ଆସେ ସେତେବେଳେ ଜୀବନର ଜମା ଖର୍ଚ୍ଚ କଥା ଆତ୍ମାର ମନେପଡ଼େ।

(ଘ) କେବଳ ମାତ୍ର ବଳବାନ ସଂସ୍କାର ହିଁ ସାର - ଏହା ହିଁ ଜୀବନରୂପୀ ପ୍ରଶ୍ନର ଉତ୍ତର।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର (୨x୩)**

(କ) ଜୀବନର ଅନ୍ତିମ ସମୟ ଆସିଲେ, ଜମାଘରେ ଆତ୍ମାର ଆଖିରେ ପଡ଼େ। ଜନ୍ମଭରି କ'ଣ କ'ଣ କରିଛି - ଯେତେବେଳେ ସେ ଦେଖେ, ସେତେବେଳେ ଜମାଘରେ ଦୁଇଚାରିଟି ବିଷୟ ଆଖିରେ ପଡ଼େ।

(ଖ) ଜାଣିବ ଯେ, ଜୀବନ ଭରି କେବଳ ସୁସ୍ୱାଦୁ ଖାଦ୍ୟ ଖାଇବା ଅଭ୍ୟାସ କରାଯାଇଛି। ଭୋଜନ ବା ସ୍ୱାଦ ବାସନା ହିଁ ଆମ ଜୀବନ ଯାକର ଅର୍ଜନ।

(ଗ) ପାଟୀଗଣିତରେ ଥିବା ବଡ଼ ବଡ଼ ସଂଖ୍ୟାକୁ ସଂକ୍ଷେପ କରୁକରୁ ଶେଷରେ ଏକ କିମ୍ବା ଶୂନ୍ୟ ରହିଲା ପରି ଜୀବନର ନାନାବିଧ ସଂଖ୍ୟା ଚାଲିଯାଏ।

**୪.** ଆଜିକାଲିକା ଯୁବକ କହୁଛନ୍ତି - ରାମ ନାମ, ରାମଙ୍କ ଭକ୍ତି, ରାମଙ୍କ ଉପାସନା - ଏ ସବୁ ଆମ ମୁଣ୍ଡରେ ପଶୁନାହିଁ। ଆମେ ଭଗବାନଙ୍କ କାମରେ ବିଶ୍ୱାସ କରୁଁ। ଭଗବାନଙ୍କର କାମ କିପରି କରିବାକୁ ହେବ ତା'ର ଦୃଷ୍ଟାନ୍ତ ଭରତ ଦେଖାଇଛନ୍ତି। ଭଗବାନଙ୍କର କାମ କରି ଭରତ ସେ ବିଚ୍ଛେଦକୁ ହଜମ କରିଦେଲେ। ଭଗବାନଙ୍କର କାମ କରୁଁ କରୁଁ ଭଗବାନଙ୍କର ବିଚ୍ଛେଦକୁ ଅନୁଭବ କରିବପାଇଁ ସୁଦ୍ଧା ସମୟ ନ ମିଳିବା ଗୋଟିଏ କଥା; ପୁଣି ଯାହାର ଭଗବାନଙ୍କ ସହିତ କିଛି ଦିଆନିଆ ନାହିଁ, ତାହା କଥା ନିଆରା। ଭଗବାନଙ୍କ କାମ କରୁଁ କରୁଁ ସଂଯମପୂର୍ଣ୍ଣ ଜୀବନ କଟାଇବା ଏ ସଂସାରରେ ଦୁର୍ଲଭ ବସ୍ତୁ। ଭରତଙ୍କର ଏ ମନୋବୃତ୍ତିରେ ନିର୍ଗୁଣ ଭାବରେ କାମ କରିବାର ମନୋବୃତ୍ତି ଥିଲେ ସୁଦ୍ଧା ତାହା ମଧ୍ୟରୁ ସଗୁଣର ଆଧାର ଲୋପ ପାଇ ନ ଥିଲା। "ପ୍ରଭୋ ରାମ ! ଆପଣଙ୍କର ଆଜ୍ଞା ମୋର

ଶିରୋଧାର୍ଯ୍ୟ। ଆପଣ ଯାହା କହିବେ, ତହିଁରେ ମୋର ସନ୍ଦେହ ନାହିଁ।” ଏହା କହି ଭରତ ଯେମିତି ଲେଉଟିଲେ ସଙ୍ଗେ ସଙ୍ଗେ ପଛକୁ ଫେରି ରାମଙ୍କୁ ଚାହିଁ କହିଲେ, “ଭଗବାନ୍, ମନ ମାନୁନାହିଁ, ମନ ଦକଦକ ହେଉଛି।” ରାମ ତୁରନ୍ତ ବୁଝିପାରିଲେ ଏବଂ କହିଲେ - “ଏ ପାଦୁକା ନେଇଯାଅ।” ସଗୁଣ ପ୍ରତି ଆଦର ଶେଷ ପର୍ଯ୍ୟନ୍ତ ରହିଲା। ନିର୍ଗୁଣକୁ ଶେଷରେ ସଗୁଣ ଆର୍ଦ୍ର କରିଦେଲା। ପାଦୁକାରେ ଲକ୍ଷ୍ମଣଙ୍କ ମନ ମାନି ନ ଥାନ୍ତା। ତାଙ୍କ ଦୃଷ୍ଟିରୁ ଘୋଳ ପିଇ ଦୁଧର ସ୍ୱାଦ ମେଣ୍ଟାଇଲା ଭଳି ଏ କଥା ହୋଇଥାନ୍ତା। ଭରତଙ୍କ ଭୂମିକା ଏହାଠାରୁ ଭିନ୍ନ ଥିଲା। ସେ ବାହାରୁ ଦେଖିବାକୁ ଦୂରରେ ରହି କର୍ମ କରୁଥିଲେ; କିନ୍ତୁ ମନରେ ରାମମୟ ଥିଲେ। ଭରତ ନିଜର କର୍ତ୍ତବ୍ୟ ପାଳନ କରିବାରେ ହିଁ ରାମ-ଭକ୍ତି ରହିଛି ବୋଲି ମଣୁଥିଲେ ସୁଦ୍ଧା ସେ ପାଦୁକାର ଆବଶ୍ୟକତା ଉପଲବ୍ଧି କରିଥିଲେ। ତାହା ଅଭାବରେ ସେ ରାଜକାର୍ଯ୍ୟ ଚଳାଇ ପାରୁ ନ ଥିଲେ। ସେ ପାଦୁକାର ଆଜ୍ଞା ରୂପେ ନିଜର କର୍ତ୍ତବ୍ୟ କରି ଯାଉଥିଲେ। ଲକ୍ଷ୍ମଣ ଯେପରି ରାମଙ୍କର ଭକ୍ତ, ଭରତ ମଧ୍ୟ ସେହିପରି ଭକ୍ତ। ଦୁହିଁଙ୍କର ଭୂମିକା ପଦାକୁ ଭିନ୍ନ ଭିନ୍ନ ଥିଲା। ଭରତ କର୍ତ୍ତବ୍ୟନିଷ୍ଠ ଥିଲେ, ତତ୍ତ୍ୱନିଷ୍ଠ ଥିଲେ; ତଥାପି ତାଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ ପାଦୁକାର ଆର୍ଦ୍ରତା ଲୋଡ଼ାଥିବାର ଅନୁଭୂତ ହେଲା।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଆଜିକାଲିକା ଯୁବକ କ’ଣ କହୁଛନ୍ତି ?

(ଖ) ଭରତ କେଉଁ ଦୃଷ୍ଟାନ୍ତ ଦେଖାଇଛନ୍ତି ?

(ଗ) ଭରତଙ୍କ ମନୋବୃତ୍ତିର ରୂପ କିପରି ଥିଲା ?

(ଘ) ଭରତଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ କାହାର ଲୋଡ଼ା ହେଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଭରତ କ’ଣ କହି ଲେଉଟିଲେ ?

(ଖ) ରାମଙ୍କର ‘ଏ ପାଦୁକା ନେଇଯାଅ’ର ଗୂଢ଼ାର୍ଥ କ’ଣ ଥିଲା ?

(ଗ) ଲକ୍ଷ୍ମଣଙ୍କ ମାନସିକତା ସମ୍ପର୍କରେ କ’ଣ କୁହାଯାଇଛି ?

## ଉତ୍ତର

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର (୧x୪)**

(କ) ଆଜିକାଲିକା ଯୁବକ କହୁଛନ୍ତି - ରାମ ନାମ, ରାମଙ୍କ ଭକ୍ତି, ରାମଙ୍କ ଉପାସନା ଏ ସବୁ ତାଙ୍କ ମୁଣ୍ଡରେ ପଶୁନାହିଁ।

(ଖ) ଭଗବାନଙ୍କ କାମ କିପରି କରିବାକୁ ହେବ ତା’ର ଦୃଷ୍ଟାନ୍ତ ଭରତ ଦେଖାଇଛନ୍ତି।

(ଗ) ଭରତଙ୍କ ମନୋବୃତ୍ତିରେ ନିର୍ଗୁଣ ଭାବରେ କାମ କରିବାର ପ୍ରବୃତ୍ତି ଥିଲେ ସୁଦ୍ଧା ସେଥିରୁ ସଗୁଣର ଆଧାର ଲୋପ ପାଇ ନଥିଲା।

(ଘ) ଭରତଙ୍କ ତତ୍ତ୍ୱନିଷ୍ଠା ନିମନ୍ତେ ପାଦୁକାର ଆର୍ଦ୍ରତା ଲୋଡ଼ାଥିବାର ଅନୁଭୂତ ହେଲା।

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) “ପ୍ରଭୋ ରାମ, ଆପଣଙ୍କର ଆଜ୍ଞା ଶିରୋଧାର୍ଯ୍ୟ। ଆପଣ ଯାହା କହିବେ ତହିଁରେ ମୋର ସନ୍ଦେହ ନାହିଁ” - ଏହା କହି ଭରତ ଲେଉଟିଲେ।

(ଖ) “ସଗୁଣ ପ୍ରତି ଆଦର ଶେଷପର୍ଯ୍ୟନ୍ତ ରହିଲା। ନିର୍ଗୁଣକୁ ଶେଷରେ ସଗୁଣ ଆର୍ଦ୍ର କରିଦେଲା।” ଏହାହିଁ ଗୂଢ଼ାର୍ଥ ଥିଲା।

(ଗ) ପାଦୁକାରେ ଲକ୍ଷ୍ମଣଙ୍କ ମନ ମାନି ନ ଥା’ନ୍ତା। ତାଙ୍କ ମତରେ ଘୋଳପିଇ ଦୁଧର ସ୍ୱାଦ ମେଣ୍ଟାଇବା ଭଳି ଏହା ହୋଇଥା’ନ୍ତା।

**୫.** କିନ୍ତୁ ମନୁଷ୍ୟ ସ୍ମରଣ କରିବାକୁ ଚାହେଁ ନାହିଁ। ପାସ୍କଲ ନାମକ ଜଣେ ଫରାସୀ ଦାର୍ଶନିକ ଥିଲେ। ତାଙ୍କର ଖଣ୍ଡିଏ ବହିର ନାମ ‘ପାଁସେ’। ‘ପାଁସେ’ର ଅର୍ଥ ହେଉଛି ବିଚାର। ସେ ଏ ପୁସ୍ତକରେ ବିବିଧ ପ୍ରକାରର ସ୍ଫୁଟ ବିଚାର ଦେଇଛନ୍ତି। ତହିଁରେ ସେ ଗୋଟିଏ ସ୍ଥାନରେ କହିଛନ୍ତି, “ମୃତ୍ୟୁ ସର୍ବଦା ପଛରେ ଛିଡ଼ା ହୋଇଛି। କିନ୍ତୁ ମନୁଷ୍ୟ ତାକୁ କିପରି ଭୁଲିବ, ସେଥିପାଇଁ ସତତ ଉଦ୍ୟମ କରୁଥାଏ। କେବେ ସେ ମନକୁ ଆଣେ ନାହିଁ ଯେ, ମୃତ୍ୟୁକୁ ମନେରଖି ସେ କିପରି ଚଳିବ।” ମନୁଷ୍ୟ ମରଣ ଶବ୍ଦକୁ ସୁଦ୍ଧା ସହିପାରେ ନାହିଁ। ଖାଇବାବେଳେ ଯଦି କେହି ମୃତ୍ୟୁର ନାମ ଧରନ୍ତି, ତେବେ କହନ୍ତି - “କି ଅଶୁଭ କଥା ମୁହଁରେ ଧରୁଛ ?” ଏସବୁ ସତ୍ତ୍ୱେ ଆମେ ପାଦେ ପାଦେ ହୋଇ ମୃତ୍ୟୁଆଡ଼କୁ ଆଗେଇ ଚାଲିଛୁ। ବମ୍ବେର ଟିକେଟ କାଟି ଥରେ ରେଳରେ ବସିଯିବା ପରେ ଆମେ ପଛକେ ଖାଲି ବସିଥାଉଁ, ଗାଡ଼ି କିନ୍ତୁ ଆମକୁ ନେଇ ବମ୍ବେରେ ଛାଡ଼ିଦେବ। ଜନ୍ମହେବା ମାତ୍ରେ ଆମେ ମୃତ୍ୟୁର ଟିକଟ କାଟି ରଖିଛୁ। ଏଣୁ ଆପଣ ଏବେ ବସି ରହନ୍ତୁ ବା ଦୌଡ଼ନ୍ତୁ। ବସି ରହିଲେ ମଧ୍ୟ ମୃତ୍ୟୁ ଆସିବ; ଦୌଡୁଥିଲେ ମଧ୍ୟ ଆସିବ। ଆପଣ ମୃତ୍ୟୁଚିନ୍ତା କରନ୍ତୁ ବା ନ କରନ୍ତୁ, ସେ ନ ଆସି ରହିବ ନାହିଁ। ଅନ୍ୟାନ୍ୟ ବିଷୟ ଅନିଶ୍ଚିତ ହୋଇପାରିଥାଏ; କିନ୍ତୁ ମରଣ ନିଶ୍ଚିତ। ସୂର୍ଯ୍ୟ ଅସ୍ତାଚଳ ଆଡ଼କୁ ଯିବାମାତ୍ରେ ଆମ ଆୟୁର କେତେକାଂଶ ଖାଇଯାଏ। ଜୀବନର ଗୋଟିଏ ଗୋଟିଏ ଭାଗ ଏହିପରି କଟିଯାଉଛି, ଜୀବନର କ୍ଷୟ ଘଟୁଛି, ବିନ୍ଦୁ ବିନ୍ଦୁ ହୋଇ ନିଃଶେଷ ହେଉଛି। - ତଥାପି ମନୁଷ୍ୟର ଚିନ୍ତା ନାହିଁ। ଜ୍ଞାନେଶ୍ୱର କହିଛନ୍ତି, - “ଆଶ୍ଚର୍ଯ୍ୟବୋଧ ହେଉଛି।” ଜ୍ଞାନଦେବଙ୍କୁ ଆଶ୍ଚର୍ଯ୍ୟବୋଧ ହେଉଛି ଯେ, ମନୁଷ୍ୟ ଏଡ଼େ ନିଶ୍ଚିନ୍ତତା ଅନୁଭବ କରେ କାହିଁକି ? ମନୁଷ୍ୟ

ମରଣକୁ ଏତେ ଭୟ କରେ ଯେ, ସେ ମୃତ୍ୟୁର ଚିନ୍ତା ସୁଦ୍ଧା ସହିପାରେ ନାହିଁ। ସେ ସର୍ବଦା ସେଇ ବିଚାରରୁ ଦୂରେଇ ରହିବା ପାଇଁ ଇଚ୍ଛା କରେ, ଆଖିରେ ଅନ୍ଧପୁତୁଳି ବାନ୍ଧି ବସିଥାଏ। ଯୁଦ୍ଧକୁ ଯାଉଥିବା ସୈନିକ ଯୁଦ୍ଧକଥା ଯେପରି ମନକୁ ନ ଆସିବ ସେଥିପାଇଁ ସେ ନାଚେ, ଖେଳେ, ଗାଏ, ସିଗାରେଟ ପିଏ। ପାସ୍କଲ କହୁଛନ୍ତି - "ମରଣକୁ ସର୍ବତ୍ର ପ୍ରତ୍ୟକ୍ଷ ଦେଖୁଥିଲେ ହେଁ ଏ ଟମୀ, ଏ ସୈନିକ ତାକୁ ପାଶୋରିବା ପାଇଁ ଖାଇବା-ପିଇବାରେ ଓ ନାଚ-ଗୀତରେ ମତ୍ତ ହୋଇରହେ।"

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ପାସ୍କଲଙ୍କ ପୁସ୍ତକର ନାମ କ'ଣ ?

(ଖ) ଖାଇବାବେଳେ ମୃତ୍ୟୁର ନାମ ଧରିଲେ କ'ଣ କୁହନ୍ତି ?

(ଗ) ମନୁଷ୍ୟର କେଉଁ ବିଷୟରେ ଚିନ୍ତା ନାହିଁ ?

(ଘ) ମନୁଷ୍ୟ ମୃତ୍ୟୁର ଚିନ୍ତା ସୁଦ୍ଧା ସହିପାରେ ନାହିଁ କାହିଁକି ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ପାସ୍କଲ ତାଙ୍କ ପୁସ୍ତକରେ କ'ଣ କହିଛନ୍ତି ?

(ଖ) କାନେଶ୍ୱରଙ୍କୁ କ'ଣ ଆଶ୍ଚର୍ଯ୍ୟ ବୋଧ ହୋଇଛି ?

(ଗ) ଯୁଦ୍ଧକୁ ଯାଉଥିବା ସୈନିକ କ'ଣ କରେ ?

**୬.** ଆଳସ୍ୟ ଛାଡ଼ିବା ପାଇଁ ଶାରୀରିକ-ଶ୍ରମ କରିବା ଆବଶ୍ୟକ। ଆଳସ୍ୟକୁ ଜିତିବା ପାଇଁ ଏହା ହିଁ ଏକମାତ୍ର ଉପାୟ। ଯଦି ଏ ଉପାୟ ଅବଲମ୍ବନ ନ କରାଯିବ, ତେବେ ପ୍ରକୃତି ଏହାର ଶାସ୍ତି ନ ଦେଇ ଛାଡ଼ିବ ନାହିଁ। ବ୍ୟାଧିରୂପେ କିମ୍ବା ଅନ୍ୟ କୌଣସି କଷ୍ଟରୂପେ ସେ ଦଣ୍ଡ ଅବଶ୍ୟ ଭୋଗ କରିବାକୁ ହେବ। ଆମକୁ ଶରୀର ମିଳିଛି, ଏଣୁ ଶ୍ରମ ଆମକୁ ନିଶ୍ଚୟ କରିବାକୁ ହେବ। ଶରୀର-ଶ୍ରମରେ ଯେଉଁ ସମୟ ବ୍ୟୟିତ ହୁଏ, ତାହା ବୃଥା ଯାଏନାହିଁ। ଏହାର ପ୍ରତିଦାନ ଅବଶ୍ୟ ମିଳେ। ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୁଏ। ବୁଦ୍ଧି ସତେଜ, ତୀବ୍ର ଓ ଶୁଦ୍ଧ ହୁଏ।

ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କ ବିଚାରରେ ମଧ୍ୟ ତାଙ୍କର ମୁଣ୍ଡବଥା, ପେଟବଥାର ପ୍ରତିବିମ୍ବ ପଡ଼େ। ଏଣୁ ବିଚାରଶୀଳ ଲୋକେ ଯଦି ଖରାରେ, ଉନ୍ମୁକ୍ତ ପବନରେ, ପ୍ରକୃତି-କୋଳରେ ପରିଶ୍ରମ କରିବେ, ତେବେ ତାଙ୍କ ବିଚାର ମଧ୍ୟ ତେଜସ୍ୱୀ ହୋଇଯିବ। ଶାରୀରିକ ରୋଗର ମନ ଉପରେ ଯେପରି ପ୍ରଭାବ ପଡ଼େ, ସେହିପରି ଶାରୀରିକ ସ୍ୱାସ୍ଥ୍ୟର ମଧ୍ୟ ପ୍ରଭାବ ପଡ଼େ। ଏହା ଅନୁଭୂତିସିଦ୍ଧ। ଯକ୍ଷ୍ମା ହୋଇଗଲେ ଦାର୍ଜିଲିଂ ବା ଅନ୍ୟ କେଉଁଠି ପାହାଡ଼ ଉପରକୁ ଶୁଦ୍ଧ ବାୟୁ ପାଇଁ ଯିବା ବା ସୂର୍ଯ୍ୟକିରଣର ପ୍ରୟୋଗ କରିବା ପୂର୍ବରୁ ଯଦି ବାହାରେ କୋଦାଳ ଧରି ହାଣିବା, ଗଛରେ ପାଣିଦେବା ଓ କାଠ ଚିରିବା କାମ କରାଯାଏ, ତେବେ ମନ୍ଦ କ'ଣ ହେବ ?

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ଆଳସ୍ୟ ଛାଡ଼ିବା ପାଇଁ କ'ଣ କରିବା ଆବଶ୍ୟକ ?

(ଖ) କେଉଁ ରୂପରେ ଦଣ୍ଡ ଭୋଗ କରିବା ପାଇଁ ହେବ ?

(ଗ) ବିଚାର କିପରି ତେଜସ୍ୱୀ ହେବ ?

(ଘ) କାହାକୁ ଅନୁଭୂତି ସିଦ୍ଧ କୁହାଯାଏ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଆଳସ୍ୟକୁ ଜିତିବା ପାଇଁ ଉପାୟ କ'ଣ ? ଏ ଉପାୟ ଅବଲମ୍ବନ ନ କଲେ କ'ଣ ହେବ ?

(ଖ) ଶରୀର ଶ୍ରମରେ ପ୍ରତିଦାନ କ'ଣ ମିଳିଥାଏ ?

(ଗ) ଯକ୍ଷ୍ମା ରୋଗୀଙ୍କ ସମ୍ପର୍କରେ ଏଠାରେ କ'ଣ କୁହାଯାଇଛି ?

**୭.** ଏପରି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ, ଯଦ୍ୱାରା ଆଳସ୍ୟକୁ ଆଦୌ ସୁଯୋଗ ନ ମିଳିବ। ଏଡ଼େ ବଡ଼ ନଳରାଜା, କିନ୍ତୁ ଗୋଡ଼ ଧୋଇବାବେଳେ ଟିକିଏ ଅଂଶ ଅଧୁଆ ରହିଗଲା। ସେହିବାଟେ କଳି ଭିତରେ ପଶିଗଲା। ନଳରାଜା ଅତ୍ୟନ୍ତ ଶୁଦ୍ଧ, ସର୍ବପ୍ରକାରେ ସ୍ୱଚ୍ଛ ଥିଲେ; କିନ୍ତୁ ଦେହ ଟିକିଏ ଅଧୁଆ ରହିଗଲା, ଏତେକ ଆଳସ୍ୟ ବା ଅସାବଧାନତା ରହିଗଲାରୁ ସଙ୍ଗେ ସଙ୍ଗେ କଳି ଭିତରକୁ ପଶିଗଲା। କିନ୍ତୁ ଆମର ତ ଦେହ ଗୋଟାକ ଯାକ ଅଧୁଆ ରହିଛି। ଆଳସ୍ୟ ତ ଯେକୌଣସି ବାଟେ ଆମ ଦେହରେ ପଶିପାରେ। ଦେହ ଅଳସ ହେବା ମାତ୍ରେ ମନ ଓ ବୁଦ୍ଧି ମଧ୍ୟ ଅଳସ ହୋଇଯାଏ। ଏହି ଆଳସ୍ୟ ଉପରେ ଆଜିର ସମାଜ ରଚିତ ହୋଇଛି। ତହିଁରୁ ଅନନ୍ତ ଦୁଃଖ ଉପୁଜିଲାଣି। ଏଣୁ ଯଦି ଆମେ ଏହି ଆଳସ୍ୟକୁ ଦୂର କରିପାରିବା, ତେବେ ସବୁ ନ ହେଲେ ମଧ୍ୟ ଅନେକ ଦୁଃଖ ଆମେ ଦୂର କରିପାରିବା।

ଆଜିକାଲି ଚାରିଆଡ଼େ ସମାଜ-ସଂସ୍କାର ବିଷୟରେ ଆଲୋଚନା ହେଉଛି। ସାଧାରଣ ଲୋକକୁ ମଧ୍ୟ ଅତି କମ୍‌ରେ ଏତିକି ସୁଖ ମିଳିବା ଆବଶ୍ୟକ; ଏଣୁ ସେଥିପାଇଁ ଅମୁକ ପ୍ରକାରର ସମାଜ ରଚନା ଆବଶ୍ୟକ ବୋଲି ବିଚାର ଚାଲିଛି। ଏହି ଦିଗରେ ଅତିଶୟ ସୁଖ ତ, ଅନ୍ୟ ଦିଗରେ ଅତିଶୟ ଦୁଃଖ। ଏକ ଦିଗରେ ସମ୍ପତ୍ତିର ପାହାଡ଼ ତ, ଅନ୍ୟ ଦିଗରେ ଦାରିଦ୍ର୍ୟର ଅତଳ ଗହ୍ୱର। ଏ ସାମାଜିକ ବିଷମତା ଦୂରହେବ କିପରି ? ସମସ୍ତ ଆବଶ୍ୟକ ସୁଖ ସହଜରେ ଲାଭ କରିବାର ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି - ଆଳସ୍ୟ ଛାଡ଼ି ସମସ୍ତେ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବେ। ଆମର ଦୁଃଖର ପ୍ରଧାନ କାରଣ ହେଉଛି ଆମର ଆଳସ୍ୟ। ଯଦି ସମସ୍ତେ ଶାରୀରିକ ପରିଶ୍ରମ କରିବା ପାଇଁ ସଂକଳ୍ପ କରନ୍ତେ, ତେବେ ଏ ଦୁଃଖ ଦୂର ହୋଇଯାଆନ୍ତା।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ଆଳସ୍ୟକୁ ସୁଯୋଗ ନ ଦେବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

(ଖ) ଦେହ ଅଳସ ହେଲା ମାତ୍ରେ କ'ଣ ଘଟେ ?

(ଗ) ଆଜିକାଲି ଚାରିଆଡ଼େ କାହା ବିଷୟରେ ଆଲୋଚନା ହେଉଛି ?

(ଘ) ଆମର ଦୁଃଖର ପ୍ରଧାନ କାରଣ କ'ଣ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) ନଳରାଜାଙ୍କ ଦେହରେ କଳି କିପରି ପ୍ରବେଶ କରିଥିଲା ?

(ଖ) ଆଳସ୍ୟ ଦୂର କରିପାରିଲେ କ'ଣ ଘଟିବ ?

(ଗ) ଆମର ଦୁଃଖ କିପରି ଦୂର ହୋଇପାରିବ ?

୮. ମରଣକୁ ସ୍ମରଣ ରଖିବାର ଦ୍ୱିତୀୟ କାରଣ ହେଉଛି, ଯେପରି ମୃତ୍ୟୁର ଭୟାନକତାର ସମ୍ମୁଖୀନ ହୋଇ ହେବ, ତାହାର ବାଟ ବାହାର କରିହେବ । ଏକନାଥଜୀ ମହାରାଜଙ୍କର ଗୋଟିଏ କଥାଶୁଣ । ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ପଚାରିଲେ – 'ମହାରାଜ, ଆପଣଙ୍କ ଜୀବନ କେଡ଼େ ସରଳ କେଡ଼େ ନିଷ୍ପାପ ! ଆମ ଜୀବନ ସେପରି ନୁହେଁ କାହିଁକି ? କେବେ କାହାରି ଉପରେ ବିରକ୍ତ ହୁଅନ୍ତି ନାହିଁ, କାହାରି ସହିତ କଳିକଜିଆ, ମନୋମାଳିନ୍ୟ ନାହିଁ । କେଡ଼େ ଶାନ୍ତ ପ୍ରେମପୂର୍ଣ୍ଣ ଆପଣଙ୍କ ସ୍ୱଭାବ !" ଏକନାଥ କହିଲେ – "ମୋ କଥା ଏଇକ୍ଷଣି ଛାଡ଼ । ତୁମ ବିଷୟରେ ମୁଁ ଗୋଟିଏ କଥା ଜାଣି ସାରିଲାଣି । ଆଜିଠାରୁ ସପ୍ତମ ଦିନରେ ତୁମର ମୃତ୍ୟୁ ଘଟିବ । ଏବେ ଏକନାଥଙ୍କ କହିବା କଥାକୁ ମିଛ ମଣିବ କିଏ ? ସାତ ଦିନରେ ମୃତ୍ୟୁ ! କେବଳ ୧୬୮ ଘଣ୍ଟା ବାକି ! ହେ ଭଗବାନ, ଏ କି ଅନର୍ଥ । ସେ ଲୋକ ଶୀଘ୍ର ଘରକୁ ଧାଇଁଗଲା । ତାକୁ କିଛି ବୁଦ୍ଧି ଦିଶୁ ନ ଥାଏ । ଶେଷ ସମୟ ଆସିଯିବାର ଆଭାସ ମିଳିଲେ ମଣିଷ ଯେଉଁ ଆୟୋଜନରେ ଲାଗେ, ସେ ସେହିଥିରେ ଲାଗିଗଲା । ସେ ଅସୁସ୍ଥ ହୋଇ ପଡ଼ିଲା । ବିଛଣାରେ ପଡ଼ି ରହିଲା । ଛଅଦିନ ବିତିଗଲା । ସପ୍ତମ ଦିନ ଏକନାଥ ତାକୁ ଭେଟିବାକୁ ଆସିଲେ । ସେ ନମସ୍କାର କଲା । ଏକନାଥ ପଚାରିଲେ, "ଖବର କ'ଣ ?" ସେ କହିଲା, "ଏଥର ବାହାରିଲି ।" ନାଥଜୀ ପଚାରିଲେ – "ଏ ଛଅ ଦିନରେ କେତେ ପାପ କଲ ? କେତେ ପାପଚିନ୍ତା ମନକୁ ଆସିଲା ?" ମରଣାପନ୍ନ ବ୍ୟକ୍ତି କହିଲା – "ନାଥଜୀ ପାପକଥା ବିଚାରିବାକୁ ତ ଆଦୌ ଅବସର ମିଳିଲା ନାହିଁ, ମୃତ୍ୟୁ ସର୍ବଦା ଆଖି ଆଗରେ ଛିଡ଼ା ହୋଇଛି ।" ନାଥଜୀ କହିଲେ, "ମୋ ଜୀବନ ଏତେ ନିଷ୍ପାପ କାହିଁକି, ତାହାର ଉତ୍ତର ଏବେ ମିଳିଲା ତ ।" ମୃତ୍ୟୁରୂପୀ ବ୍ୟାଘ୍ର ସର୍ବଦା ଆଗରେ ଛିଡ଼ାହୋଇ ରହିଲେ ପାପକଥା ମନକୁ ଆସିବ ପୁଣି କିପରି ? ପାପ କରିବା ପାଇଁ ମଧ୍ୟ ନିଶ୍ଚିନ୍ତତା ଲୋଡ଼ା । ଅତଏବ ପାପରୁ ମୁକ୍ତ ହେବାର ଉପାୟ ଅଛି ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୧x୪)**

(କ) ମରଣକୁ ସ୍ମରଣ ରଖିବାର ଦ୍ୱିତୀୟ କାରଣ କ'ଣ ?

(ଖ) ଏକନାଥଜୀ ଭଦ୍ରବ୍ୟକ୍ତିଙ୍କୁ କ'ଣ କହିଲେ ?

(ଗ) ମୃତ୍ୟୁ ଖବର ଶୁଣି ଭଦ୍ରବ୍ୟକ୍ତି ଜଣକ କ'ଣ କଲେ ?

(ଘ) ଏକନାଥଜୀଙ୍କ ପ୍ରଶ୍ନରେ ଭଦ୍ରବ୍ୟକ୍ତି କ'ଣ କହିଲେ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ । (୨x୩)**

(କ) ଏକନାଥଜୀଙ୍କୁ ଭଦ୍ରବ୍ୟକ୍ତି ଜଣକ କ'ଣ କହିଲେ ?

(ଖ) କେଉଁ ଅନର୍ଥ କଥା ଏଠାରେ ଉଲ୍ଲିଖିତ ?

(ଗ) ମରଣାପନ୍ନ ବ୍ୟକ୍ତିଟି ଏକନାଥଜୀଙ୍କୁ କ'ଣ କହିଥିଲେ ?

୯. କଲେଜରେ ଅଧ୍ୟାପକ ତର୍କଶାସ୍ତ୍ର ପଢ଼ାନ୍ତି – 'ମନୁଷ୍ୟ ମରଣଶୀଳ, ସକ୍ରେଟିସ ମନୁଷ୍ୟ, ଏଣୁ ସକ୍ରେଟିସ୍ ମରିବ ।' ଏହି ପ୍ରକାରର ଅନୁମାନ କରିବା ସେ ଶିଖାନ୍ତି । ସେ ସକ୍ରେଟିସଙ୍କ ଉଦାହରଣ ଦିଅନ୍ତି – 'ଆପଣା ଉଦାହରଣଟି ଦିଅନ୍ତି ନାହିଁ କାହିଁକି ? ଅଧ୍ୟାପକ ତ ମରଣଶୀଳ; କିନ୍ତୁ ସେ ଶଖାଇବେ ନାହିଁ ଯେ, ସମୁଦାୟ ମନୁଷ୍ୟ ମରଣଶୀଳ । ଅତଏବ ମୁଁ ଅଧ୍ୟାପକ ଏବଂ ତୁମେ ଛାତ୍ର ମଧ୍ୟ ମରଣଶୀଳ ।' ସେ ମରଣକୁ ସକ୍ରେଟିସ ଉପରକୁ ପେଲି ଦିଅନ୍ତି । କାରଣ ସକ୍ରେଟିସ ତ ମରି ସାରିଛି । ସେ ଆପଣଙ୍କ ସହିତ କଳି କରିବାକୁ ଆସିବ ନାହିଁ । ଶିଷ୍ୟ ଓ ଗୁରୁ ଦୁହେଁ ସକ୍ରେଟିସକୁ ମୃତ୍ୟୁହାତରେ ସମର୍ପଣ କରି ଦେଇ ନିଜ ପାଇଁ 'ତୋ କଥା ମୋ କଥା ଚୁପ୍ ଚୁପ୍' ପରି ନିଷ୍ପତ୍ତି କରିନିଅନ୍ତି; ଯେପରିକି ସେମାନେ ବୁଝିଯାଇଛନ୍ତି ଯେ, ଆମେ ଖୁବ୍ ସୁରକ୍ଷିତ ହୋଇ ରହିଛୁ ।

ଏହିପରି ମୃତ୍ୟୁକୁ ଭୁଲିବା ପାଇଁ ଏ ଉଦ୍ୟମ ସର୍ବତ୍ର ଜାଣିଶୁଣି ଚାଲିଛି; କିନ୍ତୁ ଏହା ଫଳରେ ମୃତ୍ୟୁ କୁଆଡ଼େ ଯିବ ? କାଲି ଯଦି ମା' ମରିଯିବ ତେବେ ମୃତ୍ୟୁ ମୁହଁ ଦେଖେଇବ । ମନୁଷ୍ୟ ନିର୍ଭୀକ ଭାବରେ ମୃତ୍ୟୁର ବିଚାର କରି ଏ ଚେଷ୍ଟା ସୁଦ୍ଧା କରେନାହିଁ ଯେ, ସେଥିରୁ ବାଟ କିପରି ବାହାରିବ । ଗୋଟିଏ ହରିଣ ପଛରେ ବାଘ ଗୋଡ଼େଇଛି । ଚଞ୍ଚଳ ହରିଣ ଖୁବ୍ ଜୋରରେ ଡିଆଁ ମାରୁଛି; କିନ୍ତୁ ତା ବଳ ହଟିଆସୁଛି । ଶେଷକୁ ସେ ହଟିଗଲା, ଏବେ ସୁଦ୍ଧା ସେ ବାଘ ଯମଦୂତ ହୋଇ ଧାଇଁଆସୁଛି, ସେତେବେଳେ ସେ ହରିଣର ଦଶା କ'ଣ ହୁଏ ? ସେହି ବାଘଆଡ଼କୁ ସେ ଚାହିଁ ସୁଦ୍ଧା ପାରେ ନାହିଁ । ସେ ମାଟିରେ ମୁହଁ ଓ ଶିଙ୍ଗ ଗୁଞ୍ଜି ଛିଡ଼ା ହୋଇଯାଏ, ଯେପରିକି ନିରାଧାର ହୋଇ କହେ – 'ନେ,

ଆ ମତେ ଖା।' ସେହିପରି ଆମେ ମଧ୍ୟ ମରଣ ମୁହଁକୁ ଚାହିଁପାରୁ ନାହିଁ। ତହିଁରୁ ରକ୍ଷା ପାଇବା ପାଇଁ ଆମେ ହଜାର ହଜାର ଉପାୟ କାଢ଼ି ବସୁ। ତଥାପି ତା'ର ଜୋର ଏତେ ଶେଷକୁ ସେ ଆମ ବେକ ମୋଡ଼ିଦିଏ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ତର୍କଶାସ୍ତ୍ର ପଢ଼ାଇଲା ବେଳେ ଅଧ୍ୟାପକ କ'ଣ ଉଦାହରଣ ଦିଅନ୍ତି ?

(ଖ) ମରଣକୁ ସେ ସକ୍ରେଟିସ୍‌ଙ୍କ ଉପରକୁ ପେଲି ଦିଅନ୍ତି କାହିଁକି ?

(ଗ) ମଣିଷ କେଉଁ ଚେଷ୍ଟା କରେ ନାହିଁ ?

(ଘ) ଅସହାୟ ହରିଣଟି ବାଘକୁ କ'ଣ କହେ ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) ଅଧ୍ୟାପକ ଆପଣାର ଉଦାହରଣ ଦିଅନ୍ତି ନାହିଁ କାହିଁକି ?

(ଖ) ଶିଷ୍ୟ ଓ ଗୁରୁ ଦୁହେଁ କ'ଣ ବୁଝି ଯାଇଛନ୍ତି ବୋଲି ବର୍ଣ୍ଣିତ ?

(ଗ) ହରିଣର ଦଶା ସହିତ ଆମ ଦଶାକୁ କିପରି ତୁଳନା କରାଯାଇଛି ?

**୧୦.** ମନ୍ଦିରର ଚୂଳ ଦେଖାଯାଏ, ମୂଳଦୂଆ ଦିଶେନାହିଁ। ରାମଙ୍କ ଯଶ ସଂସାର ବ୍ୟାପିଛି; କିନ୍ତୁ ଲକ୍ଷ୍ମଣଙ୍କୁ କିଏ ମନେ ପକାଉଛି ? ଚଉଦ ବର୍ଷଯାଏ ଏ ଦଣ୍ଡ ସିଧା ହୋଇ ରହିଲା, ଟିକିଏ ନଇଁଲା ନାହିଁ। ନିଜେ ପଛରେ ରହି ସେ ରାମଙ୍କ ଯଶବାନା ଉଡ଼େଇଲେ। ରାମ ଅତ୍ୟନ୍ତ କଠିନ କର୍ମ ଲକ୍ଷ୍ମଣଙ୍କଦ୍ୱାରା କରାଉଥିଲେ। ସୀତାଙ୍କୁ ବଣରେ ଛାଡ଼ିବା କାମ ଆଖର ଲକ୍ଷ୍ମଣଙ୍କ ଉପରେ ଦିଆଗଲା ଏବଂ ଲକ୍ଷ୍ମଣ ତାକୁ ତୁଲେଇଲେ। ଲକ୍ଷ୍ମଣଙ୍କର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ହିଁ ନ ଥିଲା। ସେ ରାମଙ୍କ ଆଖି, ରାମଙ୍କ ହାତ ଗୋଡ଼, ରାମଙ୍କ ମନ ପାଲଟି ଯାଇଥିଲେ। ନଦୀ ଯେପରି ସମୁଦ୍ରରେ ମିଶିଯାଏ,ସେହିପରି ଲକ୍ଷ୍ମଣଙ୍କ ସେବା ରାମଙ୍କ ମଧ୍ୟରେ ମିଶିଯାଇଥିଲା। ସେ ରାମଙ୍କର ଛାୟା ହୋଇ ଯାଇଥିଲେ। ଲକ୍ଷ୍ମଣଙ୍କର ଏ ଭକ୍ତି ସଗୁଣ।

ଭରତଙ୍କର ଭକ୍ତି ଏହାର ବିପରୀତ, ନିର୍ଗୁଣ ଥିଲା। ତୁଳସୀ ଦାସ ତାଙ୍କ ଚିତ୍ର ମଧ୍ୟ ଖୁବ୍ ଭଲ ଆଙ୍କିଛନ୍ତି। ଯେତେବେଳେ ରାମ ବଣକୁ ଗଲେ, ସେତେବେଳେ ଭରତ ଅଯୋଧ୍ୟାରେ ନ ଥିଲେ। ଯେତେବେଳେ ଭରତ ଆସିଲେ, ସେତେବେଳକୁ ଦଶରଥ ମରି ସାରିଥିଲେ। ଗୁରୁ ବଶିଷ୍ଠ ତାଙ୍କୁ ବୁଝାଉଥିଲେ ଯେ ତୁମେ ରାଜତ୍ୱ କର। ମାତ୍ର ଭରତ କହିଲା – "ମୁଁ ରାମଙ୍କୁ ଭେଟିବି।" ରାମଙ୍କୁ ଭେଟିବା ପାଇଁ ତାଙ୍କ ଅନ୍ତର ଛଟପଟ ହେଉଥିଲା; କିନ୍ତୁ ତାହା ସଙ୍ଗେ ସଙ୍ଗେ ରାଜ୍ୟର ବ୍ୟବସ୍ଥା ମଧ୍ୟ ସେ କରୁଥିଲେ। ତାଙ୍କର ଧାରଣା ଥିଲା ଯେ, ଏ ରାଜ୍ୟ ରାମଙ୍କର, ଏହାର ବ୍ୟବସ୍ଥା କରିବା ଅର୍ଥ ରାମଙ୍କ କାମ କରିବା। ସମ୍ପତ୍ତି ସବୁ ମାଲିକର। କେବଳ ତାର ବ୍ୟବସ୍ଥା କରିବାଟାକୁ ସେ ନିଜର କର୍ତ୍ତବ୍ୟ ମଣୁଥିଲେ। ଲକ୍ଷ୍ମଣଙ୍କ ପରି ଭରତ ମୁକ୍ତ ହୋଇପାରୁ ନ ଥିଲେ। ଏହା ହିଁ ଭରତଙ୍କର ଭୂମିକା। ରାମଭକ୍ତିର ଅର୍ଥ ହେଉଛି ରାମଙ୍କ କାମ କରିବା। ନ ହେଲେ ସେ ଭକ୍ତିର କି ମୂଲ୍ୟ ଅଛି ? ସବୁ ବ୍ୟବସ୍ଥା କରିଦେଇ ଭରତ ରାମଙ୍କୁ ଭେଟିବା ପାଇଁ ବଣକୁ ଆସିଲେ। "ଭାଇନା, ଏ ରାଜ୍ୟ ଆପଣଙ୍କର। ଆପଣ ..." ଯେମିତି କହିବାକୁ ଯାଇଛନ୍ତି, ରାମ ସଙ୍ଗେ ସଙ୍ଗେ ତାଙ୍କୁ କହିଲେ, "ଭରତ ! ତୁ ରାଜତ୍ୱ କର।" ଭରତ ସଙ୍କୁଚିତ ହୋଇଗଲେ। ସେ କହିଲେ, "ଆପଣଙ୍କର ଆଜ୍ଞା ଶିରୋଧାର୍ଯ୍ୟ।" ରାମଙ୍କର ଆଜ୍ଞା ପାଳନ କରିବା ଭରତଙ୍କର ଧର୍ମ। ସେ ତାଙ୍କର ସର୍ବସ୍ୱ ରାମଙ୍କଠାରେ ଉତ୍ସର୍ଗ କରି ଦେଇଥିଲେ।

**(i) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୧x୪)**

(କ) ମନ୍ଦିରର କ'ଣ ଦିଶେ ଓ କ'ଣ ଦିଶେନାହିଁ ?

(ଖ) ଲକ୍ଷ୍ମଣଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ନଥିଲା କିପରି ?

(ଗ) ଭରତ ଗୁରୁ ବଶିଷ୍ଠଙ୍କୁ କି ଉତ୍ତର ଦେଇଥିଲେ ?

(ଘ) ରାମ ଭକ୍ତିର ଅର୍ଥ କ'ଣ ଥିଲା ?

**(ii) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ। (୨x୩)**

(କ) କେଉଁ କଠିନ ଆଦେଶ ଲକ୍ଷ୍ମଣ ପାଳନ କରିଥିଲେ ବୋଲି କୁହାଯାଇଛି ?

(ଖ) ତୁଳସୀ ଦାସ ଭରତଙ୍କର କିଭଳି ଚିତ୍ର ଅଙ୍କନ କରିଛନ୍ତି ?

(ଗ) ଭରତଙ୍କର କ'ଣ ଧାରଣା ଥିଲା ?

## ପଦ୍ୟ ବିଭାଗ

**ନିମ୍ନ ପଦ୍ୟାଂଶ ସହିତ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।** **(୧x୫)**

୧. ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।

ରଜନୀରେ ନୀଳାକାଶେ ଚନ୍ଦ୍ରମା ଉଜ୍ଜ୍ୱଳ,
ବିରାଜଇ ଦଶଦିଶ କରିଣ ଧବଳ ।

ଉଜ୍ଜ୍ୱଳ ନକ୍ଷତ୍ରମାଳା ଚନ୍ଦ୍ର ସଙ୍ଗତରେ,
ଶୋଭନ୍ତି ପ୍ରଫୁଲ୍ଲ ପୁଷ୍ପ ପରାୟେ ଅମ୍ବରେ ।

ନଦୀ-ପୁଷ୍କରିଣୀ ଜଳ ଏବେ ସୁନିର୍ମଳ,
କ୍ରୀଡ଼ନ୍ତି ହରଷେ ତହିଁ ଧଳା ହଂସଦଳ ।

ଧାନ୍ୟକ୍ଷେତ୍ରେ ପକ୍ୱଶାଳି ଦିଶଇ ସୁନ୍ଦର,
ଦରଶନେ ଆନନ୍ଦିତ ମନ କୃଷକର ।

ସୁନୀଳ ଅପରାଜିତା ଫୁଟିଅଛି ବନେ,
ବନ୍ଧୂଳି କୁସୁମ ରଙ୍ଗ ତୋଷଇ ଲୋଚନେ ।

ଧରିଛି ଅଗସ୍ତି ଦ୍ରୁମ କୁସୁମ ମଞ୍ଜରୀ,
ବଙ୍କିମ ଦିଶାଇ ଯାହା ବାଳଇନ୍ଦୁ ପରି ।

ପ୍ରଦୋଷେ ଫୁଟଇ ଜହ୍ନିଫୁଲ ଘରେ ଘରେ,
ବାଳକେ ତୋଳନ୍ତି ତାହା ମହା ଆନନ୍ଦରେ ।

ପ୍ରଫୁଲ୍ଲ କୁସୁମବନୁ ପୁଷ୍ପଗନ୍ଧ ହରି,
ଶୀତଳ ସୁରଭି ପଦ୍ମକାନନେ ସଞ୍ଚରି ।

ନଚାଇ ତରଙ୍ଗେ ନଦୀ ସରୋବର ନୀର,
ନଚାଇଣ ଶସ୍ୟାବଳୀ ବହଇ ସମୀର ।

ରଜନୀରେ କୁମାରୀଏ ମହା ଆନନ୍ଦରେ,
ମଣ୍ଡିଣ ସୁନୀଳ କେଶ ଶୁଭ୍ର କୁସୁମରେ ।

### ପ୍ରଶ୍ନାବଳୀ

(କ) ଆକାଶରେ ଧଳା ମେଘକୁ କିପରି କଳ୍ପନା କରାଯାଇଛି ?

(ଖ) ପ୍ରଫୁଲ୍ଲ ପୁଷ୍ପର ଶୋଭା ସହିତ କାହାକୁ ତୁଳନା କରାଯାଇଛି ?

(ଗ) କୃଷକର ମନ କାହିଁକି ଆନନ୍ଦିତ ହୁଏ ?

(ଘ) ଅଗସ୍ତି ଦ୍ରୁମରେ କୁସୁମ ମଞ୍ଜରୀ କିପରି ଦେଖାଯାଉଛି ?

(ଙ) ସମୀରର ବହମାନତାକୁ କ'ଣ ବୋଲି କୁହାଯାଇଛି ?

### ଉତ୍ତର

(କ) ନୀଳ ସମୁଦ୍ରରେ ବୋଇତ ଭାସିଲା ପରି ବର୍ଣ୍ଣନା କରାଯାଇଛି ।

(ଖ) ଚନ୍ଦ୍ର ସହିତ ଉଜ୍ଜ୍ୱଳ ନକ୍ଷତ୍ରମାଳାଙ୍କର ବର୍ଣ୍ଣନାଦେବାକୁ ଯାଇ ଆକାଶରେ ପ୍ରଫୁଲ୍ଲ ପୁଷ୍ପ ଶୋଭାକୁ ବର୍ଣ୍ଣନା କରାଯାଇଛି ।

(ଗ) ଧାନ କ୍ଷେତରେ ପକ୍ୱଶାଳିର ସୌନ୍ଦର୍ଯ୍ୟ ଦର୍ଶନ କରି କୃଷକର ମନ ଆନନ୍ଦିତ ହୁଏ ।

(ଘ) ବାଳଇନ୍ଦୁ ପରି ବଙ୍କିମ ଦେଖାଯାଉଛି ।

(ଙ) ନଦୀ ସରୋବର ନୀର ଓ ଶସ୍ୟାବଳୀକୁ ନଚାଇ ସମୀର ବହୁଥିବାର କୁହାଯାଇଛି ।

୨. ଯିବାପାଇଁ ହେବ ରଣ ପ୍ରାଙ୍ଗଣେ ଯିବା ପାଇଁ ହେବ ବୀର
ମାରିବାକୁ ହେବ ଲକ୍ଷ ସଇନି ଫୋପାଡ଼ି ଲକ୍ଷ ତୀର ।

ତରୁଣୀ ବକ୍ଷଲାଗି ପ୍ରିୟତମ ଜନ୍ମନୁହଇଁ ତବ
ଜନ୍ମଭୂମିର ମଙ୍ଗଳ ଲାଗି ଜୀବନ ଦେବାକୁ ହେବ ।

ଶତେକ ସୈନ୍ୟ ସାଥେ ରଣ କରି ବିଜୟଲକ୍ଷ୍ମୀ ବରି
ଆସିବ ଯେ ଦିନ କୋଟି ଗଉରବେ ନେବି ମୁଁ ଆଦର କରି ।

ଆଗେ ବାଜୁଥିବ ସଂଗ୍ରାମ ବାଜା ପଛେ ଆସୁଥିବ ତମେ
ବିଜୟ କେତନ ହାତେ ଧରିଥିବ ଦେଖିବି ନୟନ କଣେ ।

ବନ୍ଦାଇ ନେବି କୁଟୀରେ ସୋହାଗେ ପଦ ବନ୍ଦନା କରି
ଚାଲ ପ୍ରିୟତମ ସମର କ୍ଷେତ୍ରେ ବକ୍ଷେ ଅନଳ ଭରି ॥

### ପ୍ରଶ୍ନାବଳୀ

(କ) କେଉଁଠିକି ଯିବା ପାଇଁ ହେବ ବୋଲି କବିତାରେ ଆହ୍ୱାନ ଦିଆଯାଇଛି ?

(ଖ) କେତେ ସଇନିକୁ କିପରି ମାରିବାକୁ ହେବ ବୋଲି ବର୍ଣ୍ଣିତ ?

(ଗ) ପ୍ରିୟତମର ଜନ୍ମ କେଉଁ ଉଦ୍ଦେଶ୍ୟରେ ବୋଲି ବର୍ଣ୍ଣିତ ?

(ଘ) ପ୍ରିୟତମକୁ କେଉଁଦିନ ବରଣ କରି ନେବ ବୋଲି ପ୍ରିୟା କହୁଛି ?

(ଙ) ଆଖିରେ କ'ଣ ଦେଖିବାର ଇଚ୍ଛାପୋଷଣ କରିଛି ?

### ଉତ୍ତର

(କ) ରଣପ୍ରାଙ୍ଗଣେ ଯିବାପାଇଁ ହେବ ବୋଲି ଆହ୍ୱାନ ଦିଆଯାଇଛି।

(ଖ) ଲକ୍ଷେ ସଇନିକୁ ଲକ୍ଷେ ତୀର ଫୋପାଡ଼ି ମାରିବାକୁ ହେବ ବୋଲି କୁହାଯାଇଛି।

(ଗ) ତରୁଣୀବକ୍ଷ ଲାଗି ପ୍ରିୟତମର ଜନ୍ମନୁହେଁ, ଜନ୍ମଭୂମିର ମଙ୍ଗଳ ଲାଗି ଜୀବନ ଦେବା ଉଦ୍ଦେଶ୍ୟରେ ତାଙ୍କର ଜନ୍ମ ବୋଲି ବର୍ଣ୍ଣିତ।

(ଘ) ପ୍ରିୟତମ ଫେରିଆସିବେ, ସେହିଦିନ କୋଟି ଗୌରବ ସହ ବରଣ କରିନେବ ବୋଲି ପ୍ରିୟା କହିଛି।

(ଙ) ଆଗରେ ସଂଗ୍ରାମ ବାଜା ବାଜୁଥିବ, ପଛରେ ବିଜୟ କେତନ ଧରି ପ୍ରିୟ ଆସୁଥିବାର ଦୃଶ୍ୟ ଦେଖିବାର ଇଚ୍ଛାପୋଷଣ କରାଯାଇଛି।

୩. ଜଗବନ୍ଧୁ ହୋ, କିଛି ମାଗୁନାହିଁ ତୋତେ,
ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।

ଆନଦରଶନ ନ ଲୋଡ଼େ ନୟନ ଏକା ତୁମ୍ଭ ଦେଖାବିନା
ଶୁଣିବାକୁ କାନ ନ ଇଛଇ ଆନ ତୁମ୍ଭ ଚରିତେ କାମନା।

ଜିହ୍ୱା ନ ବାଞ୍ଛଇ ଗ୍ରାମ୍ୟଗୀତ ଗାଇବାକୁ ରଜନୀ ଦିବସ
ତୁମ୍ଭ ନାମାବଳୀ କେବଳ ସଙ୍ଗାଳି ହୋଇଥାଉ ପୀତବାସ।

ନାସା ମୋର ତୃପ୍ତ ନ ଲଭଇ ଆନ ସୁବାସ ଦ୍ରବ୍ୟ ଆଘ୍ରାଣେ
ତବ ଛଡ଼ାମାଳ ତୁଳସୀ କୁସୁମ ଚନ୍ଦନ କର୍ପୂର ଧ୍ୟାନେ।

ମୋ ହସ୍ତ ଆଙ୍ଗୁଳି ରାମବନମାଳୀ ହରେକୃଷ୍ଣ, ଜପୁଥାଉ
ବୋଲେ ବନମାଳୀ ମୋ ବେନିଚରଣ ତୋ ତୀର୍ଥଭ୍ରମଣେ ଧାଉଁ॥

### ପ୍ରଶ୍ନାବଳୀ

(କ) ଜଗବନ୍ଧୁଙ୍କୁ କ'ଣ କ'ଣ ନ ମାଗି ଭକ୍ତଟିଏ କ'ଣ ମାଗୁଛି ?

(ଖ) କାନ କ'ଣ କରିବା ପାଇଁ କାମନା କରୁଛି ?

(ଗ) ଜିହ୍ୱାର କ'ଣ ବାଞ୍ଛା ଅଛି ବୋଲି ବର୍ଣ୍ଣିତ ?

(ଘ) କବିଙ୍କର କାହା ଉପରେ ଧ୍ୟାନ କେନ୍ଦ୍ରିତ ବୋଲି ଉଲ୍ଲିଖିତ ?

(ଙ) ସଂପୃକ୍ତ କବିତାର ରଚୟିତା କିଏ ?

### ଉତ୍ତର

(କ) ଜଗନ୍ନାଥଙ୍କୁ ଧନ କିମ୍ବା ଜନ ନ ମାଗି କେବଳ ଶରଧାବାଲିରୁ ହାତେ ମାଗୁଛି।

(ଖ) କେବଳ ତମରି (ଜଗନ୍ନାଥଙ୍କର) ଚରିତ ଶ୍ରବଣରେ କାମନା କରୁଛି।

(ଗ) ପୀତବାସଙ୍କର ନାମାବଳୀ ଜପ କରିବା ପାଇଁ ଜିହ୍ୱାର ବାଞ୍ଛା ଅଛି।

(ଘ) ଜଗବନ୍ଧୁଙ୍କର ଛଡ଼ାମାଳ, ତୁଳସୀ, କୁସୁମ, ଚନ୍ଦନ କର୍ପୂରରେ କବିଙ୍କର ଧ୍ୟାନ ବୋଲି ବର୍ଣ୍ଣିତ।

(ଙ) ବନମାଳୀ ସଂପୃକ୍ତ କବିତାର ରଚୟିତା ଅଟନ୍ତି।

୪. ସହସା ପ୍ରଥମ ଊର୍ମି ମହାକାଳ ନୀରେ
ଖେଳିଲା ଅନନ୍ତ ମହାମହେଶ-ଆଦେଶେ।
ସହସା ପ୍ରକାଶେ ଜ୍ୟୋତିଧାରା ତୋ ଶରୀରେ
ଶୁଭ୍ର ମନ୍ଦାକିନୀ ଯଥା ବ୍ୟୋମକେଶ କେଶେ॥

ସାକ୍ଷୀ ତୁହିରେ ଗଗନ, ସୃଷ୍ଟିପ୍ରକ୍ରିୟାର
ଦେଖିଲ କେମନ୍ତେ ଜ୍ୟୋତି ଭେଦି ତମୋରାଶି।
ପ୍ରକାଶିଲା କୋଟିକୋଟି ସୁନ୍ଦର ସଂସାର
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ତୋ ଦେହେ ବିନ୍ୟାସି॥

ପୃଥିବୀ ଜନମ ତୁହି ଦେଖିଲୁ ଗଗନ
ଜଳ-ସ୍ଥଳ-ଅଗ୍ନି-ବାୟୁ ସଂଗ୍ରାମ ଭୈରବ।
ଦେଖିଲୁ ହିମାଦ୍ରି ଆଦି ଗିରି ଉନ୍ନମନ
ଅଚଳ ଶିଖରୁ ନଦନଦୀର ଉଦ୍ଭବ॥

ପୁଷ୍ପର ପ୍ରଥମ ହାସ୍ୟ ତୋହରି ଗୋଚର
ପ୍ରଥମ ଜୀବର ସୃଷ୍ଟି ତୋର ସନ୍ନିଧାନେ।
ସୃଷ୍ଟି ଆଦି ନରନାରୀ ଅଗ୍ରତେ ତୋହର
ସର୍ବଦର୍ଶୀ ଅଟୁ ତୁହି ବିଧିର ବିଧାନେ॥

ଅତୀତର ଇତିହାସ କେ ଜାଣେ ତୋପରି
ସୁଖଦୁଃଖମୟ ଯେତେ ଘଟଣା ନିଚୟ।
ଘଟିଛି ଜଗତେ ସବୁ ବିଦିତ ତୋହରି
ତୋ ଅଗ୍ରତେ ରାଜ୍ୟନାଶ, ରାଜ୍ୟ ଅଭ୍ୟୁଦୟ॥

### ପ୍ରଶ୍ନାବଳୀ

(କ) ଅନନ୍ତ ମହାମହେଶଙ୍କ ଆଦେଶରେ ଅକସ୍ମାତ କ'ଣ ଘଟିଲା ?

(ଖ) ଜ୍ୟୋତିଧାରାର ପ୍ରକାଶର ସ୍ୱରୂପ କିପରି ଥିଲା ?

(ଗ) ଗଗନ କାହାର ଉଦ୍ଭବ ଦେଖିଲା ବୋଲି ବର୍ଣ୍ଣିତ ଅଛି ?

(ଘ) ଗଗନ ଆଗରେ ଆଉ କ'ଣ ଘଟିଥିଲା ବୋଲି ବର୍ଣ୍ଣିତ ?

(ଙ) ଇତିହାସର କ'ଣ ବୋଲି ଗଗନକୁ କାହିଁକି କୁହାଯାଇଛି ?

## ଉତ୍ତର

(କ) ମହାମହେଶଙ୍କ ଆଦେଶରେ ମହାକାଳର ଜଳରେ ଅକସ୍ମାତ ପ୍ରଥମ ଉର୍ମି ଖେଳି ଉଠିଲା ଓ ଶରୀରେ ଜ୍ୟୋତିଧାରା ପ୍ରକାଶିତ ହେଲା ।

(ଖ) ବ୍ୟୋମକେଶଙ୍କ କେଶରେ ଶୁଭ୍ରମନ୍ଦାକିନୀ ଧାରା ସଦୃଶ ଜ୍ୟୋତିଧାରାର ପ୍ରକାଶ ଘଟିଲା ।

(ଗ) ପୃଥିବୀର ଜନ୍ମ, ଜଳ, ସ୍ଥଳ, ଅଗ୍ନି, ବାୟୁ ସଂଗ୍ରାମର ଉଦ୍ଭବ ଗଗନ ଦେଖିଥିଲା ।

(ଘ) ପ୍ରଥମ ଜୀବର ସୃଷ୍ଟି ଏବଂ ଆଦି ନରନାରୀଙ୍କର ସୃଷ୍ଟି ଗଗନ ସମ୍ମୁଖରେ ଘଟିଥିଲା ।

(ଙ) ଜଗତରେ ଘଟୁଥିବା ସକଳ ଦୁଃଖସୁଖର ଘଟଣା ଓ ରାଜ୍ୟନାଶ ଏବଂ ରାଜ୍ୟ ଅଭ୍ୟୁଦୟ ଗଗନର ଜ୍ଞାତ ସାରରେ ଘଟିଛି ।

୫. ଶିଷ୍ୟନ୍ତ ଘେନି ମୁନି ପ୍ରବେଶ ଯମୁନାର କୂଳେ
ମଥା ଯୋଗାଣ ଘେନି ଅର୍ଜୁନ ସେ ବୃକ୍ଷଠାରେ ମିଳେ ।

ଦେଖିଲେ ବୃକ୍ଷରେ ପତ୍ର ଗୋଟିୟେକ ନାହିଁ
ଆଶ୍ରିଜ ଅର୍ଜୁନ ସେ ବୃକ୍ଷକୁ ପୁଣ ଚାହିଁ ।

ଦେଖିଲା ଦ୍ରୋଣଙ୍କର ପଡ଼ିଛି ପାଦଗତି
ଅର୍ଜୁନ ବୋଇଲେ ଗୁପତବିଦ୍ୟା ଶିଖାଇଲେ କୁରୁପତି ।

ସେହିମତି ଅର୍ଜୁନ ପାଦଗତି କଲା
ପାଞ୍ଚଗୋଟି ନାରାଜ ଭୂମିକି ମାଇଲା ।

ତହିଁର ଉପରେ ସ୍ନାହାନ ସଞ୍ଜା ଥୋଇ
ଅବଲୋକନ ଶର ବିନ୍ଧିଲାକ ତହିଁ ।

ବଂକ୍ଷିଗୋଟିମାନ ଯେ ପକାଇଲା ଛେଦି
ସ୍ନାହାନ ସଞ୍ଜାମାନ ଘେନି ସେ ଚଳଇ ମନଭେଦୀ ।

ଗୁରୁଙ୍କର ସନ୍ନିଧେ ନେଇ ସ୍ନାହାନ ସଞ୍ଜାଦିଲେ
ସୁଗନ୍ଧ ଚନ୍ଦନ ସେ ମଥାରେ ଲଗାଇଲେ ।

ଯମୁନା ନଦୀରେ ସେ ପଶିଲେ ଦ୍ରୋଣେଯାଇ
ସମସ୍ତ ଶିଷ୍ୟମାନେ ପଶିଲେ ଝସାଇ ।

## ପ୍ରଶ୍ନାବଳୀ

(କ) ମୁନିଶିଷ୍ୟମାନଙ୍କୁ ଘେନି କେଉଁଠାରେ ପ୍ରବେଶ କଲେ ?

(ଖ) ବୃକ୍ଷପାଖରେ ପହଞ୍ଚି ଅର୍ଜୁନ କ'ଣ ଦେଖିଲେ ।

(ଗ) ଦ୍ରୋଣଙ୍କର ପାଦଗତିକୁ ଦେଖି ଅର୍ଜୁନ କ'ଣ ଭାବିଲେ ?

(ଘ) ପାଦଗତିକୁ ଦେଖି ଅର୍ଜୁନ କ'ଣ କଲେ ?

(ଙ) ସ୍ନାହାନ ସଞ୍ଜା ରଖି ଅର୍ଜୁନ କ'ଣ କଲେ ?

## ଉତ୍ତର

(କ) ମୁନି ଶିଷ୍ୟମାନଙ୍କୁ ଧରି ଯମୁନା ନଦୀକୂଳରେ ପ୍ରବେଶ କଲେ ।

(ଖ) ବୃକ୍ଷ ପାଖରେ ପହଞ୍ଚି ବୃକ୍ଷରେ ଗୋଟିଏ ହେଲେ ପତ୍ର ନଥିବାର ଦେଖିଲେ ।

(ଗ) ଦ୍ରୋଣଙ୍କର ପାଦଗତିକୁ ଦେଖି ଅର୍ଜୁନ ଭାବିଲେ ଯେ, ଗୁରୁଦେବ କୁରୁପତିଙ୍କୁ କୌଣସି ଗୁପତ ବିଦ୍ୟା ଶିଖାଇଛନ୍ତି ।

(ଘ) ଅର୍ଜୁନ ଗୁରୁଙ୍କ ପରି ପାଦଗତି କରି ଭୂମିକୁ ପାଞ୍ଚଗୋଟି ଶରମାରି ତା' ଉପରେ ସ୍ନାହାନ ସଞ୍ଜା ରଖିଦେଲେ ।

(ଙ) ଅବଲୋକନ ଶର ପ୍ରୟୋଗ କରି ଅର୍ଜୁନ ବୃକ୍ଷ ସଂଲଗ୍ନ ବଂକ୍ଷିଗୁଡ଼ିକୁ କାଟି ପକାଇଲେ ।

୬. ତତ୍‌କ୍ଷଣେ କପୋତ କପୋତୀ । ଆସି ମିଳିଲେ ବୃକ୍ଷକତି ॥
ତୁଣ୍ଡେ ଆହାର ଦୃଢ଼େ ଧରି । ଲୋଡ଼ନ୍ତି ବୃକ୍ଷେ ଅନୁସରି ॥
ନ ଦେଖି ଚାହିଁ ଦଶଦିଗେ । ପୁଣି ଦେଖନ୍ତି ଭୂମିଭାଗେ ॥
ବନ୍ଧନଜାଲ ମଧ୍ୟେ ଦୃଢ଼େ । ବେନି ବାଳକ ଧଡ଼ପଡ଼େ ॥
ରଡ଼ନ୍ତି ପ୍ରାଣର ବିକଳେ । ନାଦ କରନ୍ତି କୋଳାହଳେ ॥
ଦେଖି କପୋତୀ ଦୃଢ଼ ଚିତ୍ତେ । ଭୂମିରେ ପଡ଼ି ମୋହଗତେ ॥
ବାଳକ ଦେଖି ବୃକ୍ଷତଳେ । କାନ୍ଦଇ ଜୀବନ ବିକଳେ ॥
ବାଳକ ସ୍ନେହଭର ଆଶେ । ଡେଇଁ ପଡ଼ିଲା ଜାଲପାଶେ ॥
ପୁତ୍ରଙ୍କ ମୁଖେ ମୁଖ ଦେଇ । ଦେଖି କପୋତ ବିଚାରଇ ॥
ମୁଁ ଏକା ଏକା ବୃକ୍ଷେ ଥାଇ । କେମନ୍ତେ ଧରିବିଟି ଦେହୀ ॥
ଏମନ୍ତେ କରଇ ରୋଦନ । କ୍ଷଣ କ୍ଷଣକେ ଅଚେତନ ॥
ପଡ଼ଇ ପୁଣ ପୁଣ ତଳେ । ବସଇ ପୁଣି ବୃକ୍ଷଡ଼ାଳେ ॥
ପ୍ରାଣୁ ଅଧିକ ମୋର ସୁତେ । ପଡ଼ିଲେ ଶବର ଆୟତ୍ତେ ॥
ପତ୍ନୀ ପଡ଼ିଲା ଜାଲ ମଧ୍ୟେ । ପ୍ରାଣ ଧରିବି କେଉଁ ସାଧେ ॥

## ପ୍ରଶ୍ନାବଳୀ

(କ) ବୃକ୍ଷପାଖରେ କେଉଁମାନେ କିପରି ପହଞ୍ଚିଲେ ?

(ଖ) କପୋତ କପୋତୀ ଭୂମି ଉପରେ କ'ଣ ଦେଖିଲେ ?

(ଗ) ବେନି ବାଳକଙ୍କର ଦଶା ଦେଖି କପୋତୀର କ'ଣ ହେଲା ?

(ଘ) ବାଳକଙ୍କ ସ୍ନେହ ବଶ ହୋଇ କପୋତୀ କ'ଣ କଲା ?

(ଙ) ପତ୍ନୀ ଓ ବାଳକଙ୍କ ଦଶାଦେଖି କପୋତ କ'ଣ ଭାବିଲା ?

୭. ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦ ତାହାର ଅଧିକ ଚତୁରୀ ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛବିକୁ ଦେଖେ ॥
ସେଇ ପଥେ ଫେରେ ଗ୍ରାମବଧୂ ସାରି ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ ଡାକିବାକୁ ପ୍ରାଣଲୋଡ଼େ
ପୃଥିବୀର ସମ ସହନଶୀଳା ସେ ଅସୀମ କରୁଣାବତୀ
ନୟନେ ଶତେକ ଯୁଗର ବେଦନା ଲେଖା।
ଏପଥେ ଗ୍ରାମର ତରୁଣ ବିଦେଶ ଯାଏ
ଲେଉଟା ପଥକୁ ନୂତନ ଘରଣୀ ଆକୁଳେ ଅନାଇ ଥାଏ
କି ବାରତା ତା'ରେ ଆଣେ କିଏ ଜାଣେ
ଆଧାର ଲୋଭୀ ଏ କାକ
ଏ ଗ୍ରାମ ଦେବତୀ ସେ କଥା ବୁଝେ କି ହାୟ !

## ପ୍ରଶ୍ନାବଳୀ

(କ) ପୋଖରୀ ତୁଠରେ ଭୁଆସୁଣୀ କ'ଣ କରୁଥାଏ ?
(ଖ) ନଣନ୍ଦଟିଏର ବର୍ଣ୍ଣନା ଏଠାରେ କିପରି ହୋଇଛି ?
(ଗ) ସ୍ନାନସାରି ଗ୍ରାମବଧୂର ଫେରିବାକୁ କିପରି ବର୍ଣ୍ଣନା କରାଯାଇଛି ?
(ଘ) ଗ୍ରାମବଧୂକୁ ମାଆ ବୋଲି ଡାକିବାକୁ କାହିଁକି ପ୍ରାଣ ଲୋଡ଼େ ?
(ଙ) ନୂତନ ଘରଣୀ ସମ୍ପର୍କରେ କ'ଣ କୁହାଯାଇଛି ?

୮. ଯେ ସୁରନର ନାଗଭାଷା । ବିବିଧ ବାକ୍ୟ ଉପଦେଶା ॥
କୃଷ୍ଣମହିମା ଯହିଁ ଶୁଣି । ସେ ସର୍ବ ବାକ୍ୟରେ ମୂର୍ଦ୍ଧନି ॥
ଯେବେ ନ ଥାଇ କୃଷ୍ଣରସ । ସେ ସଂସକୃତେ କାର୍ଯ୍ୟ କିସ ॥
ପାଟବସନେ ଗୁଞ୍ଜାଫଳ । ଥିଲେ ନୋହଇ ମହୁମୂଲ୍ୟ ॥
ଚିରାକନାରେ ମଣିବର । ଥିଲେ ନ ତୁଟେ ମୂଲ ତା'ର ॥
ସୁର-ଭାଖା ହିଁ ରସମୟେ । ସେ ନାରିକେଳ ଫଳ ପ୍ରାୟେ ॥
କ୍ଲେଶ ହୋଅଇ ରସଭୋଗ । ସବୁଙ୍କୁ ନୋହେ ଉପଯୋଗ ॥
ଭାଷା ସୁପକ୍ୱରମ୍ଭା ପ୍ରାୟ । କୋମଳ ସ୍ୱାଦୁ ରସମୟ ॥
ଅକ୍ଳେଶେ କରି ତାକୁ ଭୋଗ । ସବୁ ଜୀବନେ ଉପଯୋଗ ॥
କି ପରାକୃତ ସଂସକୃତ । ସେ ଭାବଗ୍ରାହୀ ନନ୍ଦସୁତ ॥
ଗାଳି ଶୁଣଇ ଗୋପୀମୁଖେ । ବେଦ ନ ଶୁଣେ ତେତେ ସୁଖେ ॥
ଏ ଭାବ ମନରେ ବିଚାରି । ଭାଷାକୁ ଅବଜ୍ଞା ନ କରି ॥

## ପ୍ରଶ୍ନାବଳୀ

(କ) କେଉଁ ବାକ୍ୟକୁ (ମୂର୍ଦ୍ଧନି) ଶ୍ରେଷ୍ଠ ବାକ୍ୟ ବୋଲି କୁହାଯାଇଛି ?
(ଖ) କୃଷ୍ଣ ନାମ ବିନା ସଂସ୍କୃତ ଭାଷାକୁ କାହା ସହିତ ତୁଳନା କରାଯାଇଛି ?
(ଗ) ସୁର-ଭାଖା (ଭାଷା)କୁ ନାରିକେଳ ପରି କାହିଁକି କୁହାଯାଇଛି ?
(ଘ) କେଉଁ ଭାଷା ସବୁ ଜୀବନରେ ଉପଯୋଗ ହୁଏ ?
(ଙ) କେଉଁ ଭାବକୁ ମନରେ ବିଚାର କରି ଭାଷାକୁ ଅବଜ୍ଞା ନ କରିବା ଉଚିତ ବୋଲି ବର୍ଣ୍ଣିତ ?

୯. ବିନୟ ସୂଚଇ ମହତ୍, ପ୍ରଭାତ ସୂଚେ ସୂର୍ଯ୍ୟ ଆଗମନ
ବସନ୍ତ ସମୟ ସୂଚକ କୋମଳ ମଧୁର କୋକିଳ ସ୍ୱନ।
ନୀଚପ୍ରଶଂସାରୁ ମହତ ଭର୍ତ୍ସନା ଶତଗୁଣେ ଶ୍ରେୟସ୍କର
କୁକ୍‌କୁଟ ମୁକୁଟେ କି କାର୍ଯ୍ୟ ମୟୂର ପୁଚ୍ଛରେ ସିନା ଆଦର।
ଇହକାଳୁ ପରକାଳରେ ଅଧିକ ଯତଃଖ୍ୟାତି ମହତର
ନଷ୍ଟକୁସୁମର ବାସ ହୋଇଥାଏ ଅଚିରେ ଅଧିକତର।
ସାହସ କଳ୍ପ ତରୁ ଜାତକରେ ମହତ ହୃଦୟ ସ୍ୱର୍ଗ
ସେ ପାଦପେ ଫଳେ ସୁଧାମୟ ଫଳ ଭୁଞ୍ଜନ୍ତି ମାନବ ବର୍ଗ।
ଧନ୍ୟ ସାହସକୁ ମରଣଭୟକୁ ସାହସ କରିଛି ଜୟ
ଏକା ସାହସର ଭୃତ୍ୟ ଭାବେ ଥା'ନ୍ତି ରାଜଶ୍ରୀ ସମ୍ପଦଚୟ।
ଅସାଧ୍ୟ ସାଧଇ ଅଲଭ୍ୟ ଲଭଇ ମାନବ କରି ସାହସ
ସାହସ ପ୍ରସାଦେ ଆବିଷ୍କାର କଲେ ଆମେରିକା କଲମ୍ବସ।
ଅନନ୍ତ ମାର୍ଗରେ ବିଚରଇ ନର ସାହସର କର ଧରି
ଦୁଃଖ ରତ୍ନାକରୁ ସୁଖ ମହାରତ୍ନ ସାହସ ପାରେ ଉଦ୍ଧରି।

## ପ୍ରଶ୍ନାବଳୀ

(କ) ପ୍ରଭାତ କାହାର ସୂଚନା ଦେଇଥାଏ ?
(ଖ) ବସନ୍ତ ସମୟକୁ କି, ସୂଚନା ଦିଏ ?
(ଗ) କାହାକୁ ଅଧିକ ଶ୍ରେୟସ୍କର ବୋଲି ଦର୍ଶାଯାଇଛି ?
(ଘ) ସାହସକୁ କାହିଁକି ଧନ୍ୟ ବୋଲି କହିବା ?
(ଙ) ସାହସ କ'ଣ ଉଦ୍ଧାର କରିପାରେ ବୋଲି ବର୍ଣ୍ଣିତ ?

୧୦. ଦେବୀ ବୀଣାପାଣି ଶାଶ୍ୱତ ସେବକ । କବି ରାଧାନାଥ ସୁଷମା ଗ୍ରାହକ ॥
ଭ୍ରମି ବହୁ ସ୍ଥାନ ବିଶାଳ ଭାରତେ । ନଦନଦୀ ମରୁ କାନନ ପର୍ବତେ ॥
ଦେଖିଲେ ପ୍ରକୃତି ବିବିଧ ପ୍ରକାଶ । କିନ୍ତୁ ଶୋଭାଲବ୍ଧ ଶୁଦ୍ଧ ଅଭିଲାଷ ॥
ସୁଖ-ଶାନ୍ତି-ପ୍ରୀତି ନାହିଁ ଏକାଧାରେ । ନ ପାଇଲେ ଯଥା ମିଳେ ତୋହଠାରେ ॥
ଉତ୍କଳର ତୁହି ସୌନ୍ଦର୍ଯ୍ୟର ଖଣି । ସାରସ୍ୱତ ନେତ୍ରେ ବାଛି ତହୁଁ ମଣି ॥
ସୁଦକ୍ଷ ବିନ୍ଧାଣି ରଚି ଯେଉଁ ହାର । ଅର୍ପିଲେ ଉତ୍କଳ ଭାରତୀ ଗଳାର ॥
ଚିରଦିନ ତାହା ରାଜିବରୁଚିର । ତା' ଦେଖି ଭାବୁକେ ଲୋଡ଼ିବେ ତୋ ତୀର ॥
ମୁଁ ଅଧମ ମୋର ଭାବୁକତା ନାହିଁ । ତଥାପି ଏ ପ୍ରାଣ କେ ଜାଣେ କି ପାଇଁ ॥
ନିରନ୍ତର ଲୋଡ଼େ ସୌନ୍ଦର୍ଯ୍ୟ ବ୍ୟାକୁଳେ । ତେଣୁ ଭାବିଥିଲି ଆସି ତୋ'ର କୂଳେ ॥
ଦେଖିବି ତୋ ଶୋଭା ଦିନେ ନିକାଞ୍ଚନେ । କର୍ମ ବନ୍ଧେ ଥିଲା ମନ କଥା ମନେ ॥

**ପ୍ରଶ୍ନାବଳୀ**

(କ) କବି ରାଧାନାଥଙ୍କୁ କିପରି ବର୍ଣ୍ଣନା କରାଯାଇଛି ?

(ଖ) କେଉଁଠି କେଉଁଠି ରାଧାନାଥ ପ୍ରକୃତିର ବିବିଧ ପ୍ରକାଶ ଦେଖିଥିଲେ ?

(ଗ) ଚିଲିକା (ତୋହ) ଠାରେ ଏକାଧାରରେ କ'ଣ ମିଳିଥାଏ ?

(ଘ) କ'ଣ ଦେଖି ଭାବୁକ ମାନେ ତୋ'ର ତୀର ଖୋଜିହେବେ ?

(ଙ) ଚିଲିକା ତୀରକୁ କବି କାହିଁକି ଆସିବେ ବୋଲି କହିଛନ୍ତି ?

# ସମ୍ବାଦ ଲିଖନ

- ସବୁ ଘଟଣା ସମ୍ବାଦ ହୋଇ ପାରେନାହିଁ।
- ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଥିବ।
- ସମାଜରେ ଏହାର ପ୍ରାସଙ୍ଗିକତା ଥିବ।
- ସମ୍ବାଦ କେବେ ବିଜ୍ଞାପନ ହୁଏନାହିଁ।
- ଘଟଣାବଳୀର ସଜ୍ଜୀକରଣ ମଧ୍ୟ ନୁହେଁ।
- ସତ୍ୟ ଓ ନିର୍ଭୁଲ ହେବା ଉଚିତ।
- ପ୍ରାମାଣିକ ସତ୍ୟ ଉପରେ ଆଧାରିତ ହେବା ବାଞ୍ଛନୀୟ।
- ଘଟଣା ଘଟିବାର ସ୍ଥାନ, ସମୟ ଓ କାରଣ ପ୍ରଦର୍ଶିତ ହେବା କଥା।
- ସେଥିପାଇଁ ନିଷ୍ପାପର ଏବଂ ନିରପେକ୍ଷ ଅନୁସନ୍ଧାନ ଆବଶ୍ୟକ।
- ସଂକ୍ଷିପ୍ତ ହେବା ଉଚିତ।
- ସରଳ ବାକ୍ୟରେ ପ୍ରକାଶିତ ହେବା କଥା।
- ଭାଷା ସରଳ, ବୋଧଗମ୍ୟ ହେବା ଉଚିତ।
- ଅସମ୍ପୂର୍ଣ୍ଣ ଓ ଭିତ୍ତିହୀନ ସମ୍ବାଦ ବର୍ଜ୍ଜନୀୟ।
- ସମ୍ବାଦର ପୂର୍ବାପର ସମ୍ପର୍କ ଓ ପ୍ରଭାବ ସୂଚିତ ହେବା କଥା।
- ଯୁକ୍ତି ଓ ବିବରଣୀ ମଧ୍ୟରେ ସାମଞ୍ଜସ୍ୟ ରହିବ।

## ସମ୍ବାଦ ପ୍ରସ୍ତୁତିର ବିଧି

**ଶୀର୍ଷକ : (ଶିରୋନାମା)**

- ଆକର୍ଷକ
- ଚମତ୍କାରୀ
- ସମୁଦାୟ ଘଟଣାର ସଂକ୍ଷିପ୍ତ ସାର ଏଥିରେ ସୂଚିତ ହେବା ଆବଶ୍ୟକ।

**ସୂଚନା :**

- ପ୍ରକାଶଯୋଗ୍ୟ ସମ୍ବାଦର ସାରାଂଶକୁ ଗୋଟିଏ ବାକ୍ୟରେ ସୂଚନା ଆକାରରେ ପ୍ରକାଶ କରିବାକୁ ହୋଇଥାଏ।
- ସମ୍ବାଦ ପାଠ ପାଇଁ ପାଠକର ଉତ୍କଣ୍ଠା ଜାଗ୍ରତ କରିବା ଯୋଗ୍ୟ।
- ସୂଚନା ପ୍ରଦତ୍ତ ହେବ।
- ମୂଳ ଘଟଣାର ଏହା ପରିଚୟ ହେବ।

**ବିବରଣୀ :**

- ସମ୍ବାଦର ବିସ୍ତୃତ, ସଂକ୍ଷିପ୍ତ ବିବରଣୀ ଏଥିରେ ପ୍ରଦତ୍ତ ହେବ।
- ଉପଯୁକ୍ତ ପ୍ରମାଣ ଓ ଯୁକ୍ତି ମାଧ୍ୟମରେ ଏହା ବର୍ଣ୍ଣିତ ହେବ।

**ସମାପ୍ତି :**

- ପୂର୍ବ ଘଟଣା ଓ ଭବିଷ୍ୟତରେ ଏହାର ସାମାଜିକ ପ୍ରଭାବ ସମ୍ପର୍କରେ ଏଥିରେ ସୂଚିତ ହେବ।

୦ ପ୍ରତ୍ୟେକ ସମ୍ବାଦ ନିମ୍ନ ***୬ଟି* 'କ'**ର ଉତ୍ତର ଦେଇ ପାରୁଥିଲେ ତାହା ସମ୍ପୂର୍ଣ୍ଣ ବୋଲି ବିବେଚିତ ହୋଇଥାଏ।

ସେଗୁଡ଼ିକ ହେଲା : **କିଏ; କ'ଣ, କିପରି; କେତେବେଳେ; କେଉଁଠାରେ ଓ କାହିଁକି।**

## ସମ୍ବାଦର ବିଭାଗୀକରଣ

- ଆନ୍ତର୍ଜାତିକ
- ଆନ୍ତଃରାଜ୍ୟ ସମ୍ବନ୍ଧିତ
- ଦେଶୀୟ
- ରାଜ୍ୟ ସମ୍ପର୍କିତ
- ଅଞ୍ଚଳ ସମ୍ପର୍କିତ
- ରାଜନୈତିକ
- ସାମାଜିକ ସମସ୍ୟାମୂଳକ - ମୂଲ୍ୟବୋଧମୂଳକ
- ଅପରାଧମୂଳକ
- ଦୁର୍ଘଟଣା ସମ୍ପର୍କିତ
- କୋର୍ଟ କଚେରୀ ବା ଆଇନ ସମ୍ପର୍କିତ ସମ୍ବାଦ
- ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସାକ୍ଷାତକାର
- ମାନବିକତାମୂଳକ
  (ସାମାଜିକ ବ୍ୟକ୍ତିମାନଙ୍କର ଜୀବିକା ଓ ଜୀବନମୂଳକ)
- ସାମାଜିକ ଅନୁଷ୍ଠାନ ସମ୍ପର୍କୀୟ - ସଭା ସମ୍ମିଳନୀ, ପୁସ୍ତକ ଉନ୍ମୋଚନ
- ପର୍ବପର୍ବାଣୀ ପାଳନ ସମ୍ପର୍କୀୟ
- ଜନଗଣନା

- ସରକାରୀ ଯୋଜନା – ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ ଇତ୍ୟାଦି
- ଧର୍ମସଭା
- ସାଂସ୍କୃତିକ ଅନୁଷ୍ଠାନ ସମ୍ପର୍କୀୟ
- ନିର୍ବାଚନ (ସାଧାରଣ ନିର୍ବାଚନ, ଆନୁଷ୍ଠାନିକ ନିର୍ବାଚନ)

୦ ଏ ସବୁ ପ୍ରକାର ସମ୍ବାଦ ପ୍ରସ୍ତୁତ କାଳରେ ଯେ କୌଣସି ସମ୍ବାଦପତ୍ରର ସମ୍ପାଦକଙ୍କ ଉଦ୍ଦେଶ୍ୟରେ ଏକ ଅଗ୍ରଲେଖ ପ୍ରସ୍ତୁତ ହେବ। ଏଥିରେ ଅନ୍ୟାନ୍ୟ ଦରଖାସ୍ତ ଲିଖନର ଆଙ୍ଗିକର ସ୍ୱରୂପ ଅନୁସୃତ ହେବ। ସମ୍ବୋଧନ, ଅନୁରୋଧ, ଉପସଂହାର ପରେ ବାମପଟରେ ସ୍ଥାନ ଓ ତାରିଖ ଓ ଶେଷରେ ପ୍ରେରକ ଓ ପ୍ରାପକଙ୍କ ଠିକଣା ରହିବ।

୦ ସାଧାରଣ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବାଦ ଓ ଏହାର ପ୍ରକାଶ ନିମିତ୍ତ ସମ୍ବାଦପତ୍ରର ସମ୍ପାଦକଙ୍କ ପାଖକୁ ଅଗ୍ରଲେଖ ସମ୍ବଳିତ ଏକ ପତ୍ର ପ୍ରସ୍ତୁତି ଆବଶ୍ୟକ।

୦ ସମ୍ବାଦପତ୍ରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଏହାର ଆବଶ୍ୟକତା ନ ଥାଏ।

**ପରୀକ୍ଷାରେ ଦୁଇଟି ପ୍ରଶ୍ନ ପଡ଼ିବ। ଗୋଟିକର ଉତ୍ତର ଦେବାକୁ ହେବ। ୧୫୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରସ୍ତୁତ ହେବ। ଉତ୍ତରଟି ୫ ନମ୍ବରରୁ ମୂଲ୍ୟାୟନ କରାଯିବ।**

### କେତେକ ନମୂନା

୧. ଅଗ୍ରଲେଖ

ସମ୍ପାଦକ

ସମ୍ବାଦ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର

ମହାଶୟ,

ଆମେ ଏ ସମ୍ବାଦଟି ଆପଣଙ୍କ ବହୁଳ ପ୍ରସାରିତ ଖବରକାଗଜରେ ପ୍ରକାଶନ ନିମନ୍ତେ ପଠାଉଛୁ। ଏହାର ଗୁରୁତ୍ୱ ଦୃଷ୍ଟିରୁ ଆପଣଙ୍କ ଖବରକାଗଜରେ ସ୍ଥାନିତ କରିବାକୁ ଅନୁରୋଧ।

ଆପଣଙ୍କର

ମୁରଲୀଧର ଗନ୍ତାୟତ

ଶୀର୍ଷକ / ଶିରୋନାମା : ବିପତ୍ତି ବେଳେ ବାହାଘର ମଉଜ ମହଙ୍ଗା ପଡ଼ିଲା

ସୂଚନା – କୋଭିଡ଼୍ ନିୟମକୁ ଅମାନ୍ୟ କରି ଜାକଜମକରେ ବାହାଘରର ଆୟୋଜନ କରିଥିବା ବର, ବରପିତାଙ୍କ ସମେତ ପାଞ୍ଚଜଣ ଗିରଫ।

ବିବରଣୀ :

ଗୋପାଳପୁର / ତା. ୪/୭/୨୦୨୦ – କରୋନା ମହାମାରୀକୁ ନେଇ ସାରା ବିଶ୍ୱ ଭୀତକାତର ଥିବାବେଳେ ପୁଅ ବାହାଘରକୁ ଜାକଜମକରେ ପାଳନ କରି ବ୍ରହ୍ମପୁର ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହରଡ଼ଘଣାରେ ପଡ଼ିଛନ୍ତି। କୋଭିଡ଼୍ ନିୟମ ଓ ସାମାଜିକ ଦୂରତା ନିୟମ ଉଲଂଘନ ଅଭିଯୋଗରେ ପୋଲିସ୍ ବର, ବରପିତା ସମେତ ୫ ଜଣଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ ଏଇମାସ ଦୁଇ ତାରିଖ ରାତି ଆଠଟା ବେଳେ ଗୋପାଳପୁରସ୍ଥିତ ହୋଟେଲ୍ ସିଟି କ୍ଲବ୍‌ରେ କୃଷ୍ଣଚନ୍ଦ୍ରଙ୍କ ପୁଅ ଦୀପକର ବାହାଘର ଅନୁଷ୍ଠିତ ହୋଇଥିଲା। ସମସ୍ତ କଟକଣା ସତ୍ତ୍ୱେ ଭୋଜି, ନାଚଗୀତ, ବର ଶୋଭାଯାତ୍ରା, ରୋଷଣି ଇତ୍ୟାଦିର ଆୟୋଜନ କରାଯାଇଥିଲା। ଏ ବାହାଘର ପାଇଁ ପୋଲିସର ଅନୁମତି ନିଆଯାଇଥିଲେ ମଧ୍ୟ – ନିର୍ଦ୍ଦିଷ୍ଟ ଆଇନ ଆଦୌ ପାଳନ କରାଯାଇନଥିଲା। ତେଣୁ ସାଧାରଣ ଲୋକଙ୍କ ଠାରୁ ଖବର ପାଇ ପୋଲିସ୍ ଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ବିଶ୍ୱରେ, ଭାରତରେ, ଓଡ଼ିଶାରେ ଏବଂ ବିଶେଷ କରି ଗଞ୍ଜାମ ବ୍ରହ୍ମପୁରରେ କରୋନା ମହାମାରୀର ପ୍ରକୋପ ବଢୁଥିବା ବେଳେ ଶିକ୍ଷିତ, ସଚେତନ ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ନିୟମ କାନୁନକୁ ଏପରି ଉପହାସ, ଆଇନ ଓ ସାମାଜିକ ବିଧିବ୍ୟବସ୍ଥା ପ୍ରତି ଏପରି ଦୃଷ୍ଟିଭଙ୍ଗୀ ହିତକାରକ ମନେ ହୁଏନାହିଁ।

୨. ଜଳାଭାବ : ଚାଷୀ ଚିନ୍ତାରେ – ଶିରୋନାମା :

ସୂଚନା : ବର୍ଷାଭାବ ଯୋଗୁଁ ଚାଷକାର୍ଯ୍ୟ ବ୍ୟାହତ ହେତୁ ଚାଷୀକୂଳ ଚିନ୍ତାରେ

ବିବରଣୀ :

ନିଶ୍ଚିନ୍ତକୋଇଲି, ୭/୭/୨୦୨୦

ଆଷାଢ଼ ମାସ ସରିଲାଣି, ଶ୍ରାବଣ ମାସକୁ ଧାରା ଶ୍ରାବଣ କୁହାଯାଏ। ହେଲେ ଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ନିଶ୍ଚିତକୋଇଲି ଅଞ୍ଚଳରେ ଯେତିକି ବର୍ଷା ହୋଇଛି, ସେତିକିରେ ମାଟି ଓଦା ହୋଇନାହିଁ। କେନାଲରେ ପାଣି ମଧ୍ୟ ଆସିବାର ନାହିଁ। ତେଣୁ ଏ ଅଞ୍ଚଳରେ ଜଳାଭାବ ଯୋଗୁଁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ଯାଏ ତଳିରୁଆ ହୋଇ ପାରିନାହିଁ ଅପର ପକ୍ଷରେ ପ୍ରଚଣ୍ଡ ଖରା ଫଳରେ ପାଣିଥିବା ଜମି ମଧ୍ୟ କ୍ରମଶଃ ଶୁଖିଶୁଖି ଯାଉଛି। ଏ ଅଞ୍ଚଳର ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ରୂପରେ ଉଠାଜଳ ଉପରେ ନିର୍ଭରଶୀଳ, ଦୀର୍ଘ କେତେମାସ ଧରି ବର୍ଷା ହୋଇନାହିଁ। ତେଣୁ ଚାଷକାର୍ଯ୍ୟ ବନ୍ଦ ଓ ଚାଷୀକୂଳ ହତାଶ ହୋଇ ବସିଛନ୍ତି।

ଯଦି ଏ ଅଞ୍ଚଳରେ ଥିବା ଜଳସଚେନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ପାରନ୍ତା ତେବେ ସାମୟିକ ଭାବେ ଚାଷୀ ଆଶ୍ୱସ୍ତ ହୋଇପାରେନ୍ତ ବୋଲି ବିଶ୍ୱାସ।

ଏହାସହ ଏକ ଅଗ୍ରଲେଖ ସଂଯୁକ୍ତ ହୋଇ ପ୍ରେରଣ କରାଯିବ ଏହିପରି :

- ପଞ୍ଚାୟତ ତରଫରୁ ଗ୍ରାମ ବିଶୋଧନ
- ଭୋକର ଜ୍ୱାଳା : ମା'-ପୁଅଙ୍କର ଆତ୍ମହତ୍ୟା ଉଦ୍ୟମ
- ଶିକ୍ଷା ବକାଶ ପାଇଁ ଯୁବପୀଢ଼ିଙ୍କ ଅଣ୍ଟାଭିଡ଼ା
- ବ୍ୟାଙ୍କ ମ୍ୟାନେଜରଙ୍କ ଘରୁ ଚୋରୀ
- ମହଙ୍ଗା ପଡ଼ିଲା ଖଟି
- ଚାକିରୀ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଅସଦାଚରଣ
- ଦୂଷିତ ପୁଷ୍କରିଣୀରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ
- କୋଭିଡ଼ ବୀରଙ୍କୁ ଅଭିନନ୍ଦନ
- ଯୁବ କବିଙ୍କୁ ପୁରସ୍କାର
- ଯୁବ ପ୍ରତିଭା ସମ୍ମାନ
- ଅଧ୍ୟାପକ ଶୂନ : ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
- ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା
- ପ୍ରବାସୀ ଫେରନ୍ତାଙ୍କ ତୁମୁଳ କାଣ୍ଡ
- ଗୋଷ୍ଠୀ ସଂକ୍ରମଣ ଆଶଙ୍କା
- ଗୋଷ୍ଠୀ ଉନ୍ନୟନ କେନ୍ଦ୍ରରେ ନିଃଶୁଳ୍କ ଯୋଗଶିକ୍ଷା
- ଯୁବକ ସଂଘ ତରଫରୁ ରକ୍ତଦାନ ଶିବିର ଆୟୋଜନ
- ଯୁବଗୋଷ୍ଠୀର କରୋନା ସଚେତନତା କାର୍ଯ୍ୟକ୍ରମ
- ହରିଶ୍ଚନ୍ଦ୍ର ଯୋଜନାରେ ଜାଲିଆତି
- ପୁସ୍ତକମେଳାରେ ବ୍ୟବସାୟ ମାନ୍ଦା
- ମଧ୍ୟବିତ୍ତଙ୍କ ଉପରେ କରୋନା ପ୍ରହାର ଇତ୍ୟାଦିକୁ ନେଇ କରାଯାଇପାରେ।

# ପ୍ରବନ୍ଧ

**ପ୍ରଶ୍ନପତ୍ରରେ ତିନିଗୋଟି ପ୍ରବନ୍ଧ ଉଲ୍ଲେଖ ଥିବ । ଗୋଟିଏ ବଷୟ ଉପରେ ପ୍ରବନ୍ଧ ଲେଖିବାକୁ ହେବ । ୧୫୦ ଶବ୍ଦ ବ୍ୟବହାର କରିବାକୁ ହେବ । ୫ ନମ୍ବରରୁ ଏହାର ମୂଲ୍ୟାଙ୍କନ କରିବାକୁ ହେବ ।**

**ସମୟ ସୀମିତ**

- ବ୍ୟବହୃତ ହେବାକୁ ଥିବା ଶବ୍ଦ ସଂଖ୍ୟା ସୀମିତ ।
- ତେଣୁ ପ୍ରବନ୍ଧ ରଚନାର ବିଧି ଅନୁସରଣ କରି ଏହାର ପ୍ରସ୍ତୁତି ଆବଶ୍ୟକ ।

**ବିଧି ହେଉଛି**

- ବିଷୟବସ୍ତୁର ଉପସ୍ଥାପନା
- ବିଷୟ ବର୍ଣ୍ଣନା
- ଉପସଂହାର କ୍ରମାନ୍ୱୟରେ ହିଁ ସଜ୍ଜିତ ହୋଇଥିବ

**ଆବଶ୍ୟକ**

- ଉପକ୍ରମ ବା ଉପସ୍ଥାପନାରେ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ରହିବ ।
- ବିବେଚନା ବା ବିଷୟବର୍ଣ୍ଣନା କ୍ରମରେ ଶଂସିତ ବିଷୟର ରୂପରେଖ, ଆବଶ୍ୟକତା, ଉପଯୋଗିତା, ଗୁଣ, ଅବିଗୁଣ - ଏ ସବୁର ଯୁକ୍ତି ଓ ପ୍ରମାଣ ଭିତ୍ତିକ ବର୍ଣ୍ଣନା ରହିବ ।
- ଉପସଂହାରରେ ସମୁଦାୟ ବିଷୟର ସାରାଂଶ ହିଁ ପ୍ରଦତ୍ତ ହେବ ।
- କ୍ରମାନ୍ୱୟରେ ସଜ୍ଜିତ ଏହି ତିନୋଟି ସ୍ତର ମଧ୍ୟରେ ସମନ୍ୱୟ ରହିବ ।
- ଭାଷା ସରଳ ।
- ଯୁକ୍ତି ପ୍ରମାଣସିଦ୍ଧ ଓ ଗ୍ରହଣଯୋଗ୍ୟ ହେବ ।
- କୌଣସି ଯୁକ୍ତି ବା ପ୍ରମାଣର ପୁନରାବୃତ୍ତି ହେବା ଅନୁଚିତ ।

**ବିଷୟବସ୍ତୁ ଆଧାରରେ ପ୍ରବନ୍ଧକୁ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇପାରେ ।**

(କ) ବିବରଣାତ୍ମକ

(ଖ) ବର୍ଣ୍ଣନାତ୍ମକ

(ଗ) ସମାଲୋଚନାତ୍ମକ

(ଘ) ତଥ୍ୟମୂଳକ

(ଙ) ଚିନ୍ତାମୂଳକ

(ଚ) ମୁକ୍ତିମୂଳକ

(ଛ) ଜୀବନୀମୂଳକ

(ଜ) ସାହିତ୍ୟ ତତ୍ତ୍ୱମୂଳକ

(ଝ) ଐତିହାସିକ

(ଞ) ବୈଜ୍ଞାନିକ

(ଟ) ଆବେଗ ପ୍ରଧାନ

(ଠ) ରମ୍ୟରଚନାଧର୍ମୀ

(ଡ) ସାମାଜିକ ସମସ୍ୟାମୂଳକ

(ଢ) ରଚିମୂଳକ ଇତ୍ୟାଦି

## ପ୍ରବନ୍ଧ ରଚନାର କେତୋଟି ନମୂନା

### ୧. କରୋନା ମହାମାରୀ

**ଉପକ୍ରମ :**

- ମହାମାରୀ କ'ଣ ?
- କରୋନା ମହାମାରୀ କ'ଣ ?

**ବିଷୟବସ୍ତୁ :**

- ଏହାର ସ୍ୱରୂପ କ'ଣ
- ଏହାର ଲକ୍ଷଣ କ'ଣ
- ସୃଷ୍ଟି ହେବାର ସମ୍ଭାବିତ କାରଣ
- କିପରି ବ୍ୟାପିଥାଏ
- ମହାମାରୀର ଆକ୍ରାନ୍ତ କିପରି ହୁଅନ୍ତି
- ଭୟାଭୟତା
- ସମ୍ଭାବ୍ୟ ଉପଚାର
- ଉପଚାରର ପଦକ୍ଷେପ
- ସରକାରୀ ପ୍ରୟାସ
- ପ୍ରତିଷେଧକ ଔଷଧ ବା ଟୀକା

**ଉପସଂହାର :** ମାନବ ସମାଜର ଏହି ହାନୀକାରକ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବାର ପ୍ରୟାସର ଆବଶ୍ୟକତା ଓ ଗୁରୁତ୍ୱ ।

୨. **ସ୍ୱଦେଶୀ ଚେତନା**

**ଉପକ୍ରମ :**

- ଉତ୍ପାଦିତ ସାମଗ୍ରୀର ବିନିଯୋଗ ହିଁ ସଭ୍ୟତାର ବିକାଶର ସୂତ୍ର
- ପରମୁଖାପେକ୍ଷୀ ହେବାରେ ଆଧୁନିକ ମଣିଷର ଦୃଷ୍ଟିଭଙ୍ଗୀ
- ଦେଶୀୟ ବସ୍ତୁ ପ୍ରତି ଆକର୍ଷଣ ହୀନତା

**ବିଷୟବସ୍ତୁ :**

ନୂତନ ଆବିଷ୍କାର ଓ ଉଦ୍ଭାବନ ଯୋଗୁଁ ସାଧାରଣ ଜନତାର ବିଳାସ ସାମଗ୍ରୀ ପାଇଁ ଆକର୍ଷଣ

- ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ଏଗୁଡ଼ିକ କ୍ରୟ କରିବା ଦକ୍ଷତା ବୃଦ୍ଧି
- ଏ ବସ୍ତୁ ସବୁର ସହଜ ଉପଲବ୍ଧ
- ବିଦେଶୀ ବସ୍ତୁ ପ୍ରତି ଆକର୍ଷଣ ହେତୁ ଦେଶୀୟ ବସ୍ତୁ ପ୍ରତି ହତାଦର
- ଦେଶୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ
- ଏଥିରୁ ମୁକ୍ତି ପାଇଁ ଦେଶୀୟ ବସ୍ତୁ ପ୍ରତି ଆକର୍ଷଣ ବୃଦ୍ଧି ପ୍ରୟାସ
- ସରକାରୀ ଉଦ୍ୟୋଗ
- ସ୍ୱଦେଶୀ ହେବାରେ ସ୍ୱାବଲମ୍ବନଶୀଳତାର ବୃଦ୍ଧି
- ସ୍ୱାଭିମାନର ଉତ୍‌ଥାନ

**ଉପସଂହାର :**

- ବିଦେଶୀ ବସ୍ତୁ ପ୍ରତି ଅତ୍ୟଧିକ ଆକର୍ଷଣରୁ ମାନସିକ ପରାଧୀନତା।
- ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସ୍ୱଦେଶୀ ଚିନ୍ତା – ବସ୍ତୁ ପ୍ରତି ଅଧିକ ସଚେତନତା ଏକ ଜାତୀୟ ପ୍ରବୃତ୍ତି ହେବା ଉଚିତ।

୩. **ରାଜନୀତି ଓ ଛାତ୍ର**

**ଉପକ୍ରମ :**

- ରାଜନୀତିର ସଂଜ୍ଞା
- ଛାତ୍ରର ସ୍ୱରୂପ ଓ ମହତ୍ୱ

**ବିଷୟବସ୍ତୁ :**

- ରାଜନୀତିର ସ୍ୱରୂପ – ପ୍ରକୃତ ଓ ବାସ୍ତବ
- ଛାତ୍ର ନିକଟରେ ତା'ର ଭବିଷ୍ୟତ
- ପରିବାର ଓ ଗୁରୁଜନଙ୍କର ଆଶା ଓ ବିଶ୍ୱାସର ରୂପ – ବର୍ତ୍ତମାନର ପରିପ୍ରେକ୍ଷୀରେ ଛାତ୍ରର ରାଜନୈତିକ କାର୍ଯ୍ୟକଳାପ ସହିତ ସଂପୃକ୍ତି।
- ଆବଶ୍ୟକତା
- ଦୁରୁପଯୋଗ ହେବାର ଆଶଙ୍କା

**ଉପସଂହାର :**

ରାଜନୀତିକ ବାତାବରଣ ସହିତ ଛାତ୍ରର ଅତ୍ୟଧିକ ସଂପୃକ୍ତି ହେଲେ ସେମାନେ ଲକ୍ଷ୍ୟଚ୍ୟୁତ ହେବା ଆଶଙ୍କିତ ହୋଇଥାଏ – ତେଣୁ ରାଷ୍ଟ୍ରର ଭବିଷ୍ୟ ଗଠନ ପାଇଁ ରାଜନୀତି ଓ ଶିକ୍ଷା ଉପରେ ଯଥାଯଥ ସନ୍ତୁଳିତ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା।

## ଗୁଣ ଦୃଷ୍ଟିରୁ ପ୍ରବନ୍ଧ ଦୁଇ ପ୍ରକାରର

୧. **ବସ୍ତୁନିଷ୍ଠ**

- ଅଜ୍ଞାତ ବା ସ୍ୱଳ୍ପଜ୍ଞାତ ବସ୍ତୁକୁ ପରିଚିତ କରାଇବା
- ବିଚାରଶୀଳତା ଓ ଚିନ୍ତାଶୀଳତା ମାଧ୍ୟମରେ ପ୍ରକାଶ କରିବା
- ଜ୍ଞାନପ୍ରବଣ
- ଗୁରୁସ୍ଥାନରେ ରହି ଶିକ୍ଷା ପ୍ରଦାନ
- ଗୁରୁଗମ୍ଭୀର
- ବିଚାର ବା ବୋଧଜ୍ଞାନରୁ ସୃଷ୍ଟି
- ଯୁକ୍ତି ଓ ପ୍ରମାଣ ମାଧ୍ୟମରେ ମତାମତର ପୁଷ୍ଟି ସାଧନ ଆବଶ୍ୟକ
- ନ ଜାଣିଥିବା ବସ୍ତୁ/ଘଟଣା/ଇତ୍ୟାଦି ସମ୍ପର୍କରେ ଯୁକ୍ତି ଓ ପ୍ରମାଣ ମାଧ୍ୟମରେ ବିଚାରଶୀଳ ବକ୍ତବ୍ୟର ଉପସ୍ଥାପନା ଏଥିରେ ଘଟେ।

**ବସ୍ତୁନିଷ୍ଠ ପ୍ରବନ୍ଧର କେତେକ ଉଦାହରଣ**

୧. ଟେଲିଭିଜନ

୨. ଐତିହାସିକ ସ୍ଥାନ ଭ୍ରମଣ

୩. ବେକାରୀ ସମସ୍ୟା

୪. ସ୍ୱାସ୍ଥ୍ୟ ସମସ୍ୟା

୫. ବନୀକରଣ

୬. ପର୍ଯ୍ୟାବରଣ ସୁରକ୍ଷା

୭. କାଳିଆ ଯୋଜନା

୮. ସମୟାନୁବର୍ତ୍ତିତା

୯. କୁଟୀର ଶିଳ୍ପ

୧୦. ସବୁଜ ବିପ୍ଳବ

**୨. ବ୍ୟକ୍ତିନିଷ୍ଠ**

- ଭାବ ବ୍ୟଞ୍ଜକ
- ଆବେଗ ଏହାର ଭିତ୍ତି
- ଅନୁଭୂତି ବା ହୃଦୟରୁ ନିଷ୍ପନ୍ନ
- ବ୍ୟକ୍ତିଗତ ରୁଚି, ଭାବନା ପ୍ରକାଶିତ
- ବ୍ୟକ୍ତିଗତ ଚିନ୍ତାବସ୍ତୁ ସାର୍ବିକ ମହତ୍ତ୍ୱ ଲାଭ କରିବା ଆବଶ୍ୟକ
- ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟକ୍ତିତ୍ୱର ପ୍ରକାଶ ଏଥିରେ ଘଟିଥାଏ
- ରମ୍ୟ ରଚନା ପ୍ରାୟ ଏଇ ପର୍ଯ୍ୟାୟର ଅନ୍ତର୍ଭୁକ୍ତ

**ବ୍ୟକ୍ତିନିଷ୍ଠ ପ୍ରବନ୍ଧର କେତେକ ଉଦାହରଣ**

୧. ତୁମର ପ୍ରିୟ ଲେଖକ

୨. ସାହିତ୍ୟ ସଭା

୩. ଦେଖିଥିବା ପୁସ୍ତକ ମେଳା

୪. ଧର୍ମସଭା

୫. ଭବିଷ୍ୟତର ଲକ୍ଷ୍ୟ

**ସେହିପରି ନିମ୍ନ ବିଷୟରେ ପ୍ରବନ୍ଧ ଲେଖିବାର ଅଭ୍ୟାସ କରାଯାଇପାରେ ଏବଂ କେଉଁ ଦୃଷ୍ଟିଭଙ୍ଗୀ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ତାହାକୁ ନୋଟ୍ ଖାତାରେ ଲେଖି ରଖାଯାଇପାରେ**

- ପ୍ରିୟ ଖେଳାଳି
- ପ୍ରିୟ ଲେଖକ
- ଉପସ୍ଥିତ ଥିବା ଏକ ସାହିତ୍ୟ ସଭା
- ପୁସ୍ତକ ଗଠନର ଅଭ୍ୟାସ
- ଲେଖିବା ଅଭ୍ୟାସ
- ଖାଦ୍ୟ ରଚି
- ସୁସ୍ଥ ଶରୀର ସୁସ୍ଥ ମନ
- ଯୋଗାଭ୍ୟାସ
- ଆମ ଅଞ୍ଚଳର ଏକ ବିଶିଷ୍ଟ ପର୍ବ
- ଓଡ଼ିଆର ସ୍ୱାଭିମାନ
- ୨୦୨୦ ମସିହାର ରଥଯାତ୍ରା
- ଅନ୍‌ଲାଇନ୍ ପାଠପଢ଼ା
- କର୍ମଯୋଗାଣ
- ନିଯୁକ୍ତି ମେଳା
- ପୁସ୍ତକ ମେଳା
- ପ୍ରତ୍ୟୁତ୍ପନ୍ନମତିତା
- ଆପଣା ମହତ ଆପେ ରଖି
- ଐତିହାସିକ ସ୍ଥାନ ଦର୍ଶନ
- ଧାର୍ମିକ ଅନୁଷ୍ଠାନ
- ମୋ ଭବିଷ୍ୟତ

# ପ୍ରତଲିଖନ

**ପରୀକ୍ଷାରେ ଦୁଇଟି ପ୍ରଶ୍ନ ପଡ଼ିବ। ଗୋଟିକର ଉତ୍ତର ଦେବାକୁ ହେବ। ସମୁଦାୟ ୫ ନମ୍ବରରୁ ମୂଲ୍ୟାୟନ କରାଯିବ**

- ସମ୍ବାଦ ପ୍ରେରଣର ଏକ ମାଧ୍ୟମ।
- ଡାକଘରେ ଦାଖଲ କରାଯାଇ ପାରେ।
- କୋରିଅର କମ୍ପାନୀ ମାଧ୍ୟମରେ ଏହା ପଠାଯାଇପାରେ।
- ବ୍ୟକ୍ତି ବା ଅନୁଷ୍ଠାନରେ ବ୍ୟକ୍ତିଗତ ଭାବରେ ଦିଆଯାଇପାରେ।

ଭିନ୍ନ ଭିନ୍ନ ପ୍ରକାରର ପତ୍ରର ବ୍ୟବହାର ଅଛି। ସେଗୁଡ଼ିକର ଲିଖନ ପଦ୍ଧତି ବା ଆଙ୍ଗିକ ମଧ୍ଯ ଭିନ୍ନ ଭିନ୍ନ।

**ପତ୍ରର ପ୍ରଭାରଭେଦ ଓ ସେଗୁଡ଼ିକର ଲିଖନ ପଦ୍ଧତି ବା ଆଙ୍ଗିକ**

**୧. ବ୍ୟକ୍ତିଗତ ବା ଘରୋଇ ପତ୍ର :**

ଜଣେ ନିଜର ବ୍ୟକ୍ତିଗତ ଭାବ, ସମସ୍ୟା, ଅନୁଭୂତି ଇତ୍ୟାଦି ବର୍ଣ୍ଣନା କରି ନିଜର ପରିଚିତ / ବନ୍ଧୁବାନ୍ଧବ / ଗୁରୁଜନ / ଲଘୁଜନମାନଙ୍କୁ ପ୍ରେରଣ କରିପାରେ।

**ଏହାର ଆଙ୍ଗିକ ବା ରଚନାବିଧି**

- ଦକ୍ଷିଣ ପାର୍ଶ୍ୱର ଉପରେ ସ୍ଥାନ ଓ ଦିନାଙ୍କ
- ବାମ ପାର୍ଶ୍ୱରେ ସମ୍ବୋଧନ ଓ ସମ୍ବୋଧନ ପରେ 'କମା' ରହିବ
- ଆରମ୍ଭରେ ଗୁରୁଜନମାନଙ୍କୁ ସମ୍ମାନ ଜ୍ଞାପନ ଓ ଲଘୁଜନମାନଙ୍କୁ ଆଶିଷ ପ୍ରଦାନ କରାଯାଇଥାଏ। ଏଥିପାଇଁ ଗୋଟିଏ ପାରାଗ୍ରାଫ୍ ବ୍ୟବହୃତ ହୁଏ।
- ପତ୍ର ଲେଖିବାର ଉଦ୍ଦେଶ୍ୟ ସହିତ ପତ୍ରର ବିଷୟବସ୍ତୁ ପାଇଁ ଅନ୍ୟ ଏକ ପାରାଗ୍ରାଫ୍ ବ୍ୟବହାର କରାଯାଏ।
- ପତ୍ରର ସମାପ୍ତି ପାଇଁ ଅନ୍ୟ ଏକ ଅନୁଚ୍ଛେଦ ବ୍ୟବହୃତ ହୁଏ।
- ପରିସମାପ୍ତିରେ ଦକ୍ଷିଣ ପାର୍ଶ୍ୱର ଶେଷରେ 'ଇତି' ଏବଂ ପ୍ରେରକ ଓ ପ୍ରାପକଙ୍କ ସମ୍ପର୍କ ଭିତ୍ତିରେ ନିଜର ପରିଚୟ ପ୍ରଦତ୍ତ ହୁଏ। ଯଥା:- ଶୁଭେଚ୍ଛୁ ଭାଇ, ହିତାକାଙ୍କ୍ଷୀ, କିମ୍ବା ସ୍ନେହର, ସ୍ନେହବଦତ ଇତ୍ୟାଦି ଲେଖାଯାଇ ସମ୍ପର୍କ ସୂଚିତ ହୁଏ।
- ଶେଷରେ ଠିକଣା ସ୍ତମ୍ଭରେ : ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କ ଠିକଣା ଓ ବାମ ପାର୍ଶ୍ୱରେ ପ୍ରେରକଙ୍କ ଠିକଣା ପ୍ରଦାନ କରିବାକୁ ହୁଏ।

**ନମୂନା**

ସମ୍ବୋଧନ; ସ୍ଥାନ :
(ସମ୍ପର୍କ ଅନୁଯାୟୀ) ତାରିଖ :
ଆଶିଷ ଭିକ୍ଷା ବା ସମ୍ମାନ ଜ୍ଞାପନ
ବିଷୟବସ୍ତୁ
ଉପସଂହାର

ଇତି
ସମ୍ପର୍କ ଅନୁସାରେ
ପରିଚୟ

ଠିକଣା

| ପ୍ରେରକ | ପ୍ରାପକ (ଟିକେଟ) |
|---|---|

**୨. ଆବେଦନ ପତ୍ର / ଦରଖାସ୍ତ**

- ଏହା ଆନୁଷ୍ଠିକ
- ବ୍ୟକ୍ତିଗତ ସୁଖ ଦୁଃଖର ଅବକାଶ ରହେନାହିଁ
- ସରକାରୀ ବା ବେସରକାରୀ ଅନୁଷ୍ଠାନର ଅଧିକାରୀମାନଙ୍କୁ ଏହା ଲେଖାଯାଏ।
- ବିଭାଗୀୟ କର୍ତ୍ତୃପକ୍ଷ, ଅନୁଷ୍ଠାନର ମୁଖ୍ୟ ଇତ୍ୟାଦିଙ୍କୁ ଏହା ଲେଖାଯାଏ।
- ବ୍ୟକ୍ତିଗତ, ଗୋଷ୍ଠୀଗତ ଅଥବା ସାମୂହିକ ସମସ୍ୟାର ଉଲ୍ଲେଖ ସହିତ ତାହାର ସମାଧାନ ପାଇଁ ଏଥିରେ ପ୍ରାର୍ଥନା ବା ଦାବୀ ଉପସ୍ଥାପନ କରାଯାଏ।

ଏଭଳି ପତ୍ର ରଚନା ନିମିତ୍ତ ନିର୍ଦ୍ଦିଷ୍ଟ ରଚନା ପଦ୍ଧତି ବା ଆଙ୍ଗିକର ବ୍ୟବହାର କରାଯାଏ

ସମୁଦାୟ ପତ୍ରକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ।

**ପ୍ରଥମ ଭାଗଟି ଏହାର ସମ୍ବୋଧନ ଭାଗ**

- ବାମପାର୍ଶ୍ୱରେ ସଂପୃକ୍ତ ସଂସ୍ଥାର ଅଧିକାରୀଙ୍କୁ ସମ୍ବୋଧନ ରହିବ।
- ଏଥିରେ ସଂପୃକ୍ତ ଅଧିକାରୀଙ୍କ ପଦବୀ, ଅଞ୍ଚଳ (କାର୍ଯ୍ୟାଳୟ)ର ନାମ, ଜିଲ୍ଲା ଇତ୍ୟାଦି ରହିବ।

(ଯଦି ଏହା ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ ଏକ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ହୁଏ - ତେବେ କାର୍ଯ୍ୟାଳୟର ପତ୍ର ସଂଖ୍ୟା ଓ ତାରଖ ପ୍ରଦତ୍ତ ହୋଇପାରେ)

- ଦରଖାସ୍ତ ବା ଆବେଦନ ପତ୍ର ସମ୍ପର୍କୀୟ ସୂଚନା ବନ୍ଧନୀ ମଧ୍ୟରେ ପ୍ରଦତ୍ତ ହେବ।
- ପତ୍ର ଉଲ୍ଲିଖିତ ସମସ୍ୟା ସମ୍ପର୍କରେ ଯଦି ସଂପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କ ବ୍ୟକ୍ତିଗତ ଅନ୍ୟ କେହି ଅଧସ୍ତନ କର୍ତ୍ତୃପକ୍ଷ ଜାଣିବା ଆବଶ୍ୟକ ହୁଏ - ତେବେ ବନ୍ଧନୀ ମଧ୍ୟରେ ତାଙ୍କ ଜରିଆରେ - ବା ମାଧ୍ୟମରେ ବୋଲି ଲେଖିବାକୁ ହେବ।
- ସମ୍ବୋଧନରେ ମହାଶୟ / ମହାଶୟା ବୋଲି ଉଲ୍ଲେଖ କରିବାକୁ ହେବ।

**ବିଷୟ ବର୍ଣ୍ଣନା ଏହାର ଦ୍ୱିତୀୟ ସ୍ତର**

- ଏଥିରେ ପତ୍ରପ୍ରେରକଙ୍କର ଅଭିପ୍ରାୟ ଓ ବିଷୟର ପ୍ରବେଶ ରହିବ।
- ଏହାପରର ଅନ୍ୟ ଏକ ଅନୁଚ୍ଛେଦରେ ସମସ୍ୟାର ଉତ୍‌ଥାପନ, ସମସ୍ୟାରୁ ଭୋଗୁଥିବା ଦୁଃଖ ବା ଅସୁବିଧା ଇତ୍ୟାଦିର ବର୍ଣ୍ଣନା ରହିବ।

**ତୃତୀୟ ସ୍ତର - ଉପସଂହାର**

- ଏଥିରେ ସମସ୍ୟାର ସମାଧାନର ପନ୍ଥାର ସୂଚନା ଦିଆଯାଇପାରେ ନଚେତ୍ ସମାଧାନ ପାଇଁ ବିହିତ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଅନୁରୋଧ କରାଯାଇପାରେ।
- ଦରଖାସ୍ତର ଅନ୍ତିମ ଭାଗରେ - ଦକ୍ଷିଣ ପାର୍ଶ୍ୱରେ 'ଇତି', ବିଶମ୍ବଦ, ବିନୀତ, ଗୁଣମୁଗ୍ଧ - ଇତ୍ୟାଦି ପରେ ପ୍ରେରକଙ୍କ ନାମ ରହିବ। ପ୍ରେରକ ଯଦି ଗୋଷ୍ଠୀ ବା ସମୂହ ହୋଇଥିବେ ତେବେ ସେମାନଙ୍କର ନାମ ବା ଦସ୍ତଖତ ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଏବଂ ତାରିଖ ରହିବ।
- ତଳେ ଠିକଣାରେ ପ୍ରାପକଙ୍କ ପଦବୀ ଓ କାର୍ଯ୍ୟାଳୟ ଉଲ୍ଲେଖ ହେବ ଓ ପ୍ରେରକଙ୍କ ନାମ ଓ ଠିକଣା ରହିବ।

**୩. ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର**

- ମୁଦ୍ରିତ ମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଓ ବିଶେଷ ମାଧ୍ୟମ।
- ଜନତା, ଗୋଷ୍ଠୀ, ଅଞ୍ଚଳ ଇତ୍ୟାଦିର ସମସ୍ୟା, ଅସନ୍ତୋଷ

  କର୍ତ୍ତୃପକ୍ଷଙ୍କର ଉଦାସୀନତା ବା କାର୍ଯ୍ୟଦକ୍ଷତା ଅବା ଅବହେଳା, ଦୁର୍ନୀତି ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟ ଓ ପଦକ୍ଷେପ ଇତ୍ୟାଦି ସମ୍ପର୍କରେ ଏଥିରେ ମତାମତ ପ୍ରକାଶିତ ହୁଏ
- ବ୍ୟକ୍ତିବିଶେଷ / ଅନୁଷ୍ଠାନର କର୍ତ୍ତୃପକ୍ଷ ବା ସରକାରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ ହୁଏ।
- ଏହା ସଂକ୍ଷିପ୍ତ, ତଥ୍ୟାଶ୍ରୟୀ ଓ ସମସ୍ୟାର ଭୟାବହତା ଓ ତାର ଆପାତଃ ସମାଧାନର ସୂଚନା ଏଥିରେ ପ୍ରଦତ୍ତ ହୋଇଥାଏ।

**ଆରମ୍ଭରେ :**

- ସମ୍ବାଦ ପତ୍ରର ସମ୍ପାଦକଙ୍କର କାର୍ଯ୍ୟାଳୟଗତ ଠିକଣା ରହିବ।
- ବାମ ପାର୍ଶ୍ୱରେ ସମ୍ବୋଧନ ରହିବ

  (ବନ୍ଧନୀରେ ବର୍ଣ୍ଣିତ ହେବାକୁ ଥିବା ସମସ୍ୟାର ସୂଚନା ରହିବ)

**ମଧ୍ୟଭାଗରେ :**

- ସମସ୍ୟା, ସମସ୍ୟା ପାଇଁ ଉପୁଜୁଥିବା ଅସୁବିଧା ଏବଂ ସମାଧାନର ଆପାତଃ ଉପାୟ ଇତ୍ୟାଦି ଅନ୍ୟ ଏକ ଅନୁଚ୍ଛେଦରେ ରହିବ।

**ଉପସଂହାର :**

- ଏଥିରେ ବିଚାର ଓ ନିଷ୍ପତ୍ତି ପାଇଁ ଅନୁରୋଧ ରହିବ।
- ପତ୍ରର ଦକ୍ଷିଣ ପାର୍ଶ୍ୱରେ 'ଇତି', 'ଆପଣଙ୍କର ସୌଜନ୍ୟମୁଗ୍ଧ' ଭଳି ସମ୍ମାନ ସୂଚକତା ଜ୍ଞାପିତ ହେବ।

**ଶେଷରେ :** ବାମ ପାର୍ଶ୍ୱରେ ସ୍ଥାନ ଏବଂ ଦିନାଙ୍କ ରହିବ

**ଶେଷରେ ଠିକଣା ପର୍ଯ୍ୟାୟରେ**

- ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କ ପଦବୀ, କାର୍ଯ୍ୟାଳୟର ଠିକଣା ଓ ବାମ ପାର୍ଶ୍ୱରେ ପ୍ରେରକଙ୍କ ଯୋଗାଯୋଗ ନିମିତ୍ତ ଠିକଣା ରହିବ।

**୪. ବାଣିଜ୍ୟିକ / ବ୍ୟାବସାୟିକ ପତ୍ର**

କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବସ୍ତୁକ୍ରୟ, ବିକ୍ରୟ, ବସ୍ତୁର ନିର୍ଦ୍ଧାରିତ ମାନ ସମ୍ପର୍କୀୟ ଅଭିଯୋଗ; ଯୋଗାଣ ସଂକ୍ରାନ୍ତୀୟ ବିଳମ୍ବ ଇତ୍ୟାଦି ସମ୍ପର୍କରେ ହେଉଥିବା ଯୋଗାଯୋଗ ଏହି ଶ୍ରେଣୀର। ଏଥିରେ ମୂଲ୍ୟ ନିର୍ଦ୍ଧାରଣ, ଯୋଗାଣ ସମ୍ପର୍କୀୟ ସର୍ତ୍ତ, ଅର୍ଥ ଆଦାନ ପ୍ରଦାନ ସମ୍ପର୍କୀୟ ଚୁକ୍ତି ବିଷୟକ ସୂଚନା ମଧ୍ୟ ଏଥିରେ ଦିଆଯାଇଥାଏ।

**ଲକ୍ଷଣ:** ସଂକ୍ଷିପ୍ତ, ସ୍ୱଷ୍ଟ, ମାର୍ଜିତ, ଆବେଗଶୂନ୍ୟ ଓ ନିୟମବଦ୍ଧ ହେବା ଆବଶ୍ୟକ।

**ପ୍ରଥମ ପର୍ଯ୍ୟାୟ :**

- ସଂପୃକ୍ତ ସଂସ୍ଥା ବା ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଗତ ପଦବୀ ସମ୍ପର୍କିତ ସମ୍ବୋଧନ ରହିବ।
- ପତ୍ରର ବିଷୟ (ବନ୍ଧନୀ ମଧ୍ୟରେ)
- ପୂର୍ବ ଯୋଗାଯୋଗ ପତ୍ର ସଂଖ୍ୟା ତା ଦିନାଙ୍କର ସୂଚନା ଆବଶ୍ୟକ ସ୍ଥଳେ ରହିବ। (ବନ୍ଧନୀ ମଧ୍ୟରେ)
- ମହାଶୟ / ମହାଶୟା ଭଳି ସମ୍ବୋଧନ ରହିବ।

**ଦ୍ୱିତୀୟ ପର୍ଯ୍ୟାୟ :**

- ଦୃଷ୍ଟି ଆକର୍ଷଣ ପାଇଁ ସୂଚନା ପାଇଁ ଗୋଟିଏ ଅନୁଚ୍ଛେଦ।
- ପର ଅନୁଚ୍ଛେଦରେ ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ।
- ଅନ୍ୟ ଏକ ଅନୁଚ୍ଛେଦରେ ପ୍ରସ୍ତାବିତ କାର୍ଯ୍ୟାବଳୀ ବା ପଦକ୍ଷେପ ନେବା ସମ୍ପର୍କରେ ସୂଚନା ଏଥିରେ ରହିବ।

**ଉପସଂହାର :**

- ପତ୍ରର ପାର୍ଶ୍ୱରେ 'ଇତି' ସହିତ 'ବିଶ୍ୱସ୍ତ' ଏବଂ ପତ୍ର ପ୍ରେରକଙ୍କର ନାମ, ପଦବୀ, ବ୍ୟବସାୟିକ ପ୍ରତିଷ୍ଠା ଇତ୍ୟାଦିର ସୂଚନା ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଏବଂ ଦିନାଙ୍କ ରହିବ।
- ବାମ ପାର୍ଶ୍ୱରେ ବିଶେଷ ଦ୍ରଷ୍ଟବ୍ୟ (ବି.ଦ୍ର.)- ଶିରୋନାମାରେ ପୂର୍ବ ଅଭିଜ୍ଞତା; ପୂର୍ବ ପତ୍ରାଳାପର ନକଲ ଇତ୍ୟାଦି ସମ୍ପର୍କରେ ସୂଚନା ପ୍ରଦତ୍ତ ହେବ।
- ବସ୍ତୁର କ୍ରୟ କିମ୍ବା ଫେରସ୍ତ କାଳରେ ସେଗୁଡ଼ିକର ତାଲିକା ପ୍ରସ୍ତୁତ ହୋଇ ଏଥିରେ ସଂଯୁକ୍ତ ହୋଇପାରେ।
- ଏବଂ ଶେଷରେ ଠିକଣାରେ

  ଦକ୍ଷିଣ ପାର୍ଶ୍ୱରେ ପ୍ରାପକଙ୍କର ନାମ, ପଦବୀ, କାର୍ଯ୍ୟାଳୟର ଠିକଣା

  ଓ ବାମ ପାର୍ଶ୍ୱରେ ପ୍ରେରକଙ୍କର ନାମ, ପଦବୀ ଓ ଅନୁଷ୍ଠାନ ବା କାର୍ଯ୍ୟାଳୟର ଠିକଣା ରହିବ।

**୫. ନିମନ୍ତ୍ରଣ ପତ୍ର**

ବିବାହ, ବ୍ରତ, ପର୍ବପର୍ବାଣୀ, ବିଗ୍ରହ ପ୍ରତିଷ୍ଠା, ଗୃହ ପ୍ରତିଷ୍ଠା, ଉଦ୍‌ଘାଟନ ସମାରୋହ, ସଭାସମିତି ଆଦି ସାମାଜିକ ଅନୁଷ୍ଠାନମାନଙ୍କରେ ଯୋଗଦେବା ପାଇଁ ଏ ପ୍ରକାର ପତ୍ର ରଚିତ ହୋଇଥାଏ।

- ପତ୍ରର ଉପର ଅଂଶ ଆରମ୍ଭରେ ମଙ୍ଗଳ ସୂଚକ 'ଶ୍ଳୋକ'ଟିଏ ଦିଆଯାଏ।
- ମହାଶୟ / ମହାଶୟା ଆଦି ସମ୍ବୋଧନ (ପତ୍ରର ବାମ ପାର୍ଶ୍ୱରେ) ଏବଂ ସମ୍ବୋଧନ ପରେ କମା ରହିବ।
- ଉତ୍ସବର ପରିଚୟ
- ତାରିଖ, ସମୟ ପ୍ରଦତ୍ତ ହେବ।
- ଅନ୍ୟ ଏକ ଅନୁଚ୍ଛେଦରେ ଯୋଗ ଦେବା ପାଇଁ ପ୍ରାର୍ଥନା ରହିବ।
- ପତ୍ରର ଦକ୍ଷିଣ ପାର୍ଶ୍ୱର ଶେଷରେ 'ଇତି' 'ଆପଣଙ୍କର ଦର୍ଶନାଭିଳାଷୀ / ଆଗମନ ପ୍ରତୀକ୍ଷାରେ' ଇତ୍ୟାଦି ପରେ ପ୍ରେରକଙ୍କ ନାମ ରହିବ।
- ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ ପ୍ରସ୍ତୁତ ହେଉଥିଲେ – ଅନୁଷ୍ଠାନର କର୍ମକର୍ତ୍ତାଙ୍କର ନାମ ତଳକୁ ପଦବୀ ରହିବ।
- ନମନ୍ତ୍ରଣ ଦେଉଥିବା ବ୍ୟକ୍ତି ବା ଅନୁଷ୍ଠାନର ଠିକଣା ରହିବ।
- ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ରହିବ।
- ସର୍ବଶେଷରେ କାର୍ଯ୍ୟସୂଚୀ / ନିର୍ଘଣ୍ଟର ସୂଚନା ସଂଯୁକ୍ତ ହେବ।
- ଏତଦ୍‌ବ୍ୟତୀତ ବିବାହ ନିମନ୍ତ୍ରଣ ପତ୍ରର ଆରମ୍ଭର ଉପରେ 'ଓଁ ଶ୍ରୀ ପ୍ରଜାପତୟେ ନମଃ' ରହିବ ଏବଂ ଆଙ୍ଗିକରେ ଅନ୍ୟାନ୍ୟ ଅବୟବ ଅପରିବର୍ତ୍ତିତ ରହିବ।
- ମାତ୍ର ଦଶାହ ବା ଏକାଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ପ୍ରସ୍ତୁତ ନିମନ୍ତ୍ରଣ ପତ୍ରର ଉପର ଅଂଶରେ '୮ ଓଁ ଗଙ୍ଗା' ବୋଲି ଉଲ୍ଲିଖିତ ହେବ।
- ସମୁଦାୟ ପତ୍ରଟି କେବଳ କଳା କାଳିରେ ଛାପା ହେବ।
- ଉପସଂହାରରେ ଦକ୍ଷିଣ ପାର୍ଶ୍ୱର ଶେଷରେ

  'ଇତି'

  ଆପଣଙ୍କର ହତଭାଗ୍ୟ/ଭାଗ୍ୟହୀନ

  ପୁତ୍ର/କନ୍ୟା ଇତ୍ୟାଦି

  ନିବେଦକଙ୍କର ନାମ ରହିବ
- ବାମ ପାର୍ଶ୍ୱରେ ସ୍ଥାନ ଓ ଦିନାଙ୍କ ସହିତ ଶେଷରେ କାର୍ଯ୍ୟସୂଚୀ ରହିବ।

## କେତେକ ପତ୍ରର ଅନୁଶୀଳନୀ

- ଗାଁ ପୁଷ୍କରିଣୀ ପରିଷ୍କାର ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ
- ଗାଁ ଶ୍ମଶାନର ପୁନରୁଦ୍ଧାର ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ
- ଗାଁରେ ବିଦ୍ୟୁତ୍ ସରବରାହର ସ୍ଥିରତା ପାଇଁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ପତ୍ର ।
- ଗ୍ରାମ ପାଠାଗାରକୁ କେତେକ ଗ୍ରନ୍ଥାବଳୀ ଯୋଗାଣ ପାଇଁ ଏକ ପୁସ୍ତକ ପ୍ରକାଶନ ସଂସ୍ଥାକୁ ପତ୍ର ।
- ଜଳବାହିତ ରୋଗର ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗର କର୍ତ୍ତୃପକ୍ଷଙ୍କୁ ପତ୍ର ।
- ଖେଳପଡ଼ିଆକୁ ସ୍କୁଲ୍ ସହିତ ସଂଯୁକ୍ତ କରୁଥିବା ରାସ୍ତା ମରାମତି ପାଇଁ ଉନ୍ନୟନ ଅଧିକାରୀଙ୍କୁ ପତ୍ର ।
- ବିବାହ ଉତ୍ସବ ପାଳନ ପାଇଁ ଗୋଷ୍ଠୀକେନ୍ଦ୍ରକୁ ଯୋଗାଇ ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ।
- ସାନଭାଇକୁ ଛାତ୍ରାବାସରେ ରଖାଇବା ପାଇଁ କଲେଜ ଅଧକ୍ଷଙ୍କୁ ପତ୍ର ।
- କଲେଜରେ ନେଇଥିବା ବିଷୟ ପରିବର୍ତ୍ତନ ପାଇଁ ଅଧକ୍ଷଙ୍କୁ ପତ୍ର ।
- ଛାତ୍ରାବାସରୁ ତିନିଦିନ ଛୁଟିରେ ଯିବା ପାଇଁ ତତ୍ତ୍ୱାବଧାରକଙ୍କୁ ପତ୍ର ।
- ତୁମ ଜେଜେଙ୍କର ବାର୍ଦ୍ଧକ୍ୟଭତ୍ତାଧାରୀ ତାଲିକାରେ ନାମ ଉଠାଇବା ପାଇଁ ବ୍ଲକ ଉନ୍ନୟନ ଅକାରୀଙ୍କୁ ପତ୍ର ।
- ଗ୍ରାମର ଜନୈକ ନିରାଶ୍ରୟା ରୁଗ୍ଣ ବୃଦ୍ଧାଙ୍କୁ ଚିକିତ୍ସାରେ ସହାୟତା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ ।
- ବେଆଇନ୍ କ୍ୟାବିନ୍ ବସାଇ ରାସ୍ତା ଅବରୋଧ କରୁଥିବା ଦର୍ଶାଇ ପଞ୍ଚାୟତ ବା ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଦରଖାସ୍ତ ।
- ପ୍ରଶ୍ନପତ୍ରରେ ତ୍ରୁଟି ଦର୍ଶାଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପତ୍ର ।
- ସାନ ଭଉଣୀର ବିବାହ ନିମନ୍ତ୍ରଣ ପତ୍ର ।
- ସ୍କୁଲର ପ୍ରଧାନଶିକ୍ଷକଙ୍କ ଅବସର ଉତ୍ସବ ପାଳନ ସଂକ୍ରାନ୍ତୀୟ ସମ୍ବାଦ ପ୍ରକାଶନ ପାଇଁ ଗୋଟିଏ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ।
- ହାତୀ ଉପଦ୍ରବରେ ଫସଲ ହାନୀ ହେଉଥିବା ଦର୍ଶାଇ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ।
- ତୁମ ପାଖ ଜଙ୍ଗଲରୁ କାଠ ମାଫିଆଙ୍କ କାଠଚୋରୀ ଦର୍ଶାଇ ବନଖଣ୍ଡର କର୍ତ୍ତୃପକ୍ଷଙ୍କୁ ପତ୍ର ।
- କରୋନା ଭାଇରସ୍‌ର ପ୍ରତିଷେଧକ ଭାବରେ ତୁମ ଗାଁର ଯୁବକ ସଂଘ ନେଇଥିବା ପଦକ୍ଷେପସବୁ ଜଣାଇ ସମ୍ବାଦପତ୍ରକୁ ପତ୍ର ।
- ବୃକ୍ଷରୋପଣର ଉପକାରିତା ଦର୍ଶାଇ ସାନ ଭାଇ ପାଖକୁ ପତ୍ର ।
- ଐତିହାସିକ ସ୍ଥାନ ଦର୍ଶନ ପାଇଁ ଯବା ନିମିତ୍ତ ଅନୁମତି ଭିକ୍ଷା କରି ବାପାଙ୍କ ନିକଟକୁ ପତ୍ର ।
- ଜନ୍ମଦିନ ପାଳନର ବିବରଣୀ ଦେଇ ସାଙ୍ଗ ନିକଟକୁ ପତ୍ର ।
- ମୋବାଇଲ୍ ଚୋରୀ ସମ୍ପର୍କରେ ପୁଲିସ୍ ଥାନାରେ ଅଭିଯୋଗ ପତ୍ର ।
- ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପାଇଁ ଆର୍.ଟି.ଓ.ଙ୍କୁ ଦରଖାସ୍ତ ।

# ବ୍ୟାକରଣ

## ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା

**ପ୍ରତ୍ୟେକ ବିଭାଗରୁ ଚାରିଗୋଟି ଲେଖାଏଁ ପ୍ରଶ୍ନ ଆସିବ। ସେଥିରୁ ଦୁଇଟି ଲେଖାଏଁର ଉତ୍ତର ଦେବାକୁ ହେବ। ପ୍ରତି ଠିକ୍ ଉତ୍ତର ପାଇଁ ୧ ନମ୍ବର ଲେଖାଏଁ ମିଳିବ।**

### ବିଶେଷ୍ୟ

ପ୍ରଶ୍ନ : କାହାକୁ କହନ୍ତି ?

ଉତ୍ତର : ବାକ୍ୟ ମଧ୍ୟରେ ବ୍ୟବହୃତ ପଦ ଯଦି ନାମକୁ ବୁଝାଉଥିବ - ତାହା ବିଶେଷ୍ୟ।

ପ୍ରଶ୍ନ : ଭାବ ଦୃଷ୍ଟିରୁ ଏହା କେତେ ପ୍ରକାର ?

ଉତ୍ତର : ପାଞ୍ଚ ପ୍ରକାର।

ପ୍ରଶ୍ନ : ନାମବାଚକ ଓ ସଂଜ୍ଞାବାଚକ ବିଶେଷ୍ୟ ଭିତରେ ପ୍ରଭେଦ କ'ଣ ?

ଉତ୍ତର : ପ୍ରଭେଦ ନାହିଁ।

ପ୍ରଶ୍ନ : ନିମ୍ନବାକ୍ୟରେ ନାମବାଚକ ବିଶେଷ୍ୟ କିଏ ?

"ଆଦିକବି ସାରଳାଦାସ ମହାଭାରତ ରଚନା କରିଥିଲେ।"

ଉତ୍ତର : ସାରଳାଦାସ ଓ ମହାଭାରତ।

ପ୍ରଶ୍ନ : 'ଓଡ଼ିଶା ଗୋଟିଏ ଗ୍ରାମବହୁଳ ରାଜ୍ୟ' - ଏ ବାକ୍ୟରେ ନାମବାଚକ ବିଶେଷ୍ୟ କିଏ ?

ଉତ୍ତର : ଓଡ଼ିଶା

ପ୍ରଶ୍ନ : ଉପରୋକ୍ତ ବାକ୍ୟରେ 'ଗ୍ରାମ' କେଉଁବାଚକ ବିଶେଷ୍ୟ ?

ଉତ୍ତର : ଜାତିବାଚକ

ପ୍ରଶ୍ନ : 'କବିମାନଙ୍କ ମଧ୍ୟରେ କାଳିଦାସ ଶ୍ରେଷ୍ଠ।' ଏ ବାକ୍ୟରେ ଜାତିବାଚକ ବିଶେଷ୍ୟ କିଏ ?

ଉତ୍ତର : କବି

ପ୍ରଶ୍ନ : ନାମବାଚକ ବିଶେଷ୍ୟ କିଏ ?

ଉତ୍ତର : କାଳିଦାସ

ପ୍ରଶ୍ନ : କୌଣସି ବସ୍ତୁକୁ ଯେତେ ଭାଙ୍ଗିଲେ ବି ଅବଶେଷରେ ନାମରେ ପରିବର୍ତ୍ତନ ନ ଘଟିଲେ ତାକୁ କ'ଣ କୁହାଯାଏ ?

ଉତ୍ତର : ବସ୍ତୁବାଚକ ବିଶେଷ୍ୟ

ପ୍ରଶ୍ନ : ବସ୍ତୁବାଚକ ବିଶେଷ୍ୟର ଉଦାହରଣ ଦିଅ।

ଉତ୍ତର : କାଠ, ପାଣି, ସୁନା, ଲୁହା, କାଗଜ, ପଥର ଇତ୍ୟାଦି

ପ୍ରଶ୍ନ : ଏ ସବୁରୁ ତିଆରି ବସ୍ତୁଗୁଡ଼ିକ କେଉଁ କେଉଁ ବିଶେଷ୍ୟର ଅନ୍ତର୍ଭୁକ୍ତ ?

ଯଥା - ଖଟ, ଚେୟାର, ଟେବୁଲ, କବାଟ

ସରବତ୍, ବରଫ

କାନଫୁଲ, ମୁଦି

ଶାବଳ, କଡ଼େଇ, ଖଡ଼ିକା

ବହି, ଖାତା

ମୂର୍ତ୍ତି - ପଥର ବାସନ ଇତ୍ୟାଦି ସବୁ

ଉତ୍ତର : ଜାତିବାଚକ ବିଶେଷ୍ୟ।

**ଗୁଣଗୁଡ଼ିକର ନାମ - ଗୁଣବାଚକ ବିଶେଷ୍ୟ**

ଯେପରି, ଦୟା, କ୍ଷମା, ମମତ୍ୱ, ମୈତ୍ରୀ, ଦାୟିତ୍ୱ, କରୁଣା ଇତ୍ୟାଦି।

ଅବସ୍ଥା - ଯଥା, ଶୈଶବ, ବାର୍ଦ୍ଧକ୍ୟ, ଯୌବନ ଇତ୍ୟାଦି ମଧ୍ୟ ଏହି ପର୍ଯ୍ୟାୟରେ।

ପ୍ରଶ୍ନ : 'ସାଧୁତା ଏକ ବିଶେଷ ଗୁଣ'। କେଉଁଟି ବିଶେଷ୍ୟ ପଦ ?

ଉତ୍ତର : ସାଧୁତା

ପ୍ରଶ୍ନ : 'ଯୌବନରେ ଶ୍ରୀରାମ ବନବାସ କରିଥିଲେ'। ଏ ବାକ୍ୟରେ ଯୌବନରେ କେଉଁ ପଦ ?

ଉତ୍ତର : ଅବସ୍ଥାବାଚକ ବିଶେଷ୍ୟ

**କ୍ରିୟାର ନାମକୁ ବୁଝାଇଲେ କ୍ରିୟାବାଚକ ବିଶେଷ୍ୟ ହୁଏ।**

ଯଥା - ପହଁରିବା, ଖାଇବା, ଦେଖିବା, ଶୁଣିବା, ଶୋଇବା, ଖାଇବା, ପଢ଼ିବା, ଲେଖିବା ଇତ୍ୟାଦି।

ପ୍ରଶ୍ନ : ନିମ୍ନ ଶବ୍ଦପୁଞ୍ଜରେ କେଉଁଗୁଡ଼ିକ ବିଶେଷ୍ୟ ପଦ।

ରାମ, ସୁନା, ଯିବା, ସେମାନେ, ଆହା, ସୁନ୍ଦର

କୃଷ୍ଣ, ସୌନ୍ଦର୍ଯ୍ୟ, ପତି, କିନ୍ତୁ ଯାଇଥିଲେ।

ଦୁଷ୍ଟ, କଲମ, ବହି, ହସିବା, ଆସନ୍ତୁ, ମାତ୍ର

କେତେବେଳେ, ଓହୋ; ଇଟା, ମାଟି, ଯାହା

ନାଚିବା, ଦୌଡୁଛି, ଖେଳୁଛି, ଶୁଣିଲେ, ଭାତ

ଉତ୍ତର : ଏ'ସବୁ କ୍ଷେତ୍ରରେ ରେଖାଙ୍କିତ ପଦଗୁଡ଼ିକ ବିଶେଷ୍ୟ ପଦ ଅଟନ୍ତି।

ପ୍ରଶ୍ନ : **ରେଖାଙ୍କିତ ପଦଗୁଡ଼ିକ କି ପ୍ରକାର ବିଶେଷ୍ୟ ?**

(କ) ସାରଳା ଦାସ ଚଣ୍ଡୀପୁରାଣ ଲେଖିଥିଲେ ?

ଉତ୍ତର : ନାମବାଚକ ବିଶେଷ୍ୟ।

(ଖ) ସାହସର ସହିତ ବିପଦର ସମ୍ମୁଖୀନ ହୁଅ।

ଉତ୍ତର : ଗୁଣବାଚକ ବିଶେଷ୍ୟ।

(ଗ) ଦେବାଠାରୁ ପୁଣ୍ୟ ନାହିଁ।

ଉତ୍ତର : କ୍ରିୟାବାଚକ ବିଶେଷ୍ୟ।

(ଘ) ଟେବୁଲ ଉପରେ କଲମ ଅଛି।

ଉତ୍ତର : ଟେବୁଲ୍ ବସ୍ତୁବାଚକ

କଲମ – ନାମବାଚକ

(ଙ) ହିମାଳୟ ବିଶ୍ୱର ସର୍ବୋଚ୍ଚ ପର୍ବତ।

ଉତ୍ତର : ହିମାଳୟ – ନାମବାଚକ

ପର୍ବତ – ଜାତିବାଚକ

ପ୍ରଶ୍ନ : **ବିଶେଷ୍ୟ ପଦଗୁଡ଼ିକ ଚିହ୍ନାଅ।**

(କ) ରୂପା ଏକ ମୂଲ୍ୟବାନ ଧାତୁ।

ଉତ୍ତର : ରୂପା, ଧାତୁ

(ଖ) ପାଣି ପିଇବ ଛାଣି।

ଉତ୍ତର : ପାଣି

(ଗ) ରାଧାନାଥ ଓଡ଼ିଶାର ବିଖ୍ୟାତ କବି।

ଉତ୍ତର : ରାଧାନାଥ, ଓଡ଼ିଶାର, କବି

## ବିଶେଷଣ

**ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଓ ନିର୍ଦ୍ଦିଷ୍ଟତାକୁ ବୁଝାଇଲେ ବିଶେଷଣ ପଦ ହୁଏ।**

ପ୍ରଶ୍ନ : **ନିମ୍ନ ବାକ୍ୟରେ ଥିବା ବିଶେଷଣ ପଦକୁ ଚିହ୍ନାଅ।**

(କ) ଆମ୍ବଟି ଅତ୍ୟନ୍ତ ମଧୁର।

ଉତ୍ତର : ଅତ୍ୟନ୍ତ

(ଖ) କଲିକତାର ଦୃଶ୍ୟ ଅତୀବ ମନୋରମ।

ଉତ୍ତର : ଅତୀବ

(ଗ) ହରିଣଟି ବେଗରେ ଦୌଡୁଛି।

ଉତ୍ତର : ବେଗରେ

(ଘ) ପବନ ଅତି ଧୀରେ ବହୁଅଛି।

ଉତ୍ତର : ଅତି

(ଙ) ଶିକ୍ଷକ ପିଲାମାନଙ୍କୁ ପ୍ରାଞ୍ଜଳ ଭାବରେ ବ୍ୟାକରଣ ବୁଝାଇ ଦେଲେ।

ଉତ୍ତର : ପ୍ରାଞ୍ଜଳ

(ଚ) ଉଡ଼ନ୍ତା ଚଢ଼େଇ ଧରିବା ଅସମ୍ଭବ।

ଉତ୍ତର : ଉଡ଼ନ୍ତା

(ଛ) ସୁଶୀଳ ଛାତ୍ର ସଫଳତା ପାଆନ୍ତି।

ଉତ୍ତର : ସୁଶୀଳ

(ଜ) ଛିଣ୍ଡା ସପରେ ଶୁଅନାହିଁ।

ଉତ୍ତର : ଛିଣ୍ଡା

(ଝ) ପୁସ୍ତକର ତୃତୀୟ ଗଳ୍ପ ମୋତେ ଭଲ ଲାଗେ।

ଉତ୍ତର : ତୃତୀୟ

(ଞ) ମୋତେ ଦଶଟଙ୍କା ଧାର ଦେଇଥିବ।

ଉତ୍ତର : ଦଶ

(ଟ) ଭରଣେ ଧାନର ଦାମ୍ କେତେ ?

ଉତ୍ତର : ଭରଣେ

(ଠ) ଗରଜିଲା ମେଘ ବରଷେ ନାହିଁ।

ଉତ୍ତର : ଗରଜିଲା

(ଡ) ତାଙ୍କର ଅକ୍ଷର ଖୁବ୍ ସୁନ୍ଦର।

ଉତ୍ତର : ଖୁବ୍

(ଢ) ବର୍ଷା ବିନ୍ଦୁବିନ୍ଦୁ ପଡୁଛି।

ଉତ୍ତର : ବିନ୍ଦୁବିନ୍ଦୁ

(ଣ) ଗଛଟି ଡେଙ୍ଗା

ଉତ୍ତର : ଡେଙ୍ଗା

(ତ) ତୁମେ ଚଞ୍ଚଳ ଆସିବ।

ଉତ୍ତର : ଚଞ୍ଚଳ

ପ୍ରଶ୍ନ : ଉପଯୁକ୍ତ ବିଶେଷଣ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର।

(କ) ବୈଶାଖ ମାସରେ _______ ଖରା ହୁଏ।

ଉତ୍ତର : ଟାଣ

(ଖ) _______ ରାତିରେ ବାଟ ଦେଖାଯାଏ ନାହିଁ।

ଉତ୍ତର : ଅନ୍ଧାର

(ଗ) _______ ମେଘ ବରଷେ ନାହିଁ।

ଉତ୍ତର : ଗରଜିଲା

(ଘ) ଚିଲିକାର ପାଣି _______ ଲୁଣିଆ।

ଉତ୍ତର : ଅତ୍ୟନ୍ତ

(ଙ) _______ ପୁଅର ଭାଗ ନାହିଁ।

ଉତ୍ତର : ଶୋଇଲା

(ଚ) _______ ନାବରେ ନଦୀପାର ହେବା ବିପଦ।

ଉତ୍ତର : ଦଦରା

(ଛ) _______ ଜଳ ପାନ କରନାହିଁ।

ଉତ୍ତର : ଦୂଷିତ

(ଜ) କାବ୍ୟର _______ ଅଧ୍ୟାୟ ଗୁରୁତ୍ୱପୂର୍ଣ୍ଣ।

ଉତ୍ତର : ପ୍ରଥମ

(ଝ) ପରୀକ୍ଷାରେ _______ ଅଙ୍କ ପଡ଼ିଥିଲା।

ଉତ୍ତର : ସହଜ /ଜଟିଳ

ପ୍ରଶ୍ନ : **ନିମ୍ନ ଶବ୍ଦ ମଧ୍ୟରୁ ବିଶେଷଣ ପଦ ଚିହ୍ନାଅ।**

(କ) ଓଜନ, ରାମେଶ୍ୱର, କଳା, ପୁରୁଷ, ବେଦ

ଉତ୍ତର : ଓଜନ, କଳା

(ଖ) ଭୁସ୍‌ଭୁସ୍; ଘାସୁଆ, ନାଟକ, ଚମତ୍କାର

ଉତ୍ତର : ଭୁସ୍‌ଭୁସ୍, ଚମତ୍କାର

(ଗ) ମଧୁର, ଯେମିତି, ସାଧୁତା, ସରଳ, ଓଃ

ଉତ୍ତର : ମଧୁର, ସରଳ

(ଘ) ରାଧାନାଥ, ବିନୟୀ, ଜ୍ଞାନ, ନିଷ୍ଠୁର

ଉତ୍ତର : ବିନୟୀ, ନିଷ୍ଠୁର

## ସର୍ବନାମ

**ବିଶେଷ୍ୟ, ବିଶେଷଣ କିମ୍ବା ବାକ୍ୟାଂଶ ପରିବର୍ତ୍ତେ ଯାହା ଅର୍ଥବୋଧକତା ରକ୍ଷା କରି ବ୍ୟବହୃତ ହୁଏ – ତାହା ସର୍ବନାମ।**

ଗୁଣ ଓ ବ୍ୟବହାର ଦୃଷ୍ଟିରୁ ଏଗୁଡ଼ିକ ବହୁତ ପ୍ରକାରର, ଯେପରି –

- ମୁଁ, ତୁମ୍ଭେ, ସେ, ସେମାନେ, ଆମେ, ମୋତେ, ଆମର, ସେମାନଙ୍କର ଇତ୍ୟାଦି – ପୁରୁଷବାଚକ।
- କିଏ, କ'ଣ, କେଉଁଠି, କାହିଁକି, କାହାର, କେହି ଇତ୍ୟାଦି ପ୍ରଶ୍ନବାଚକ।
- ଯାହା, ତାହା, ସେହି, ଏଇ – ଇତ୍ୟାଦି ନିର୍ଦ୍ଦେଶାତ୍ମକ।
- କିଛି, କେହି – ବ୍ୟବହାର ଦୃଷ୍ଟିରୁ ଅନିଶ୍ଚିୟତାବାଚକ।
- ଯେ, ଯିଏ – ବେଳେବେଳେ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୋଇ ଦୁଇଟି ବାକ୍ୟକୁ ଯୋଗ କରନ୍ତି ଏବଂ ସମୁଚ୍ଚୟୀ ବୋଲି ଗୃହୀତ ହୁଅନ୍ତି।
- ସବୁ, ଉଭୟେ, ପ୍ରତ୍ୟେକ, ଆଉ ଇତ୍ୟାଦି ନିର୍ଣ୍ଣୟାତ୍ମକ।
- ନିଜେ, ବଳେ, ଆପେ ଇତ୍ୟାଦି ଗୁରୁତ୍ୱାରୋପକ ସର୍ବନାମ।
- ନିଜେ, ନିଜକୁ, ନିଜର, ନିଜଦ୍ୱାରା ଇତ୍ୟାଦି ଆତ୍ମବାଚକ ସର୍ବନାମ।

ପ୍ରଶ୍ନ : **ନିମ୍ନ ବାକ୍ୟରେ ଥିବା ସର୍ବନାମ ପଦକୁ ଚିହ୍ନାଇ ଦିଅ।**

(କ) ବାଳସୂର୍ଯ୍ୟଙ୍କୁ ଦେଖି ହନୁମାନ ତାହା ଖାଇବାକୁ ଲାଳାୟିତ ହେଲେ।

ଉତ୍ତର : ତାହା

(ଖ) ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲେ ବି ଏଠାରେ ବହୁତ ବସ୍ତି ରହିଛି।

ଉତ୍ତର : ଏଠାରେ

(ଗ) ବିଚାରପତି ଆଜି ତାଙ୍କର ରାୟ ଶୁଣାଇଲେ।

ଉତ୍ତର : ତାଙ୍କର

(ଘ) ଶିକ୍ଷକ ଛାତ୍ରକୁ ପଚାରିଲେ, "ତୁମ ନାମ କ'ଣ ?"

ଉତ୍ତର : ତୁମ

(ଙ) ଏ ସଂସାରକୁ ଧର୍ମ ରକ୍ଷା କରିଛି – ଏହା ଆଦୌ ଭୁଲ ନୁହେଁ।

ଉତ୍ତର : ଏହା

(ଚ) ଆମେ କେଉଁଠି ନାଚିବା ?

ଉତ୍ତର : କେଉଁଠି

ପ୍ରଶ୍ନ : **ଉପଯୁକ୍ତ ସର୍ବନାମ ବାଛି ଶୂନ୍ୟସ୍ଥାନ ପୂରଣ କର।**

(କ) ସ୍ୱାର୍ଥପର ଲୋକ ଆଗେ _______ ସୁଖ ଚାହେଁ।

ଉତ୍ତର : ନିଜର / ଆପଣାର

(ଖ) _______ ପ୍ରକୃତରେ ଉଚ୍ଚମନା, _______ ମହତ୍ତ୍ୱ ଦିନେ ନା ଦିନେ ସମସ୍ତେ ଅନୁଭବ କରିବେ।

ଉତ୍ତର : (୧) ଯିଏ, (୨) ତାଙ୍କର

(ଗ) ଯେଉଁମାନେ ପରର ଉପକାର କରନ୍ତି _______ ଧନ୍ୟ।

ଉତ୍ତର : ସେମାନେ

(ଘ) ଏ ଘଣ୍ଟାଟି _______ ତାଙ୍କୁ ଦେଇ ଦିଅ।

ଉତ୍ତର : ଯାହାର

(ଙ) _______ ଦେଶ ଯାଇ _______ ଫଳ ଖାଇ।

ଉତ୍ତର : (୧) ଯେ, (୨) ସେ

(ଚ) _______ ପରିଚୟ ସୃଷ୍ଟି କର।

ଉତ୍ତର : ନିଜେନିଜର

(ଛ) ରାମବାବୁ _______ ଆସି ପହଞ୍ଚିବେ।

ଉତ୍ତର : ବଳେ

(ଜ) ଦୁଇଟି କଲମ ମଧ୍ୟରୁ _______ ମୂଲ୍ୟବାନ।

ଉତ୍ତର : ପ୍ରତ୍ୟେକଟି

## ଅବ୍ୟୟ

**ଯେଉଁ ପଦ ରୂପ, ବଚନ, କାଳ, ବିଭକ୍ତି, କାରକ, ଲିଙ୍ଗ ଆଦି ଭେଦରେ ଆଦୌ ପରିବର୍ତ୍ତିତ ହୁଏନାହିଁ - ତାହା ଅବ୍ୟୟ।**

ବ୍ୟବହାର ଓ ଗୁଣ ଦୃଷ୍ଟିରୁ ଏହା ବିବିଧ

- ଓ, ଆଉ, ମଧ୍ୟ, ଏବଂ - ସଂଯୋଗକ
- କିନ୍ତୁ, ମାତ୍ର, ପରନ୍ତୁ, ଅଥଚ - ବିଯୋଜକ
- ସହ, ବିନା, ସହିତ - ପଦାନ୍ୱୟୀ
- ଦ୍ୱାରା, ଦେହୀ, ଠାରୁ - ବିଭକ୍ତିସୂଚକ
- ଯେବେ, କେବେ, ଅଧୁନା, ହଠାତ୍ ଇତ୍ୟାଦି - କାଳସୂଚକ
- ନ, ନା, ନଚେତ୍ ଇତ୍ୟାଦି - ନିଷେଧାର୍ଥକ
- ଯଦି, ଯେବେ, କାଳେ - ସମ୍ଭାବନାସୂଚକ
- ବାରମ୍ବାର, ଘନଘନ ଇତ୍ୟାଦି - ବୀପ୍ସାର୍ଥକ
- କାହିଁକି, କି, ପରା - ପ୍ରଶ୍ନସୂଚକ

ଆହୁରି ଏହିପରି ଅନେକ ପ୍ରକାରର

ପ୍ରଶ୍ନ : **ନିମ୍ନୋକ୍ତ ବାକ୍ୟରେ ଥିବା ଅବ୍ୟୟ ପଦ ଚିହ୍ନାଅ।**

(କ) ଠନ୍‌ଠନ୍ କରି ଘଣ୍ଟାରେ ଦଶଟା ବାଜିଲା।

ଉତ୍ତର : ଠନ୍‌ଠନ୍

(ଖ) ବ୍ୟବସାୟରେ ଲାଭ ନଚେତ୍ କ୍ଷତି ହୋଇପାରେ।

ଉତ୍ତର : ନଚେତ୍

(ଗ) ଇସ୍ - କି କଦର୍ଯ୍ୟ ଲୋକ !

ଉତ୍ତର : କି

(ଘ) ଫଡ଼୍‌ଫଡ଼୍ କରି ଚଢ଼େଇ ଉଠିଗଲେ।

ଉତ୍ତର : ଫଡ଼୍‌ଫଡ଼୍

(ଙ) ସତ୍ୟ ଛଡ଼ା ଜୀବନରେ ପୂର୍ଣ୍ଣତା ନାହିଁ।

ଉତ୍ତର : ଛଡ଼ା

(ଚ) ଯଦି ସେ ଆସିବେ, ମୁଁ ଯିବି।

ଉତ୍ତର : ଯଦି

(ଛ) ଅବଶ୍ୟ ତାଙ୍କୁ ଆସିବାକୁ ହେବ।

ଉତ୍ତର : ଅବଶ୍ୟ

ପ୍ରଶ୍ନ : **ଉପଯୁକ୍ତ ଅବ୍ୟୟ ପଦ ଦେଇ ଶୂନ୍ୟସ୍ଥାନ ପୂରଣ କର।**

(କ) ମଣିଷ __________ ଅନୀତି କରିବ, ଦଣ୍ଡ ପାଇବ।

ଉତ୍ତର : ଯଦି

(ଖ) ଗୋବିନ୍ଦ ଭୁଲ କଲା __________ ଦଣ୍ଡ ପାଇଲା।

ଉତ୍ତର : ତେଣୁ

(ଗ) ଭାନୁ __________ ରାନୁ କେହି ଜଣେ ହେଲେ ଚଳିବ।

ଉତ୍ତର : କିମ୍ବା

(ଘ) ଜୀବନ __________ ଯୌବନ ଚିରସ୍ଥାୟୀ ନୁହେଁ।

ଉତ୍ତର : ଓ

(ଙ) ମୁଁ ତାଙ୍କୁ __________ ପିଜୁଳି ଦେଲି, ସେ ମୋତେ __________ ଆମ୍ବ ଦେଲେ।

ଉତ୍ତର : ଯେତିକି, ସେତିକି

(ଚ) __________ ତାଙ୍କର ସଞ୍ଚୟ ଶେଷ ହେବାରେ ଲାଗିଲା।

ଉତ୍ତର : କ୍ରମେକ୍ରମେ

(ଛ) ଅପମାନିତ ହୋଇ ସେ ଜୀବନକୁ __________ କରିଦେଲେ।

ଉତ୍ତର : ଛି

ପ୍ରଶ୍ନ : **ନିମ୍ନ ପ୍ରଦତ୍ତ ଶବ୍ଦପୁଞ୍ଜରୁ ଅବ୍ୟୟକୁ ଚିହ୍ନାଇ ଦିଅ।**

(କ) ବିଚ୍ଛେଦ, ସୌନ୍ଦର୍ଯ୍ୟ, ଗୋବିନ୍ଦ, ମାତ୍ର

ଉତ୍ତର : ମାତ୍ର

(ଖ) ବ୍ୟବସାୟ, ବନ୍ଧୁର, ଉଦାର, ଲାଗଲାଗ

ଉତ୍ତର : ଲାଗଲାଗ

(ଗ) ନାଚିବା, କୃଷି, ବାଣିଜ୍ୟ, ବିଷ୍ଣୁ, କାଳେ

ଉତ୍ତର : କାଳେ

(ଘ) ଆହା, ଦୁଃଖୀ, ଭୋଗୀ, ଭିକ୍ଷୁକ

ଉତ୍ତର : ଆହା

(ଙ) ଯାତନା, ବେଦନା, ବିନା, ଦେଖୁଛି, ସେମାନେ

ଉତ୍ତର : ବିନା

(ଚ) ରୁବିନା, ଅଫିସ, ଏବେଏବେ, ଯାଉଛି

ଉତ୍ତର : ଏବେଏବେ

(ଛ) ପୁଲିସ୍, ଜନତା, ସାଧାରଣ, ମାତ୍ରେ, ପକଳାଇଲେ

ଉତ୍ତର : ମାତ୍ରେ

## କ୍ରିୟାପଦ

**କାର୍ଯ୍ୟ ସମ୍ପାଦିତ ହେବା ବୁଝାଇଲେ ବା ସୂଚନା ମିଳିଲେ କ୍ରିୟାପଦ ହୁଏ।**

**ଧାତୁରେ ପ୍ରତ୍ୟୟ ଯୋଗ ହୋଇ କ୍ରିୟାପଦ ସୃଷ୍ଟି ହୁଏ।**

**ମନେରଖ :**

କାର୍ଯ୍ୟ ବୁଝାଇଲେ ବିଶେଷ୍ୟ – ଯେପରି ଖାଇବା, ଶୋଇବା, ହସିବା, ଦେଖିବା ଇତ୍ୟାଦି।

କାର୍ଯ୍ୟ ସମାପ୍ତି / ସମ୍ପାଦନ ପ୍ରକ୍ରିୟାକୁ ବୁଝାଇଲେ କ୍ରିୟାପଦ କୁହାଯିବ – ଯେପରି, ଖାଇ – ଖାଉଛି, ଶୋଇ – ଶୋଇଥିଲା, ହସି – ହସୁଥିଲା, ଦେଖି – ଦେଖିବ ଇତ୍ୟାଦି ...

- **ଦ୍ୱିପ୍ରକାର କ୍ରିୟା ଦେଖାଯାଏ**

(୧) **ସମାପିକା** – ବାକ୍ୟରେ ଅର୍ଥ ସମ୍ପୂର୍ଣ୍ଣ ପ୍ରକାଶ କରୁଥିଲେ : କିମ୍ବା ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟା ଉପରେ ନର୍ଭର କରେନାହିଁ।

ଯେପରି – ଛାତରୁ **ଦେଖୁଛି**; ପରୀକ୍ଷା **ଦେଉଛି**; କପି କର **ନାହିଁ**; ଗୀତ **ଶୁଣୁଥାଅ**, ସିନେମା **ଦେଖ**।

(୨) **ଅସମାପିକା –** ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହୁଏ ନାହିଁ – ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟା ଉପରେ ନିର୍ଭର କରେ।

ଯଥା : ହାତ **ଧୋଇ**, ଗୀତ **ଶୁଣି**, ଫଳ **ଖାଇବାକୁ**, ପାନ **ଭାଙ୍ଗିବାର**, ଇତ୍ୟାଦି।

- **ପଦ ସହିତ ମିଶି ମଧ କ୍ରିୟାର ବ୍ୟବହାର ଦେଖାଯାଏ।**

(୧) **ଅମିଶ୍ର କ୍ରିୟା** – କେବଳ ଗୋଟିଏ ପଦ ରୂପେ କ୍ରିୟା ବ୍ୟବହୃତ।

ଯେପରି– ଫଳ **ବିକୁଛି**; ଆଗ୍ରହରେ **ପଢ଼ିଲି**; ଲୋଭରେ **ଖାଇଲି**;

(୨) **ମିଶ୍ର କ୍ରିୟା –** ଏକାଧିକ କ୍ରିୟାର ମିଶ୍ରଣରେ ପ୍ରସ୍ତୁତ କ୍ରିୟା :

ଯେପରି – ଫଳ ବିକ୍ରୟ କରୁଛି, ଆଗ୍ରହରେ ପଠନ କଲି, ଲୋଭରେ ଭୋଜନ କଲି। ଏସବୁଠି କ୍ରିୟା ବିଶେଷ୍ୟ ପଦ ସହ ଯୋଗ ହୋଇ କ୍ରିୟାକୁ ଏବଂ ମିଶ୍ରକ୍ରିୟାକୁ ବୁଝାଉଛି।

- **ପୁନଶ୍ଚ କର୍ମ ଆଧାରରେ କ୍ରିୟାକୁ ତିନି ଭାଗରେ ବିଭକ୍ତ କରାଯାଏ**

(୧) **ଅକର୍ମକ** – ବିନା କର୍ମରେ ବ୍ୟବହୃତ କ୍ରିୟା

ଯେପରି – ବାପା ପଢୁଛନ୍ତି, ବାସନ୍ତୀ ଗାଉଛି

(୨) **ସକର୍ମକ –** କ୍ରିୟା ପଦ ଗୋଟିଏ କର୍ମ ସହିତ ଯୁକ୍ତ ହେଲେ

ଯେପରି – ବାପା ଭାଗବତ ପଢୁଛନ୍ତି, ବାସନ୍ତୀ ଗୀତ ଗାଉଛି, ମଧୁ ଫଳ ଖାଉଛି

(୩) **ଦ୍ୱିକର୍ମକ –** ଦୁଇଟି କର୍ମ ସହ ସଂଯୁକ୍ତ ହେଲେ କ୍ରିୟା ପଦକୁ ଦ୍ୱିକର୍ମକ କ୍ରିୟା କୁହାଯାଏ। ଗୋଟିଏ ମୁଖ୍ୟ କର୍ମ, ଅନ୍ୟଟି ଗୌଣ କର୍ମ

ଯେପରି – ଶିକ୍ଷକ ବସନ୍ତକୁ ପ୍ରଶ୍ନ ପଚାରିଲେ। ବାପା ମୋତେ ଘଣ୍ଟାଟିଏ କିଣିଦେଲେ।

ଯେତେବେଳେ କ୍ରିୟାଟି କ'ଣର ଉତ୍ତର ଦିଏ ସେତେବେଳେ ତାହା ମୁଖ୍ୟ କର୍ମ।

କାହାକୁ – ଇତ୍ୟାଦିର ଉତ୍ତର ଦେଲେ ଗୌଣ କର୍ମ ହୁଏ।

- **ପ୍ରେରଣାର୍ଥକ କ୍ରିୟା**

ଅନ୍ୟକୁ ସାହାଯ୍ୟ ବା ପ୍ରେରଣା ଦେବା ବୁଝାଉଥିବା କ୍ରିୟାକୁ ପ୍ରେରଣାର୍ଥକ କ୍ରିୟା କୁହାଯାଏ।

ଯେପରି – ବ୍ୟାକରଣ ପଢ଼େଇଲେ, କ୍ଷୀର ଖୁଆଇଲେ

ପଢ଼ିବା ଓ ଖାଇବା କର୍ମ ପଢ଼େଇଲେ ଓ ଖୁଆଇଲେ ରୂପେ ଅନୁପ୍ରେରିତ ହୋଇ ବ୍ୟବହୃତ ହୋଇଛି।

ପ୍ରଶ୍ନ : **ନିମ୍ନ ବାକ୍ୟରେ ବ୍ୟବହୃତ କ୍ରିୟା ପଦକୁ ଚିହ୍ନାଅ।**

(କ) ସଚ୍ଚିନ୍‌କୁ ସମସ୍ତେ ଜାଣନ୍ତି।

ଉତ୍ତର : ଜାଣନ୍ତି

(ଖ) ଜୟଦେବଙ୍କୁ କିଏ ନ ଜାଣେ ?

ଉତ୍ତର : ଜାଣେ

(ଗ) ଆର୍ଯ୍ୟଭଟ୍ଟ ଜଣେ ଭାରତୀୟ ବିଜ୍ଞାନୀ ଥିଲେ।

ଉତ୍ତର : ଥିଲେ

(ଘ) ସାର୍ ମୋତେ ବ୍ୟାକରଣ ପଢ଼ାଇଲେ।

ଉତ୍ତର : ପଢ଼ାଇଲେ

(ଙ) ଟାଇଗର - ଦୌଡ଼ିଦୌଡ଼ି ଥକିଗଲା।

ଉତ୍ତର : ଦୌଡ଼ିଦୌଡ଼ି, ଥକିଗଲା

(ଚ) ସେ ଆସନ୍ତୁ - ମୁଁ କହିବି।

ଉତ୍ତର : ଆସନ୍ତୁ, କହିବି

ପ୍ରଶ୍ନ : **କିଏ କେଉଁ ପ୍ରକାର କ୍ରିୟା ଚିହ୍ନାଅ**

ଖେଳାଉଛି - ପ୍ରେରଣାର୍ଥକ

ଶୋଇଥିଲା - ସମାପିକା

ଶୋଉଶୋଉ - ଅସମାପିକା

ହାତୀକୁ ଦେଖିଲା - ସକର୍ମକ

ନେବି - ସମାପିକା

ଖାଇସାରି - ଅସମାପିକା

ଦେଖାଇବା - ପ୍ରେରଣାର୍ଥକ

ଖାଉଖାଉ - ମିଶ୍ରକ୍ରିୟା

ପଠନ କରୁଥିଲା - ମିଶ୍ରକ୍ରିୟା

ଗାୟନ କରିଥିଲେ - ମିଶ୍ରକ୍ରିୟା

ପଡ଼ିଯାଇ - ଅସମାପିକା କ୍ରିୟା

ପ୍ରଶ୍ନ : **ଶବ୍ଦପୁଞ୍ଜରୁ କ୍ରିୟା ପଦକୁ ଚିହ୍ନାଅ**

(କ) ସୁଦର୍ଶନ, ହଳଧର, ସଢ୍ଢେ, ଦେଖିଲେ

ଉତ୍ତର : ଦେଖିଲେ

(ଖ) ବିଶାଳ, ସାହସ, ଦେଖି, ଯେଣୁ

ଉତ୍ତର : ଦେଖି

(ଗ) ଖୁଆଇବା, ଖାଇବା, ହସିବା, ପ୍ରାଣକୃଷ୍ଣ

ଉତ୍ତର : ଖୁଆଇବା

(ଘ) ଭୋଜନ, ଗମନ, ବିଦାୟ, ଗୋପାଳ, ଦେଖୁଛି।

ଉତ୍ତର : ଦେଖୁଛି

(ଙ) କଟକ, ଜଗନ୍ନାଥ, ଭୁବନେଶ୍ୱର, ଚଳେଇଛନ୍ତି।

ଉତ୍ତର : ଚଳେଇଛନ୍ତି